

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 August 2024

Vol.No. 35 ■ No.231 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

DSPL-87

ସୁଭଦ୍ରା

# ମହିଳା ସଶକ୍ତିକରଣ ପାଇଁ ଯୁଗାନ୍ତକାରୀ ପଦକ୍ଷେପ



ମାନ୍ୟବର ପ୍ରଧାନମନ୍ତ୍ରୀ
ଶ୍ରୀ ନରେନ୍ଦ୍ର ମୋଦୀ

## ସୁଭଦ୍ରା

ଏହି ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ମହିଳାମାନଙ୍କୁ
ପ୍ରତି ବର୍ଷ ୧୦ ହଜାର ଟଙ୍କାର ସହାୟତା ରାଶି

୫ ବର୍ଷରେ ପାଇବେ
ମୋଟ ୫୦ ହଜାର ଟଙ୍କା

ଧନ୍ୟବାଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ



ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀ

- ଉପକୃତ ହେବେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା
- ପାଞ୍ଚ ବର୍ଷରେ ବ୍ୟୟ ହେବ ୫୫ ହଜାର ୮୨୫ କୋଟି ଟଙ୍କା

### ପ୍ରମୁଖ ବିଶେଷତା

୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ବୟସର ସମସ୍ତ ଯୋଗ୍ୟ ମହିଳା ହେବେ ଉପକୃତ

ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ସହରାଞ୍ଚଳରେ ସର୍ବାଧିକ ପରିମାଣର ଡିଜିଟାଲ କାରବାର କରୁଥିବା ୧୦୦ ଜଣ ହିତାଧିକାରୀଙ୍କୁ ଅତିରିକ୍ତ ୫୦୦ ଟଙ୍କା ପ୍ରୋତ୍ସାହନ ରାଶି

ବାର୍ଷିକ ଦୁଇଟି କିସ୍ତିରେ ୧୦,୦୦୦ ଟଙ୍କା ଅର୍ଥରାଶି ପ୍ରଦାନ

ରାକ୍ଷୀ ପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସ (ମାର୍ଚ୍ଚ ୮ ତାରିଖ)ରେ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ

ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ୍ (APBS) ମାଧ୍ୟମରେ ହିତାଧିକାରୀଙ୍କ ଆଧାର ସଂଯୋଜିତ ବ୍ୟାଙ୍କ୍ ଖାତାକୁ ସିଧାସଳଖ ଅର୍ଥରାଶି ପ୍ରଦାନ



## ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର

OIPR: 46005/13/0006/2425

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ପୁରୀ,୨୮/୦୮ (ନି.ପ୍ର):ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଆଜି କାକଟପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୫୦ ଗୋଟି ଅଭିଯୋଗ ମିଳିଥିଲା। ସେଥି ମଧ୍ୟରୁ ୪୫ ଗୋଟି ବ୍ୟକ୍ତିଗତ,୪ ଗୋଟି ଗ୍ରାମ ସମସ୍ୟା ଓ ଗୋଟିଏ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କିତ ଅଭିଯୋଗ ରହିଥିଲା। ତତକ୍ଷାଣତ ୫ ଗୋଟି ଅଭିଯୋଗ ର ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଏସ ପି ପିନାକ ମିଶ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,କାକଟପୁର ବିଡ଼ିଓ, କାକଟପୁର ତହସିଲଦାର, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

କନ୍ଧମାଳ,୨୮/୦୮ (ନି.ପ୍ର): ଆଇନସେବା ପ୍ରାଧିକରଣ ସ୍ୱେଚ୍ଛାସେବୀଙ୍କ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ ତରଫରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜଜ୍ -ତଥା- ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ ଶ୍ରୀଯୁକ୍ତ ସତ୍ୟପୀର ମିଶ୍ର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ଫୌଜଦାରୀ ଆଇନ, ପିଲାଙ୍କ ସମ୍ପର୍କିତ ଆଇନ, ପରିବାର ସମ୍ପର୍କିତ ଆଇନ, ଶ୍ରମ ସମ୍ବନ୍ଧୀୟ ଆଇନ, ନାଲ୍ସା ସ୍କିମ୍, ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ କାର୍ଯ୍ୟ, ଏଲ୍.ଏସ୍.ଏମ୍.ଏସ୍. ପୋର୍ଟାଲର କାର୍ଯ୍ୟକାରିତା, ନାଲ୍ସା ହେଲ୍ପ ଲାଇନ ନଂ. ୧୫୧୦୦ ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୋରା ଜଜ୍ -ତଥା- ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍, ଫୁଲବାଣୀ ଶ୍ରୀ ସମର ବିଳାସ ବେହେରା, ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ରାଜେଶ ଦାଶ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଶ୍ରୀମତୀ ବନାଳୀ ତ୍ରିପାଠୀ, ମହିଳା କୋର୍ଟର ଆସିଷ୍ଟାଂଟ ସେସନ୍ ଜଜ୍ ଶ୍ରୀମତୀ ବିଶ୍ୱକଲ୍ୟାଣୀ ମିଶ୍ର, ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଶ୍ରୀମତୀ ଅନୁଶୀଳା ରୟ, ପ୍ରୋବେସନରେ ଥିବା ସିଭିଲ୍ ଜଜ୍ ଶ୍ରୀ ବଦ୍ରିନାଥ ବିଶ୍ୱାଳ ଏବଂ ସୁଶ୍ରୀ ଲୋପାମୁଦ୍ରା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ, ତାଲୁକ ଆଇନସେବା କମିଟି, ବାଲିଗୁଡ଼ା, ଘୁ.ଉଦୟଗିରି, ଦାରିଙ୍ଗିବାଡ଼ି, ତୁମୁଡ଼ିବନ୍ଧ ଓ କୋଟଗଡ଼ର ସମୁଦାୟ ୨୫ ଜଣ ପାରା ଲିଗାଲ ସ୍ୱେଚ୍ଛାସେବୀ ତାଲିମ ନେଇଥିଲେ ।

## ଯୋଗୀସର୍ଡାରେ ଲୋଇସିଂହା ବିଡ଼ିଓ ଏବଂ ତହସିଲଦାର ଲୋକଙ୍କ ଦ୍ୱାରା ଅଟକ

ବଲାଙ୍ଗୀର,୨୮/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଯୋଗିସର୍ଡ଼ା ଠାରେ ଆଜି ହେଉଥିଲା ପଂଚାୟତସ୍ତରୀୟ ଜନଶୁଣାଣୀ କାର୍ଯ୍ୟକ୍ରମ । ତେବେ ଏହି କାର୍ଯ୍ୟକ୍ରମକୁ ଯାଇଥିବା ଲୋଇସିଂହା ବିଡ଼ିଓ ଏବଂ ତହସିଲଦାରଙ୍କୁ ଅଟକ ରଖିଛନ୍ତି ସ୍ଥାନୀୟ ଲୋକେ। ସ୍ଥାନୀୟ ଯୋଗେଶ୍ୱର ଶୈବପୀଠର ଜମି ଜବରଦଖଲ ତଥା ପାରିପାର୍ଶ୍ୱିକ ଉନ୍ନତି କରଣକୁ ନେଇ ଗ୍ରାମରେ ଉତେଜନା ଦେଖା ଦେଇଥିବା ବେଳେ ସରକାରୀ ଅଧିକାରୀ ଗ୍ରାମରେ ଅଟକ ରହିବା ଚର୍ଚ୍ଚାର ବିଷୟ ହୋଇଛି । ଯୋଗିସର୍ଡା ଯୋଗେଶ୍ୱର ଶୈବପୀଠର ପ୍ରାୟ ୪୨ଏକର ଦେବୋତ୍ତର ଜମି ରହିଛି । ତେବେ କିଛି ମୁଷ୍ଟିମେୟ ବ୍ୟକ୍ତି ତଥା ସେବାୟତ ପରିବାର ବାବାଙ୍କ ଜମିକୁ ଆକ୍ତିଆରରେ ରଖି ବେଆଇନ ଭାବେ ନିର୍ମାଣ କାମ ଜାରି ରଖିଛନ୍ତି। ଏଥିସହିତ ପୂର୍ତ୍ତ ବିଭାଗ ତରଫରୁ ୫ଟି ଯୋଜନାରେ ମନ୍ଦିରର ଉନ୍ନତିକରଣ ସକାଶେ ଚାଲିଥିବା କାମ ଅତି ମନ୍ଥର ଗତିରେ ଚାଲିଛି। ଦାୟିତ୍ୱରେ ଥିବା ଠିକାଦାର ନିଜ ମର୍ଜି ମୁତାବକ କେବଳ ମନ୍ଦିର ଭିତରେ କାମ ଚାଲୁ ରଖିଥିବାବେଳେ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତିକରଣ ପ୍ରତି ଧ୍ୟାନ ଦେଉନଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ପୂର୍ବରୁ ସ୍ଥାନୀୟ ବାସିନ୍ଦା ତଥା ମନ୍ଦିର ପରିଚାଳନା କମିଟି ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଉତ୍ୟକ୍ତ ଲୋକେ ଆଜି ଜନଶୁଣାଣୀ କାର୍ଯ୍ୟକ୍ରମକୁ ବାତିଲ କରି ଲୋଇସିଂହା ବିଡ଼ିଓ ଅକ୍ଷୟ ପାଣି ଉତ୍ତୁ, ତହସିଲଦାର ସଂଘମିତ୍ରା କାଲୋ ତଥା ଅନ୍ୟାନ୍ୟ ଅଧିକାରୀଙ୍କୁ ଦୀର୍ଘ ସମୟ ଧରି ଅଟକ ରଖିଥିବା ଜଣାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଅଧିକାରୀ ଗଣ ଅଟକ ରହିଥିବା ବେଳେ ଲୋଇସିଂହା ପୋଲିସ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ଜଣାଯାଇଛି।

## ପ୍ରଶାନ୍ତ ମହାସାଗରରେ ଗ୍ଲେସିୟର ତରଳିବା ହେତୁ ସମୁଦ୍ର ପଉନ ଦ୍ରୁତ ଗତିରେ ବଢ଼ୁଛି

ନୂଆଦିଲ୍ଲୀ ,୨୮/୦୮ ବିଶ୍ୱ ସ୍ତରରେ ସମୁଦ୍ର ପଉନ ଦ୍ରୁତ ଗତିରେ ବୃଦ୍ଧି ପାଉଛି ।ଜୀବାଶ୍ମ ଇନ୍ଧନର କ୍ରମାଗତ ଜଳିବା କାରଣରୁ ପୃଥିବୀର ତାପମାତ୍ରା ବୃଦ୍ଧି ହେତୁ ଶକ୍ତିଶାଳୀ ଓ ମୋଟା ବରଫ ଚଟାଣ ତରଳି ଯାଉଛି ।ସମୁଦ୍ର ଗରମ ହେତୁ ଜଳ ଅଣୁଗୁଡିକ ବିସ୍ତାର ହେଉଛି ।ରିପୋର୍ଟ ଅନୁସାରେ ପ୍ରଶାନ୍ତ ମହାସାଗରରେ ଜଳସ୍ତର ତରଳିବାର ହାର ଅଷ୍ଟ୍ରେଲିଆର ଉତ୍ତର ଓ ପୂର୍ବରେ ବହୁତ ଅଧିକ ।ଗ୍ଲୋବାଲ ୱାର୍ମିଂ ଯୋଗୁଁ ପୃଥିବୀ ପୃଷ୍ଠର ତାପମାତ୍ରାକ୍ରମାଗତ ଭାବେ ବୃଦ୍ଧି ପାଉଛି ଯେଉଁ କାରଣରୁ ଗ୍ଲେସିୟର ତରଳି ଯାଉଛିଏବଂ ସମୁଦ୍ର ଜଳସ୍ତର ଅତ୍ୟଧିକ ବୃଦ୍ଧି ପାଉଛି ।ଏହାରି ମଧ୍ୟରେ ବିଶ୍ୱ ପାଣିପାଗ ବିଭାଗ ମଙ୍ଗଳବାର ପ୍ରକାଶିତ ରିପୋର୍ଟରେ କୁହାଯାଇଛି ପ୍ରଶାନ୍ତ ମହାସାଗରର ଜଳସ୍ତର ହାରାହାରି ଠାରୁ ଅଧିକ ବୃଦ୍ଧି ପାଉଛି ।ଏହି କାରଣରୁ ନିମ୍ନ ମାନର ଦ୍ୱୀପପୁଞ୍ଜର ବହୁତ ଅଂଚଳ ଜଳମଗ୍ନ ହେବାର ଆଶଙ୍କା ରହିଛି ।ସର୍ବଭାରତୀୟ ସ୍ତରରେ ସମୁଦ୍ର ପଉନ ଦ୍ରୁତ ଗତିରେ ବଢୁଛି ।ବିଶ୍ୱ ପାଣିପାଗ ବିଭାଗର ରିପୋର୍ଟରେ ଦର୍ଶାଯାଇଛି ଯେ ପ୍ରଶାନ୍ତ ମହାସାଗରୀୟ,ଅଷ୍ଟ୍ରେଲିଆର ଉତ୍ତର ଏବଂ ପୂର୍ବରେ ଦୁଇଟି ମାପ କ୍ଷେତ୍ରରେ ହାରାହାରି ବାର୍ଷିକ ବୃଦ୍ଧି ଯଥେଷ୍ଟ ଅଟେ ।ଗତ ୩ ଦଶନ୍ଧିରେ ଏହି ବିଶ୍ୱ ସ୍ତରୀୟ ବୃଦ୍ଧି ପ୍ରତିବର୍ଷ ୩.୪ ମିଲିମିଟର ଥିଲା ।୧୯୮୦ ମସିହାରୁ ଏହି ଜଳସ୍ତର ବୃଦ୍ଧି ପାଉଛି ।ଯେଉଁ କାରଣରୁ ସମୁଦ୍ର ଉପକୁଳରେ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ।କୁକ ଦ୍ୱୀପପୁଞ୍ଜ ଓ ଫ୍ରେଂଚ ପଲିନେସିଆ ପରି ଦ୍ୱୀପପୁଞ୍ଜରେ ଏଭଳି ଅନେକ ଘଟଣା ଘଟିଛି ।ଏପରି ଘଟଣା ବେଳେବେଳେ ଟ୍ରପିକାଲ ସାଇକ୍ଲୋନିକ ଯୋଗୁଁ ଘଟିଥାଏ ।ବୈଜ୍ଞାନିକ ମତ ଅନୁସାରେ ଜଳବାୟୁ ପରିବର୍ତ୍ତନ କାରଣରୁ ଏହି ଘଟଣା ଆହୁରି ତୀବ୍ର ହୋଇପାରେ ।କାରଣ ସମୁଦ୍ର ପୃଷ୍ଠର ତାପମାତ୍ରା ବଢୁଛି ।ଡବ୍ଲୁଏମଓ ରିପୋର୍ଟରେ ଦର୍ଶାଯାଇଛି ଯେ ୨୦୨୩ ମସିହାରେ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଝଡ ଓ ବନ୍ୟା ପରି ୩୪ ରୁ ଅଧିକ ବିପଦ ଆଶଙ୍କା ସାମ୍ନାକୁ ଆସିଛି ।ଯାହା ଫଳରେ ୨୦୦ ଲୋକଙ୍କର ମୃତ୍ୟୁ ମଧ ଘଟିଛି ।ବିଶ୍ୱ ପାଣିପାଗ ବିଭାଗର ପ୍ରବକ୍ତା କହିଛନ୍ତି ପ୍ରସାନ୍ତ ମହାସାଗର ଦ୍ୱିପପୁଞ୍ଜରେ ଜଳସ୍ତର ବୃଦ୍ଧି ଅଧିକ ହେବ ।କାରଣ ସେମାନଙ୍କର ହାରାହାରି ଉଚ୍ଚତା ସମୁଦ୍ର ପଉନଠାରୁ ମାତ୍ର ଦୁଇ ମିଟର ଉଚ୍ଚରେ ।

## ରୁଗୁଡ଼ିପଡ଼ା ଦୁର୍ଗାପୂଜା ପାଇଁ ମୃତିକା ଅନୁକୂଳ

ବଲାଙ୍ଗୀର,୨୮/୦୮ (ନି.ପ୍ର): ରୁଗୁଡ଼ିପଡ଼ା ଶାରଦୀୟ ଦୁର୍ଗାପୂଜା ପାଇଁ ମୃତିକା ଅନୁକୂଳ କରାଯାଇଛି। ମୂର୍ତି ନିର୍ମାଣ ପାଇଁ ରୀତିନୀତି ଅନୁସାରେ ମଙ୍ଗଳବାର ମୃତିକା ସଂଗ୍ରହ କରାଯାଇଛି। ମୃତିକା ସଂଗ୍ରହ ପରଠୁ ପ୍ରତିମା ନିର୍ମାଣ କାମ ଆରମ୍ଭ ହେବ। ଚଳିତ ବର୍ଷ କର୍ତା ଭାବେ ଆକାଶ ପଣ୍ଡା ଓ ପତ୍ନୀ ପଦ୍ମାଳୟା ପଣ୍ଡା ଦାୟିତ୍ୱ ତୁଳାଉଛନ୍ତି। ମଙ୍ଗଳବାର ପୂଜା କମିଟି କର୍ମକର୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ବାହାରି ବିଲ୍ୱବୃକ୍ଷ ଠାରେ ପୂଜାର୍ଚ୍ଚନା କରିଥିଲେ। ଦୁର୍ଗା ମଣ୍ଡପ ଠାରେ ଏହି ପବିତ୍ର ମାଟିକୁ ପୂଜାର୍ଚ୍ଚନା କରାଯାଇ ପ୍ରତିମା ପ୍ରସ୍ତୁତି ଆରମ୍ଭ ହୋଇଥାଏ। ପୂଜା କାର୍ଯ୍ୟରେ ପୂଜକ ନିରଞ୍ଜନ ମହାପାତ୍ର, ବିଶେଶ୍ୱର ପୁଝାରୀ, ହିମାଂଶୁ ଶେଖର ପାଢୀ, ନାରାୟଣ ପଣ୍ଡା, ସନ୍ତୋଷ କୁମାର ପଣ୍ଡା, ଲକ୍ଷ୍ମୀ ନାରାୟଣ ମହାରଣା, ବୁବୁନ ନାୟକ, ଡମ୍ବରୁ ପସାୟତ, ଗଣେଷ ସେଠ, ସ୍ୱସ୍ତିକ ସାହୁ। ପୂଜା କମିଟିର ସଭାପତି ଚେତନାନନ୍ଦ ପଣ୍ଡା, ଉପ-ସଭାପତି ସଂଜିବ ଶତପଥି, ପ୍ରଦୀପ ପଟ୍ଟନାୟକ, କୋଷାଧକ୍ଷ ଦେବାଶିଷ ମହାକୁର ଉପସ୍ଥିତ ଥିଲେ। ସଂଜୟ ପୁଝାରୀ, ଲାଲମୋହନ ପଣ୍ଡା, ଶ୍ରୀକାନ୍ତ ରାଉତ, ଆନନ୍ଦ ସାହୁ, ଅର୍ମାନ ଆଚାର୍ଯ୍ୟ, ପ୍ରମୋଦ ସାହୁ, ଗୋପାଳ ବହିଦାର, କୁଳଦିପ ପଣ୍ଡା, ଗୋପିନାଥ ଚନ୍ଦନ, ତପନ ସେଠ, ରାଜା ରାଉତ, ସୁମିତ ବଗର୍ତି, ରାହୁଲ ସେଟ୍, ନିଲେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ଜିଲ୍ଲାପାଳଙ୍କ ଜଟଣୀ ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୮/୦୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲାପାଳ ଚଂଚଳ ରାଣାଙ୍କ ଜଟଣୀ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶବିର ରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ପ୍ରତାପ ଚନ୍ଦ୍ର ବେ ଉରା, ଉପ ଜିଲ୍ଲାପାଳ, ଭୁବନେଶ୍ୱର ମହେନ୍ଦ୍ର ପଣ୍ଡା, ଡେପୁଟୀ କଲେକ୍ଟର, ଅଭିଯୋଗ ସୁଶ୍ରୀ ଶ୍ରୀତପା ମିଶ୍ର, ବି.ଡି.ଓ, ଜଟଣୀ ରଶ୍ମିତା ନାଥ, ତହସିଲଦାର ଜଟଣୀ ପ୍ରୀତି ପର୍ଣ୍ଣା ମିଶ୍ର, ଏ.ସି.ପି, ଜୋନ -୪, ଭୁବନେଶ୍ୱର ଯୋଗ ଦେଇ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଅବକାରୀ ଅଧିକ୍ଷକ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ନିର୍ବାହୀ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ, ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ଓ ନିର୍ବାହୀ ଯନ୍ତ୍ରୀ ଜଳ ନିଷ୍କାସନ ଖଣ୍ଡଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବିଭିନ୍ନ ଲାଇନ ଡିପାର୍ଟମେଂଟର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଯୋଗଦେଇ ଥିଲେ । ଆଜିର ଯୁଗ୍ମ ଅଭିଯୋଗ ଶୁଣାଣିକୁ ୯୦ ଗୋଟି ମୋଟ ଅଭିଯୋଗ ଆସିଥିଲାବେଳେ ତନ୍ମଧ୍ୟରୁ ୮୦ ଗୋଟି ବ୍ୟକ୍ତିଗତ, ଗ୍ରାମୀଣ ସମସ୍ୟା ଜନିତ ୮ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ଜନିତ ୧ ଗୋଟି ଥିବାବେଳେ ସହାୟତା ରାଶି ବାବଦକୁ ଟ ୨୦,୦୦୦/-ଙ୍କା ଏବଂ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ ଜନିତ ୧ ଗୋଟି ଦରଖାସ୍ତ ଆସିଥିବାବେଳେ ଜିଲ୍ଲାପାଳ ଟ.୧୦,୦୦୦ଙ୍କା ସହାୟତା ରାଶି ଅନୁମୋଦନ କରିଥିଲେ । ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ସାମାଜିକ ସୁରକ୍ଷା, ଗ୍ରାମୀଣ ଜଳଯୋଗାଣ ଓ ପରିମଳ, ଜାତୀୟ ରାଜପଥ, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ ଏବଂ ଜଳ ନିଷ୍କାସନ ଆଦି ଯୋଜନା ସମ୍ବନ୍ଧୀୟ ଥିଲା ।

## ମହାପ୍ରଭୁ ଜଗନ୍ନାଥଙ୍କୁ ଅପମାନିତ କରିବା ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର,୨୮/୦୮ (ନି.ପ୍ର): ସାରା ବିଶ୍ୱର ଠାକୁର ମହାପ୍ରଭୁ ଜଗନ୍ନାଥଙ୍କୁ ବିଜେପିର ସରକାର ଏବଂ ବିଜେପିର ନେତାମାନେ ଅପମାନିତ କରିଆସୁଅଛନ୍ତି। ଓଡ଼ିଆ ଅସ୍ମିତାର ଦୁହାଇ ଦେଇ ସରକାରକୁ ଆସିଥିବା ବିଜେପି ସରକାର କ୍ଷମତା ଲୋଭରେ ଅନ୍ଧ ହୋଇ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜକୁ ଜଗନ୍ନାଥଙ୍କ ସହିତ ତୁଳନା କରିବାକୁ ମଧ ପଛାଉ ନାହାନ୍ତି। ଏହାର ପ୍ରତିବାଦରେ ରାଜ୍ୟ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ମୋହନ ଚରଣ ମାଝୀଙ୍କର କୁଶପୁତଳିକା ଦାହ କରାଯାଇଥିଲା। ମଙ୍ଗଳବାର କଂଗ୍ରେସ ଭବନ ଠାରୁ ଏକ ବିଶାଳ ରାଲିରେ ଯୁବ କଂଗ୍ରେସର କର୍ମକର୍ତାମାନେ ହାତରେ ନଡ଼ିଆ ଧରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଯାଇଥିଲେ। ଶ୍ରୀ ପାତ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ନେଇ ବିଜେପି ନିର୍ବାଚନ ପୂର୍ବରୁ ମଧ ରାଜନୀତି କରିଆସୁଥିଲା। ସେତେବେଳର ବିଜେପିର ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର କହିଥିଲେ ମହାପ୍ରଭୁ ଜଗନ୍ନାଥ ନରେନ୍ଦ୍ର ମୋଦୀଙ୍କ ଭକ୍ତ ବୋଲି। ଏବେ ମୋହନ ମାଝୀ ନିଜକୁ ଜଗନ୍ନାଥ ବୋଲି କହିଲେଣି। ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ଏବଂ ସାରା ବିଶ୍ୱର ମହାପ୍ରଭୁଙ୍କ ଭକ୍ତମାନଙ୍କର ଭାବବେଗ ସହିତ ଖେଳ ଖେଳୁଥିବା ବିଜେପି ସରକାର ଏବଂ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତୁରନ୍ତ ସାରା ଓଡ଼ିଶାବାସୀଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ନଚେତ ଆଗାମୀ ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଯେଉଁ ଜିଲ୍ଲାକୁ ଯିବେ ତାଙ୍କୁ ତୀବ୍ର ବିରୋଧ କରାଯିବା ସହ ମହାପ୍ରଭୁଙ୍କୁ ଭୁଲ ମାଗିବା ପାଇଁ ନିବେଦନ କରାଯିବ। ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମସ୍ତ ଜିଲ୍ଲାରେ ନଡ଼ିଆ ଅର୍ପଣ କରାଯିବ।

ଆଜିର ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭାର କଂଗ୍ରେସ ପାର୍ଥୀ ତଥା ଯୁବ କଂଗ୍ରେସ ନେତା ୟାସିର ନୱାଜ, ସୁଦୀପ ସାମଲ, ଗୋପନ ମାର୍ଥା, କାର୍ତିକ କାଣ୍ଡି, ଲକ୍ଷ୍ମୀପ୍ରିୟା ନାୟକ,ଶ୍ରୀୟାସ୍ମିତା ପଣ୍ଡା, ମିର୍ଜା ଇସ୍ଲାମ ବେଗ, ମହମ୍ମଦ ପରଭେଜ, ବଳରାମ ନନ୍ଦ, ବିରଂଚି ବାରିକ, ସୁରଜ ରାଉତ ଏବଂ ଶତାଧିକ ଯୁବ କଂଗ୍ରେସ କର୍ମକର୍ତା ଯୋଗ ଦେଇଥିଲେ।

## ଛାତ୍ରଛାତ୍ରୀଙ୍କୁ ଉଦ୍ୟମିତା ଦିଗରେ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଆୟୋଜିତ

ଭୁବନେଶ୍ୱର,୨୮/୦୮ (ନି.ପ୍ର): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ଉଦ୍ୟମିତା ସେଲ୍ (ଇ-ସେଲ୍) ଅଭିନବତା, ସୃଜନଶୀଳତା ଏବଂ ଉଦ୍ୟୋଗୀ ସଫଳତାକୁ ସମ୍ମାନ ଜଣାଇ 'ଉଦ୍ୟମିତା ଦିବସ' ଅବସରରେ ଏକ ଇଣ୍ଟରାକ୍ଟିଭ୍ ଏବଂ ପ୍ରେରଣାଦାୟୀ ଅଧିବେଶନର ଆୟୋଜନ କରିଥିଲା। ଏହି ମହାନ ଦିନଟି ବହୁ ଦୂରଦୃଷ୍ଟି ସମ୍ପନ୍ନ ଉଦ୍ୟୋଗୀଙ୍କ ସଫଳତାକୁ ପୁନଃବ୍ୟାଖ୍ୟା କରି ଅପାର ମହତ୍ତ୍ୱ ବହନ କରେ ଯେଉଁମାନେ କି ଶିଳ୍ପଜଗତରେ ପରିବର୍ତ୍ତନ ଆଣିପାରିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେଯୋଗ ଦେଇ ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ର ସଭାପତି ବ୍ରହ୍ମାନନ୍ଦ ମିଶ୍ର ଏହି ସମାବେଶକୁ ସମ୍ବୋଧିତ କରି ଏହି ଅଭିନବ ଯାତ୍ରାରେ ତାଙ୍କ ଜୀବନର ଅଭିଜ୍ଞତା ବାଣ୍ଟିଥିଲେ। ଜଣେ ଅସାଧାରଣ ଟେକ୍ନୋକ୍ରାଟ୍, ଜଣେ ଉଲ୍ଲେଖନୀୟ ସଂଗଠକ ତଥା ପ୍ରେରଣାଦାୟକ ନେତା ଭାବେ ପ୍ରତିଷ୍ଠିତ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ସେ ଦର୍ଶକଙ୍କୁ ଉଦ୍ୟୋଗ ଓ ଉଦ୍ୟମିତାର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ । ଆଇଆଇଟି ଭୁବନେଶ୍ୱର, ପ୍ରଫେସର ଶ୍ରୀପଦ୍ କରମଲକର ଛାତ୍ରଛାତ୍ରୀ ଏବଂ ଅନ୍ୟମାନଙ୍କ ସହ ଆଲୋଚନା କରି ଉଦ୍ୟୋମିତା ସମ୍ବନ୍ଧରେ ନିଜର ମତାମତ ପ୍ରକାଶ କରିଥିଲେ। ଅର୍ଥନୀତିର ମେରୁଦଣ୍ଡ ଭାବରେ କାର୍ଯ୍ୟ କରୁଥିବା ଉଦ୍ୟୋଗୀମାନଙ୍କୁ ସେ ପ୍ରଶଂସା କରିଥିଲେ। ଆଇଟିଆଇ ଭୁବନେଶ୍ୱରର ରିସର୍ଚ୍ଚ ଏଣ୍ଟରପ୍ରାଇଜର୍ସିପ୍ ପାର୍କର ସିଇଓ ଡକ୍ଟର ଶୁଭଙ୍କର ପତିଙ୍କ ଦ୍ୱାରା ଇନ୍କ୍ୟୁବେସନ ପଲିସି ସମ୍ପର୍କରେ ଉପକ୍ରମ ପ୍ରଦାନ ସହିତ ଏହି ଅଧିବେଶନ ଆରମ୍ଭ ହୋଇଥିଲା। ଷ୍ଟାର୍ଟଅପ୍ ବକ୍ତା, ରିପମ୍ ବରୁହା, ଅନିର୍ବାନ୍ ମହାନ୍ତି, ପି. ବିଶ୍ୱନାଥ ପାତ୍ର ଏକ ଉଦ୍ୟୋଗୀ ହେବା ପାଇଁ ଆବଶ୍ୟକ ଗୁଣଗୁଡ଼ିକ ଉପରେ ଏକ ପ୍ରେରଣାଦାୟକ ବାର୍ତ୍ତା ଦେଇଥିଲେ । ହୋପୁନ୍ ଇନୋଭେସନ୍ସର ପ୍ରତିଷ୍ଠାତା ଶ୍ରୀ ରିପମ୍ ବରୁହା ତାଙ୍କର ଉଦ୍ୟମିତା ଯାତ୍ରା ବିଷୟରେ ଉଲ୍ଲେଖ କରିଥିଲେ। ହୋପୁନ୍ ଇନୋଭେସନ୍ସ ସୌରଚାଳିତ ରିଭର୍ସ ଟ୍ରାଇକ୍ ଏବଂ ଅନ୍ୟାନ୍ୟ ମାଇକ୍ରୋ-ମୋବିଲିଟି ସମାଧାନର ପ୍ରୋଟୋଟାଇପ୍ ବିକାଶ ପାଇଁ ଜଣାଶୁଣା । ଲେଟସ ଡ୍ରାଇ-ଇଭି ର ସହ-ପ୍ରତିଷ୍ଠାତା ଶ୍ରୀ ଅନିର୍ବାନ୍ ମହାନ୍ତି, ଏହାର ଅଭିନବ ଇଭି ଦୁଇ ଚକିଆ ଯାନ ସହିତ ୧୮-୨୫ ବର୍ଷ ବୟସ୍କଙ୍କ ପାଇଁ ସହରୀ ଯାତାୟାତକୁ ରୂପାନ୍ତରିତ କରିବାକୁ ଏକ ମିଶନରେ ଅଛନ୍ତି, ଯାହା ଦ୍ରୁତ ଗତିଶୀଳ ଜୀବନଶୈଳୀକୁ ଫିଟ୍ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ତିଆରି ହୋଇଛି । ସେ ମଧ ତାଙ୍କର ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏକ ବାସ୍ତବବାଦୀ ଏବଂ ଇଣ୍ଟରାକ୍ଟିଭ୍ ଅନୁଭୂତି ପ୍ରଦାନ କରୁଥିବା ତଥା ଉପଭୋକ୍ତାମାନଙ୍କ ଉପରେ ଭର୍ଚୁଆଲ୍ ଆବରଣକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦନ କରୁଥିବା ଟ୍ୱିନୁର୍ସ, ପ୍ଲାଟଫର୍ମର ସହ-ପ୍ରତିଷ୍ଠାତା ଶ୍ରୀ ପି. ବିଶ୍ୱନାଥ ପାତ୍ର ତାଙ୍କ ଉଦ୍ୟୋଗୀ ଯାତ୍ରା ପଛରେ ଥିବା ପ୍ରେରଣା ବିଷୟରେ ଉଲ୍ଲେଖ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଇ-ସେଲର ପ୍ରଫେସର-ଇନ୍-ଚାର୍ଜ ଡକ୍ଟର ଭେନୁଗୋପାଲ ଆରୁମୁରୁ ସଂଯୋଜନା କରିଥିଲେ ଏବଂ ପ୍ରଫେସର ରାଜେଶ ରୋଶନ ଦାଶଙ୍କ ସହ, ଡିନ୍-ଷ୍ଟୁଡେଣ୍ଟ୍ ଆଫେୟାର୍ସ, ଉଦ୍ୟୋଗୀତା ଉପରେ ଜ୍ଞାନ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମଟି ମୁଖ୍ୟତଃ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଯେଉଁମାନେ ଅଧ୍ୟାପକଙ୍କ ସହ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ ।

## ଜିଲ୍ଲାପାଳଙ୍କୁ ଭେଟିଲେ ରାଜନଗର ବ୍ଲକ ସରପଂଚ ସଂଘ

କେନ୍ଦ୍ରାପଡ଼ା,୨୮/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ସରପଂଚ ସଂଘ ତରଫରୁ ସମସ୍ତ ସରପଂଚ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ସମ୍ବର୍ଦ୍ଧନା ଦେବା ସହ ପଂଚାୟତର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଉପରେ ଆଲୋଚନା କରିଛନ୍ତି । ରାଜନଗର ବ୍ଲକ ସରପଂଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି, ସଂପାଦକ ଗୋଲଖ ସ୍ୱାଇଁଙ୍କ ସମେତ ନିରଞ୍ଜନ ରାଉତ, ସୁଶ୍ରୀ ସଙ୍ଗିତା ମିଶ୍ର, ଇତିଶ୍ରୀ ମହାପାତ୍ର, ବିଣାପାଣୀ ପ୍ରଧାନ, ପୁଷ୍ପଲତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମୁଖ୍ୟତଃ ପଂଚାୟତଗୁଡିକରେ ପାନୀୟ ଜଳ ସମସ୍ୟା ଯୋଗୁଁ ପଂଚାୟତବାସୀ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଥିବା ସମସ୍ୟାର ଆଲୋଚନା କରି ସମସ୍ତ ପଂଚାୟତକୁ ପାନୀୟ ଜଳ ଯୋଗାଇବା ସଂପର୍କରେ ଆଲୋଚନା କରିଥିଲେ। ଏଥିସହିତ ୪-୫ଟି ପଂଚାୟତରେ ଜଣେ ପଂଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବାରୁ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। କେତେଗୁଡିଏ ଯୋଜନାର କାର୍ଯ୍ୟଗୁଡିକ ସଂପୂର୍ଣ୍ଣ ସରିଥିବା ବେଳେ ଜେଇଙ୍କ ଟାଳଟୁଳ ନୀତି ଯୋଗୁଁ ବିଲ ପୈଠରେ ବିଳମ୍ବ ହେଉଛି। ଏଥିସହିତ ରାଜନଗର ଅଂଚଳରେ ବହୁ ପରିମାଣରେ ବୁଲାଗୋରୁ, ବଦଳ, ବାଛୁରୀ ଓ ଷଣ୍ଢଙ୍କ ସଂଖ୍ୟା ବଢିବାରେ ଲାଗି ଥିବାରୁ ଏମାନଙ୍କୁ ଗୋଶାଳ ରେ ରଖିବାକୁ ବ୍ୟବସ୍ଥା କରିବା ଆଦି ସଂପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ କୈଳାସ ପରିଡା ରାଣୀମଞ୍ଜରୀ ସେଠୀ, ଶୈଳେନ୍ଦ୍ର ମିଶ୍ର, ପ୍ରସନ୍ନ ପରିଡା, ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ

ପୁରୀ,୨୮/୦୮ (ନି.ପ୍ର): ଗତକାଲି ଥିଲା ଜନ୍ମାଷ୍ଟମୀ। କୃଷ୍ଣଙ୍କ ଜନ୍ମ ପରେ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଆଜି ଠାରୁ ଆରମ୍ଭ ହୋଇଛି। ଏହି ପରମ୍ପରା ବର୍ଷ ବର୍ଷ ଧରି ଶ୍ରୀମନ୍ଦିର ରେ ପ୍ରଚଳିତ ହୋଇ ଆସୁଛି। ଶ୍ରୀକୃଷ୍ଣଙ୍କ ଚରିତରେ ଜନ୍ମ ଠାରୁ କଂସ ବଧ ପର୍ଯ୍ୟନ୍ତ ବିଭିନ୍ନ ଲୀଳାକୁ ପୁରୀର ଆଠ ସାହି ପ୍ରଦର୍ଶନ କରିବେ। ଶେଷ ଦିନ ସେପ୍ଟେମ୍ବର ୧୩ ତାରିଖରେ ସିଂହଦ୍ୱାର ନିକଟରେ ଏକ ଭବ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ମଥୁରା ନଗର ଓ କଂସ ବଧ ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଶାନ୍ତି, ଶୃଙ୍ଖଳା ଓ ପରମ୍ପରା ଅନୁଯାୟୀ ପାଳନ କରାଯିବା ପାଇଁ ଏକ ସମନ୍ୱୟ ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧକ୍ଷତା କରିବା ସହ ମହାପ୍ରଭୁଙ୍କ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ଏହାକୁ ସମସ୍ତ ଙ୍କ ସହଯୋଗ ରେ ସୁନ୍ଦର ଭାବେ ଆୟୋଜନ କରିବାକୁ ଅନୁରୋଧ କରିଥିଲେ। ମହାପ୍ରଭୁଙ୍କ ଏହି ଦିବ୍ୟ ଲୀଳାର କାର୍ଯ୍ୟକ୍ରମରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଯେପରି ଅଧିକ ସଂଖ୍ୟାରେ ଯୋଗଦେଇ ଏହାକୁ ପ୍ରତ୍ୟକ୍ଷ କରିବେ ସେଥିପାଇଁ ସେ ଅନୁରୋଧ କରିଥିଲେ।

ଏହି ବୈଠକରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପୁରୀ ପୌରପାଳିକା ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଛତିଶା ନିଯୋଗ ର ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, କୁଣ୍ଢେଇବେଂଟ ସାହିର ନାରାୟଣ ମହାପାତ୍ର, ଦୋଳମଣ୍ଡପ ସାହିର ରାମଚନ୍ଦ୍ର ଦାସ ମହାପାତ୍ର, ହରଚଣ୍ଡୀ ସାହିର ଦିନବନ୍ଧୁ ପ୍ରତିହାରୀ, ନାରାୟଣ ମହାପାତ୍ର, ଗୌଡବାଡ଼ ସାହିର ଦାମୋଦର ମହାପାତ୍ର, ମାଟି ମଣ୍ଡପ ସାହିର ଶ୍ୟାମ ସୁନ୍ଦର ମହାପାତ୍ର, ମାର୍କଣ୍ଡେଶ୍ୱର ସାହିର ରବି ନାରାୟଣ ଦାସ,ମଧୁସୂଦନ ସିଂହାରୀ,ହରେକୃଷ୍ଣ ସିଂହାରୀ, ନାରାୟଣ କୋଠରୀ, ଯୋଗେନ୍ଦ୍ର ନାୟକ, ମିଳିତ ସମନ୍ୱୟ ସମିତିର ଯୁଗ୍ମ ସଂପାଦକ ଚକ୍ରଧର ମହାପାତ୍ର,ସଂଯୋଜକ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆଜି ପ୍ରଥମ ଦିନ ରେ ଶ୍ରୀକୃଷ୍ଣ ଲୀଳାର ଅଂଶବିଶେଷ ମାର୍କଣ୍ଡେଶ୍ୱର ସାହିରେ ପୁତନା ବଧର ବ୍ୟବସ୍ଥା ହୋଇଛି ।ଚଳିତ ମାସ ୨୮ ତାରିଖରେ ବାଲିସାହି ପକ୍ଷରୁ ବକାସୁର ବଧ ଓ ହରଚଣ୍ଡୀ ସାହି ପକ୍ଷରୁ ଅଘାସୁର ବଧ,୨୯ ତାରିଖରେ କୁଣ୍ଢେଇ ବେଣ୍ଟ ସାହି ପକ୍ଷରୁ ଧେନୁକାସୁର ବଧ,୩୦ ତାରିଖରେ ଦୋଳମଣ୍ଡପ ସାହି ପକ୍ଷରୁ ପ୍ରଳମ୍ବାସୁର ବଧ,୩୧ ତାରିଖରେ ଗୌଡବାଡ଼ ସାହି ପକ୍ଷରୁ ଅନ୍ନପ୍ରଥା ପ୍ରସ୍ତାବ, ସେପ୍ଟେମ୍ବର୪ ତାରିଖରେ ମାଟି ମଣ୍ଡପ ସାହି ପକ୍ଷରୁ ଦାବାଗ୍ନି ଲୀଳା,୯ ତାରିଖରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ବିମ୍ବାସୁର ବଧ,୧୦ ତାରିଖରେ କାଳିକାଦେବୀ ସାହି ପକ୍ଷରୁ କେକେଶୀ ବଧ ଓ ୧୩ ତାରିଖରେ କଂସ ବଧ ଓ ମଥୁରା ବିଜୟ ଅନୁଷ୍ଠିତ ହେବ ବୋଲି ଆଠ ସାହି ଆଖଡା ମିଳିତ ସମନ୍ୱୟ ସମିତି ପକ୍ଷରୁ ସୂଚନା ମିଳିଛି।

## ଜଳଧାରା-କ୍ଷେତ ପୋଖରୀ ନିର୍ମାଣ ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର,୨୮/୦୮ (ନି.ପ୍ର): ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ନୂତନ ଜଳଧାରା-କ୍ଷେତ ପୋଖରୀ ନିର୍ମାଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । କୃଷି ଭବନସ୍ଥିତ ବୋର୍ଡରୁମରେ ଆଜି ଅପରାହ୍ନରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ମୃତିକା ସଂରକ୍ଷଣ ନିର୍ଦ୍ଦେଶକ ନିଖିଲ ପୱନ୍ କଲ୍ୟାଣ, ଯୁଗ୍ମ ନିର୍ଦ୍ଦେଶକ ଶୈଳେନ୍ଦ୍ର ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ନୂତନ ଜଳଧାରା-କ୍ଷେତ ପୋଖରୀ ନିର୍ମାଣ ନିମନ୍ତେ ମୃତ୍ତିକା ସଂରକ୍ଷଣ ଏବଂ ଜଳସେଚନ ବିକାଶ ନିର୍ଦ୍ଦେଶାଳୟ ଦ୍ୱାରା ଜାରି ରହିଥିବା ଏବଂ ନୂତନ ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଜଳକ୍ଲିଷ୍ଟ ଅଞ୍ଚଳରେ ସୁଗମ ଭାବେ ଜଳସେଚନ ଓ ଫସଲହାନିକୁ ରୋକିବା ପାଇଁ ଜଳଧାରା ବା କ୍ଷେତ ପୋଖରୀ ଖନନ କରାଯିବ । ଅଣଜଳସେଚିତ ଚାଷଜମିଗୁଡ଼ିକୁ ଚିହ୍ନଟ କରାଯାଇ ଏହି ପ୍ରକ୍ରିୟାରେ ସାମିଲ କରାଯିବ । ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, କୋରାପୁଟ, ବଲାଙ୍ଗିର, ନୂଆପଡ଼ା, ବରଗଡ଼ ଓ କଳାହାଣ୍ଡିରେ ଏହା କାର୍ଯ୍ୟକ୍ଷମ ହେବ । ଏଥି ପାଇଁ ତିନି ବର୍ଷ ସମୟ ଧାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ।

## ବିଶ୍ୱ ହିନ୍ଦୁ ପରିଷଦ ପୁଇଁତଲା ପ୍ରଖଣ୍ଡ ତରଫରୁ ଅଖଣ୍ଡ ଭାରତ କାର୍ଯ୍ୟକ୍ରମ

ବଲାଙ୍ଗିର,୨୮/୦୮ (ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ ପୁଇଁତଲା ପ୍ରଖଣ୍ଡ ତରଫରୁ ଅଖଣ୍ଡ ଭାରତ ଦିବସ କାର୍ଯ୍ୟକ୍ରମ କରାଯାଇଥିଲା। ସଂଘ ବରିଷ୍ଠ କାର୍ଯ୍ୟକର୍ତା ରାମଚନ୍ଦ୍ର ବିଶ୍ୱାଳ ମା ଭାରତୀଙ୍କ ଠାରେ ଦୀପ ପ୍ରଜ୍ୱଳନ କରିଥିଲେ। ପୁଇଁତଲା ପ୍ରଖଣ୍ଡର ସମ୍ପାଦକ ବିଶ୍ୱଜିତ ଗୁରୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ବିଶ୍ୱାଳ ଅଖଣ୍ଡ ଭାରତ ଦିବସର ତପୂର୍ଯ୍ୟ ବିଷୟରେ କହିଥିଲେ କ୍ଷ ଏହି ଅବସରରେ ଭାରତୀୟ ସୁରକ୍ଷା ବାହିନୀର ତିନିଜଣ ଅବସରପ୍ରାପ୍ତ ସୈନିକ ଚମାର ସିଂଭୋଇ(ମହିମୁଣ୍ଡା), ଯଜ୍ଞେଶ୍ୱର ନାଏକ(ଲୁକା ପଡା), ଭରତ ସେଠ(ରଣ୍ଡା)ଙ୍କୁ ସମ୍ମାନିତ କରାଯାଇଥିଲା। ବିଶ୍ୱ ହିନ୍ଦୁ ପରିଷଦ ବଲାଙ୍ଗୀରର କାଯ୍ୟେକାରୀ ସଭାପତି ଦାମୋଦର ନାଏକ ଆଗାମୀ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ।

## ଫେରାର୍ ଅଭିଯୁକ୍ତ ଗିରଫ

ଜୟପୁର,୨୮/୦୮ (ନି.ପ୍ର): ଫେରାର୍ ଅଭିଯୁକ୍ତକୁ ଆଜି ଗିରଫ କରିଛି ଜୟପୁର ସଦର ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ବଡମଣ୍ଡାପଦର ଗ୍ରାମର ସୋମନାଥ ଗାଦବା । ପୋଲିସ ସୂଚନା ଅନୁଯାଇ, ଜୟପୁର ସଦର ଥାନାରେ ଅପରାଧିକ ମାମଲା ରହିଥିଲା । ସେହି ଦିନ ଠାରୁ ଫେରାର ଥିବାବେଳେ ଆଜି ଚଢଉ କରି ଗିରଫ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୯ ଅଗଷ୍ଟ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 29 August 2024

Vol.No. 35 ■ No.231 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମନିଲଣ୍ଡରିଂ ମାମଲାରେ ସୁପ୍ରିମକୋର୍ଟଙ୍କ ବଡ଼ ବୟାନ: ବେଲ୍ ନିୟମ, ଜେଲ ବ୍ୟତିକ୍ରମ



ନୂଆଦିଲ୍ଲୀ, ୨୮/୮ : ବେଲ୍ ନିୟମ ଓ ଜେଲ ବ୍ୟତିକ୍ରମ ଉପରେ ଗୁରୁତ୍ୱ ଦେଇ ସୁପ୍ରିମକୋର୍ଟ ଆଜି କହିଛନ୍ତି ଯେ ମନି ଲଣ୍ଡରିଂ ମାମଲାରେ ହେପାଜତରେ ଥିବା ବେଳେ ଯଦି ଜଣେ ଅଭିଯୁକ୍ତ ତଦନ୍ତକାରୀ ସଂସ୍ଥାକୁ ଅନ୍ୟ ଜଣଙ୍କୁ ଦୋଷୀ ସଜାଇବା ଭଳି ବୟାନ ରଖନ୍ତି, ତା'ହେଲେ ଏହା କୋର୍ଟରେ ପ୍ରମାଣ ଭାବେ ବିବେଚନା କରାଯାଇ ପାରିବ ନାହିଁ। ଝାରଖଣ୍ଡର ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଘନିଷ୍ଠ ସହଯୋଗୀ ପ୍ରେମ ପ୍ରକାଶଙ୍କୁ ଜାମିନ ଦେବା ବେଳେ ଆଜି ସୁପ୍ରିମକୋର୍ଟ ଏପରି ମତ ରଖିଛନ୍ତି। ପ୍ରକାଶଙ୍କୁ ଇଡି ଗୋଟିଏ ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ମାର୍ଚ୍ଚ ମାସରେ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ବିଆରଏସ୍ ନେତ୍ରୀ କେ କବିତାଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ମନି ଲଣ୍ଡରିଂ ମାମଲାରେ ଜାମିନ ଦେଇଥିଲେ। ସେହିପରି ନିକଟରେ ଆପ୍ ନେତା ମନୀଷ ସିସୋଦିଆ ମଧ୍ୟ ମନି ଲଣ୍ଡରିଂ ମାମଲାରେ ସୁପ୍ରିମକୋର୍ଟରୁ ଜାମିନ ପାଇଥିଲେ। ଆଜିର ରାୟରେ ଜଷ୍ଟିସ ବିଆର ଗଭାଇ ଓ ଜଷ୍ଟିସ କେଭି ବିଶ୍ୱନାଥନ କହିଛନ୍ତି, "ମନୀଷ ସିସୋଦିଆ ରାୟ ବେଳେ ଆମେ କହିଥିଲୁ ଯେ ପିଏମଏଲ କ୍ଷେତ୍ରରେ ମଧ୍ୟ ବେଲ ନିୟମ ଓ ଜେଲ ବ୍ୟତିକ୍ରମ।" ଖଣ୍ଡପୀଠଙ୍କ କହିବା କଥା ଯେ ପିଏମଏଲର ଧାରା ୪୫ରେ ବେଲ ପାଇଁ ଦୁଇଟି ସର୍ତ୍ତ ରହିଛି। ପ୍ରଥମତଃ ହେଲା ଅଭିଯୁକ୍ତ ଅପରାଧ ଘଟାଇ ନଥିବା ପ୍ରାଥମିକ ଯାଞ୍ଚରୁ ଅନୁଭବ ହେବା ଓ ଦ୍ୱିତୀୟଟି ହେଲା ଅଭିଯୁକ୍ତ ବେଲରେ ଥିବା ବେଳେ ଅପରାଧ ଘଟାଇବାର ସମ୍ଭାବନା ନଥିବା। ଧାରା ୪୫କୁ ଆଧାର କରି କୋର୍ଟ କହିଛନ୍ତି, ଏହି ସର୍ତ୍ତରେ ବେଲ ମିଳିପାରିବ। ବ୍ୟକ୍ତିବିଶେଷଙ୍କ ସ୍ୱତନ୍ତ୍ରତା ସବୁବେଳେ ନିୟମ ଓ ସ୍ୱତନ୍ତ୍ରତାକୁ ଆଇନ ଦ୍ୱାରା ମନା କରିବା ବ୍ୟତିକ୍ରମ। ଖଣ୍ଡପୀଠ ସ୍ପଷ୍ଟ ଭାବେ କହିଛନ୍ତି ଯେ ପିଏଲଏ କେସ୍‌ରେ ହେପାଜତରେ ଥିବା ଜଣେ ଅଭିଯୁକ୍ତ ଯଦି ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ଅନ୍ୟକୁ ଦୋଷୀ ସଜାଇବା ଭଳି ବୟାନ ଦିଅନ୍ତି, ତା'ହେଲେ ଏହାକୁ କୋର୍ଟରେ ଗ୍ରହଣ କରାଯାଇ ପାରିବ ନାହିଁ। ଏପରି ବୟାନକୁ କୋର୍ଟରେ ଗ୍ରହଣ କରିବା ଆଦୌ ଠିକ ହେବ ନାହିଁ। ଏହା ନ୍ୟାୟର ବିପରୀତ ବୋଲି କୋର୍ଟ କହିଛନ୍ତି।

## କ୍ଷୁବ୍ଧ ହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ: କହିଲେ- ବହୁତ ହୋଇଗଲା



ନୂଆଦିଲ୍ଲୀ, ୨୮/୮ : ପ୍ରଥମଥର ପାଇଁ କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ଦେଶରେ ବଢ଼ୁଥିବା ମହିଳା ବିରୋଧୀ ହିଂସାକୁ ନେଇ ହତାଶା ଓ ବିଚଳିତ ଭାବ ପ୍ରକାଶ କରିଛନ୍ତି। କୋଲକାତା ଘଟଣାକୁ ଭୟଙ୍କର ଓ ଉଦବେଗଜନକ। ଏହା ମୋତେ ଭୟଭୀତ କରିଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ରାଷ୍ଟ୍ରପତି ମୁର୍ମୁ ଲୋକମାନଙ୍କ ସାମୂହିକ ଭୁଲାପଣକୁ ସମାଲୋଚନା କରିଛନ୍ତି। ଏହି ଭୁଲାପଣ ମହିଳା ବିରୋଧୀ ହିଂସା, ନିର୍ଯାତନା ଓ ହତ୍ୟା ଭଳି ଘଟଣାକୁ ଅନୁମତି ଦେଉଛି ବୋଲି ରାଷ୍ଟ୍ରପତି କହିଛନ୍ତି। ଦେଶରେ ମହିଳା ବିରୋଧୀ ହିଂସା ବୃଦ୍ଧି ପାଉଥିବାରୁ ସେ କ୍ଷୁବ୍ଧ ହୋଇଛନ୍ତି। ଏଥିସହ ବହୁତ ହୋଇଗଲାଣି ବୋଲି ମ୍ୟାଡାମ ପ୍ରେସିଡେଣ୍ଟ ପିଟିଆଇକୁ କହିଛନ୍ତି। ସେ କହିଛନ୍ତି, "କୌଣସି ସଭ୍ୟ ସମାଜ କେବେ ହେଲେ ଝିଅ ଓ ଭଉଣୀମାନଙ୍କ ବିରୋଧୀରେ ଏପରି ହତ୍ୟାଚାରକୁ ଅନୁମତି ଦେଇ ପାରିବ ନାହିଁ। ବହୁତ ହୋଇଗଲା। ଏହା ଉପରେ ବିରାମ ଲାଗିବା ଦରକାର। ମୋତେ କିଛି କରିବାକୁ ପଡ଼ିବ। ▶▶ପୃଷ୍ଠା ୭

## ବିଧାନସଭାକୁ ମୋବାଇଲ୍ ଫୋନ୍ ଓ ପାଣି ବୋତଲ ମନା



ଭୁବନେଶ୍ୱର, ୨୮/୮ (ନି.ପ୍ର): ରାଜ୍ୟ ବିଧାୟକମାନଙ୍କୁ ବିଧାନସଭା ଗୃହ ଭିତରେ ମୋବାଇଲ୍ ଫୋନର ଉପଯୋଗ ନକରିବା ପାଇଁ ବାଚସ୍ପତି ସୁରମା ପାଢ଼ୀ ଆଜି ନିର୍ଦ୍ଦେଶ ଦେଇଛନ୍ତି । ଏପରିକି ବିଧାୟକମାନେ ଗୃହ ଭିତରକୁ ପାଣି ବୋତଲ ଧରି ନଆସିବା ପାଇଁ ମଧ୍ୟ ବାଚସ୍ପତି ତାଗିଦ୍ କରିଛନ୍ତି । ବିଧାନସଭା ଗୃହ ଭିତରେ ମୋବାଇଲ ଫୋନରେ ବିଧାୟକମାନେ କଥା ହେଉଥିବା ଓ ଫଟୋ ଉଠାଇବା ଘଟଣା ନଜରକୁ ଆସିବା ପରେ ବାଚସ୍ପତି ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଆଜି ବାଚସ୍ପତି ସୁରମା ପାଢ଼ୀ ସମସ୍ତ ବିଧାୟକମାନଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ଗୃହ ଭିତରେ ମୋବାଇଲ ଫୋନ୍ ଓ ପାଣି ବୋତଲ ଉପଯୋଗ କରିବା ଅନୁଚିତ୍ । ସୋର ବିଧାୟକ ମାଧବ ଧଡ଼ା ୧୨ଟା ୮ମିନିଟରେ ଗୃହରେ ଫଟୋ ଉଠାଇବା ଘଟଣା ନଜରକୁ ଆସିଛି । ସେହିପରି କିଛି ବିଧାୟକ ମଧ୍ୟ ଫୋନରେ କଥା ହେଉଛନ୍ତି । ଗୃହରେ ଏସବୁ କରିବା ଉଚିତ୍ ନୁହେଁ । ଗୃହ ବାହାରେ ପାଣି ପିଇବା ପାଇଁ ପର୍ଯ୍ୟାପ୍ତ ପରିମାଣର ବ୍ୟବସ୍ଥା ରହିଛି । କିନ୍ତୁ ବିଧାୟକମାନେ ପାଣି ବୋତଲ ନେଇ ଗୃହକୁ ଆସୁଛନ୍ତି । ଏଥିରୁ କ୍ଷାନ୍ତ ▶▶ପୃଷ୍ଠା ୭

## ସିଏଚଏସଇ ପିଅନ ଚାକିରିରୁ ରେକର୍ଡ ସପ୍ଲାଏର: ପୁଳାପୁଳା ବେନାମୀ ସମ୍ପତ୍ତି ଠାବ



ଭୁବନେଶ୍ୱର, ୨୮/୮ (ନି.ପ୍ର): ପିଅନରୁ ରେକର୍ଡ ସପ୍ଲାଏର। ଆଉ ୩ଦିନ ପରେ ଚାକିରିରୁ ଅବସର ନେଇଥାନ୍ତେ। କିନ୍ତୁ ଆଜି ଅଚାନକ ମାଡ଼ି ବସିଲା ଭିଜିଲାନ୍ସ। ଆଉ ଯାହା ସମ୍ପତ୍ତି ପାଇଲା ତାକୁ ଦେଖି ଭିଜିଲାନ୍ସ ଅଫିସରମାନେ ବି ଜଲକା। ପୁଳାପୁଳା ବେନାମୀ ସମ୍ପତ୍ତି ସହ ଭୁବନେଶ୍ୱରର କାନନବିହାର ଭଳି ଅଂଚଳରେ ପ୍ରାୟ ୧୧ ହଜାର ବର୍ଗଫୁଟ ଜମିରେ ▶▶ପୃଷ୍ଠା ୭

## ଖୁବ୍‌ଶୀଘ୍ର ଆରମ୍ଭ ହେବ ସିଏମ୍ କିଷାନ ଯୋଜନା: ଚାଷୀ ପାଇବେ ଟଙ୍କା

ଭୁବନେଶ୍ୱର, ୨୮/୮ (ନି.ପ୍ର): ରାଜ୍ୟରେ ଖୁବ୍‌ଶୀଘ୍ର ଆରମ୍ଭ ହେବ ସିଏମ୍ କିଷାନ ଯୋଜନା । ବର୍ଷକୁ ୨ଟି କିସ୍ତିରେ ମିଳିବ ଦୁଇ ହଜାର ଲେଖାଏଁ ୪ ହଜାର ଟଙ୍କା । ଭୂମିହୀନ ଚାଷୀଙ୍କୁ ୩ଟି କିସ୍ତିରେ ମିଳିବ ୧୨,୫୦୦ ଟଙ୍କା । ବିଜେଡି ସରକାର ଅମଳରେ ଆରମ୍ଭ ହୋଇଥିବା କାଳିଆ ଯୋଜନା ନାମକୁ ପରିବର୍ତ୍ତନ କରାଯାଇ ସିଏମ୍ କିଷାନ ଯୋଜନାରେ ନାମିତ କରାଯାଇଛି। ଖୁବ୍‌ଶୀଘ୍ର ଏହା ଲାଗୁ କରାଯିବ । ଯୋଗ୍ୟତା ଥାଇ ପିଏମ୍ କିଷାନ ଯୋଜନାରୁ ବାଦ୍ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ । ନୂଆ ସାମିଲ ପାଇଁ ସିଏମ୍ କିଷାନ ପୋର୍ଟାଲରେ ଆବେଦନ କରିହେବ ବୋଲି ଆଜି କୃଷି ମନ୍ତ୍ରୀ କେଭି ସିଂହଦେଓ ସୂଚନା ଦେଇଛନ୍ତି। ବାଲେଶ୍ୱର ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖି ଏପରି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ।

## ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ପୁଲିସରେ ଅଭିଯୋଗ କଲେ ୧୮ ଦଳ

ନୂଆଦିଲ୍ଲୀ, ୨୮/୮ : ଅଡୁଆରେ ଆସାମ ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ହିମନ୍ତ ବିଶ୍ୱଶର୍ମା। ତାଙ୍କ ନାଁରେ ଆଜି ୧୮ଟି ବିରୋଧୀ ଦଳ ମିଳିତ ଭାବେ ପୁଲିସ୍‌ରେ ଅଭିଯୋଗ କରିଛନ୍ତି। ସେ ଦେଇଥିବା ମିଆଁ ମୁସଲିମ ବୟାନ ପାଇଁ ତାଙ୍କ ବିରୋଧରେ ୧୮ଟି ଦଳ ପୁଲିସ୍‌ରେ ଅଭିଯୋଗ ଦାଖଲ କରିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟରେ ଥିବା ୧୮ଟି ଦଳ ଅଭିଯୋଗ କରିଛନ୍ତି ଯେ ବିଶ୍ୱଶର୍ମା ନିଜର ବୟାନ ମାଧ୍ୟମରେ ଦୁଇ ସଂପ୍ରଦାୟ ମଧ୍ୟରେ ଘୃଣା ଭାବ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ଆସାମ କଂଗ୍ରେସ ମୁଖ୍ୟ ଭୂପେନ ବୋରା କହିଛନ୍ତି, "ଆସାମରେ ▶▶ପୃଷ୍ଠା ୭

## ମାହାଙ୍ଗା ଡବଲ ମର୍ଡର: ୯ ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ



ମାହାଙ୍ଗା, ୨୮/୮ (ନି.ପ୍ର): ମାହାଙ୍ଗା ଡବଲ ମର୍ଡର ମାମଲାରେ ଆସିଛି ବଡ଼ ରାୟ। ୯ ଜଣ ଦୋଷୀଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ସାଲେପୁର ଏଡିଜେ କୋର୍ଟ। ତେବେ ପ୍ରମାଣ ଅଭାବରୁ ଜଣେ ଅଭିଯୁକ୍ତକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି କୋର୍ଟ। ୨୦୨୧ ମସିହା ଜାନୁଆରୀ୨ ତାରିଖରେ ସନ୍ଧ୍ୟାରେ ମହାଙ୍ଗାରର ବରିଷ୍ଠ ବିଜେପି ନେତା କୁଳମଣି ବରାଳ (୭୫) ଓ ସଂପର୍କୀୟ ଦିବ୍ୟ ସିଂହ ବରାଳ( ୮୨)ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଭିତ୍ତି କରି ଏହି ହତ୍ୟାକାଣ୍ଡ ହୋଇଥିବା ବେଳେ ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ୍ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳ ଫେରାର ଥିଲା। ଏକ ଟ୍ରକ ଦୁର୍ଘଟଣାରେ ଗତ ଫେବ୍ରୁଆରୀରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତେବେ ଏହି ଘଟଣାରେ ବିଜେଡି ନେତା ତଥା ସେତେବେଳର ମନ୍ତ୍ରୀ ପ୍ରତାପ ଜେନାଙ୍କ ସଂପୃକ୍ତି ଥିବା ଅଭିଯୋଗ ଆସିଥିଲା। ପ୍ରତାପ ଜେନାଙ୍କ ବିରୋଧରେ ମଧ୍ୟ ମାମଲା ହୋଇଥିଲା। ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିବା ନେଇ ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ କରିଥିଲେ। ଏହାର ଶୁଣାଣି କରି କୋର୍ଟ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ତଦନ୍ତ ▶▶ପୃଷ୍ଠା ୭

## ସାତକୋଶିଆରେ ପୁଣି ଆରମ୍ଭ ହେବ ବ୍ୟାଘ୍ର ପ୍ରକଳ୍ପ



ଅନୁଗୁଳ, ୨୮/୮ (ନି.ପ୍ର): ଅନୁଗୁଳ ଜିଲ୍ଲାର ସାତକୋଶିଆରେ ପୁଣି ଆରମ୍ଭ ହେବ ବ୍ୟାଘ୍ର ପ୍ରକଳ୍ପ। ଏଥିପାଇଁ ବନ ବିଭାଗ ତରଫରୁ କରାଯିବ ୫ ବର୍ଷିଆ ଯୋଜନା। ୫ ବର୍ଷରେ ପ୍ରାୟ ୧୪ଟି ବାଘ ପର୍ଯ୍ୟାୟ କ୍ରମେ ଆସିବେ। ମହାରାଷ୍ଟ୍ରର ତଡବା ଜଙ୍ଗଲରେ ବାଘ ମାନଙ୍କ ଜେନେଟିକ ଓଡ଼ିଶାର ବାଘଙ୍କ ସହ ସାମଞ୍ଜସ୍ୟ ଥିବାରୁ ସେଠାରୁ ବାଘ ଆସିବେ। ଏନେଇ ପୁଣି ଥରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ କରିବାକୁ ଘଞ୍ଚଉଇ ଅନୁମୋଦନ ଦେଇଥିବା ପିସିସିଏଫ୍ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ଏହି ବ୍ୟାଘ୍ର ପ୍ରକଳ୍ପ ପାଇଁ ଏନଟିସିଏ ଗୁଡ଼ାଏ ସର୍ତ୍ତ ରଖିଛି। ସବୁ ସର୍ତ୍ତ ମାନି ବ୍ୟାଘ୍ର ପ୍ରକଳ୍ପ ଚଳାଇବୁ ବୋଲି ପିସିସିଏଫ୍ କହିଛନ୍ତି। ସ୍ଥାନୀୟ ବାସିନ୍ଦା ଓ ଜନ ପ୍ରତିନିଧିଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରାଯିବ। କୋର ଏରିଆରୁ ସମସ୍ତ ଜନବସତି ଖାଲି କରାଯାଇଛି। ବଫର ଏରିଆରୁ ୬ଟି ଗାଁ ଖାଲି ହୋଇଥିବା ବେଳେ ଆଉ କିଛି ଗାଁ ଖାଲି କରାଯିବ ବୋଲି ପିସିସିଏଫ୍ କହିଛନ୍ତି।

## ୭ ଦିନରେ ଦୁଷ୍କର୍ମୀକୁ ମିଳିବ ଫାଶୀ: ସପ୍ତାହକରେ ଆଇନ ଆଣିବେ ମମତା



କୋଲକାତା, ୨୮/୮ (ନି.ପ୍ର): ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧକୁ ରୋକିବା ପାଇଁ କଠୋର ଆଇନ ପ୍ରଣୟନ କରିବେ ପଶ୍ଚିମବଙ୍ଗ ସରକାର। ଆସନ୍ତା ସପ୍ତାହରେ ରାଜ୍ୟରେ ଲାଗୁ ହେବ ନୂଆ ଆଇନ। ଏଥିରେ ଦୁଷ୍କର୍ମୀକୁ ଅପରାଧର ୭ ଦିନ ଭିତରେ ଫାଶୀ ଦଣ୍ଡ ଦେବାର ବ୍ୟବସ୍ଥା ରହିବ। କୋଲକାତାରେ ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯିବା ଘଟଣାକୁ ନେଇ ବ୍ୟାକଫୁଟରେ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଏଭଳି ଘୋଷଣା କରିଛନ୍ତି। ଆଜି ଦଳର ଛାତ୍ର ସଂଗଠନର ପ୍ରତିଷ୍ଠା ଦିବସକୁ ମଧ୍ୟ ମମତା କୋଲକାତା ପୀଡ଼ିତଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଗୋଟିଏ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ସେ କହିଛନ୍ତି, ରାଜ୍ୟ ସରକାର ଆସନ୍ତା ସପ୍ତାହରେ ଦୁଷ୍କର୍ମୀକୁ ଫାଶୀ ଦେବା ପାଇଁ ଗୋଟିଏ ଆଇନ ପ୍ରଣୟନ କରିବେ। କୋଲକାତା ହରରକୁ ନେଇ ବିଜେପି ଦେଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରାକୁ ମଧ୍ୟ ମମତା ସମାଲୋଚନା କରିଛନ୍ତି। ବିଜେପି ନ୍ୟାୟ ଚାହୁଁ ନାହିଁ। ସେମାନେ କେବଳ ବେଙ୍ଗଲକୁ ବଦନାମ କରିବାକୁ ଚାହୁଁଥିବା ମମତା କହିଛନ୍ତି। କୋଲକାତା ଦୁଷ୍କର୍ମ ଓ ହତ୍ୟାର ଦୋଷୀ ପାଇଁ ଫାଶୀ ଦଣ୍ଡ ▶▶ପୃଷ୍ଠା ୭

## ଆଜି ବିଜେପିରେ ମିଶିବେ ଚମ୍ପାଇ ସୋରେନ



ନୂଆଦିଲ୍ଲୀ, ୨୮/୮ : ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜେଏମଏମର ବରିଷ୍ଠ ନେତା ଚମ୍ପାଇ ସୋରେନ ଆଜି ଦଳ ସହ ସବୁ ସମ୍ପର୍କଚ୍ଛିନ୍ନ କରିଛନ୍ତି। ଆଜି ସେ ଜେଏମଏମ ଛାଡ଼ିଥିବା ବେଳେ ଆସନ୍ତାକାଲି ବିଜେପିରେ ଯୋଗଦେବେ। ସେ ବିଜେପିରେ ମିଶିବାକୁ ଯାଉଥିବା ବେଳେ ଝାରଖଣ୍ଡ ପାଇଁ ସଂଘର୍ଷ ଜାରି ରଖିବେ ବୋଲି କହିଛନ୍ତି। ଚମ୍ପାଇ ସୋରେନ ତାଙ୍କ ବିବୃତିରେ କହିଛନ୍ତି ଯେ ତାଙ୍କୁ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ଜେଏଏମ ଛାଡ଼ିବାକୁ ବାଧ କରାଯାଇଛି। ବର୍ତ୍ତମାନ ଜେଏମଏମ ତା'ର ଲକ୍ଷ୍ୟ ଓ ଆଭିମୁଖ୍ୟ ହରାଇ ସାରିଛି ବୋଲି ମଧ୍ୟ ଚମ୍ପାଇ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଜେଏମଏମ ମୋ ପରିବାର ଭଳି ଥିଲା। ମୁଁ ଦଳ ଛାଡ଼ିବି ବୋଲି କେବେ ହେଲେ ସ୍ୱପ୍ନରେ ମଧ୍ୟ ଭାବି ନଥିଲି। କିନ୍ତୁ ଏହି କିଛି ଦିନ ମଧ୍ୟରେ ଏମିତି କିଛି ଘଟିଥିଲା, ଯାହା ମୋତେ କଷ୍ଟ ଦେଇଥିଲା। ମୁଁ ଏପରି ଗୋଟିଏ କଠିନ ପଦକ୍ଷେପ ନେବାକୁ ବାଧ ହୋଇଛି। ମୋତେ ଏପରି ଆଭିମୁଖ୍ୟ ଗ୍ରହଣ କରିବାକୁ ବାଧ କରାଯାଇଛି। ବର୍ତ୍ତମାନର କାର୍ଯ୍ୟଶୈଳୀ ଓ ନୀତିରେ ବିମୁଖ ହୋଇ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛି। ଦୟା କରି ମୋ ଇସ୍ତଫାପତ୍ରକୁ ଗ୍ରହଣ କରି ନିଆଯାଉ।" ମଙ୍ଗଳବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଦୁର୍ନୀତି ସଂକ୍ରମଣ...

ଗତ ଦୁଇ ସପ୍ତାହକ ମଧ୍ୟରେ ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଯେଉଁ କେତେକ ଚଢ଼ାଉ ହୋଇଛି ସେଥିମଧ୍ୟରୁ ତିନିଟି ପୃଥକ ଘଟଣାରେ ଦୁର୍ନୀତିର ଏକ ନୂଆ ଧାରା ସାମ୍ନାକୁ ଆସିଛି। ପୂର୍ବରୁ ଦୁର୍ନୀତିଖୋରମାନେ ଅସତ୍ ଉପାୟରେ ଅର୍ଜିତ ଧନକୁ ନଗଦ, ବ୍ୟାଙ୍କ ଓ ସେୟାର ବଜାରରେ ଜମା, ସୁନା, ବିଳାସପୂର୍ଣ୍ଣ ମୋଟରଯାନ ଆଦି ଆକାରରେ ଗଚ୍ଛିତ କରି ରଖୁଥିବା ବେଳେ ଏବେ ସେହି ପାରମ୍ପରିକ ମାନସିକତାରେ ପରିବର୍ତ୍ତନ ଘଟି ଆୟବର୍ହିଭୂତ ସମ୍ପତ୍ତିକୁ ସ୍ଥାବର ବା ଜମି, କୋଠାବାଡ଼ିରେ ରୂପାନ୍ତରିତ କରାଯାଉଥିବା ଦୃଷ୍ଟିଗୋଚର ହେଉଛି। ବିଶେଷକରି କଳାଧନର ନିରାପଦ ନିବେଶସ୍ଥଳୀ ଭାବେ ରାଜ୍ୟ ବାହାରର ସହରଗୁଡ଼ିକୁ ସରକାରୀ ଉଚ୍ଚପଦସ୍ଥ ବାବୁମାନେ ବାଛି ନେଉଛନ୍ତି। ନିକଟରେ ବାଲେଶ୍ୱର ଜଳସେଚନ ବିଭାଗର ଜନୈକ ମୁଖ୍ୟଯନ୍ତ୍ରୀ, ଢେଙ୍କାନାଳ ସହରର ବନାଞ୍ଚଳ ଅଧିକାରୀ ଓ ଭୁବନେଶ୍ୱରର ରାଜ୍ୟ ସଡ଼କ ପରିବହନ ନିଗମର ମୁଖ୍ୟ ବିତ୍ତୀୟ ଅଧିକାରୀ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି। ସେମାନଙ୍କର ଅମାପ ସମ୍ପତ୍ତି ଆକଳନ ଓ ଠାବ ବେଳେ ସେମାନଙ୍କ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କ ନାମରେ କୋଲକତା, ହାଇଦ୍ରାବାଦ, ଏର୍ଣ୍ଣାକୁଲମ ଭଳି ସହରରେ ଭୂସମ୍ପତ୍ତି ଓ କୋଠାଘର ରହିଥିବା ଜଣାପଡ଼ିଛି। ଏହାପଛରେ କଳାଧନକୁ ଲୋକଲୋଚନ ଆଢୁଆଳରେ ସୁରକ୍ଷିତ ନିବେଶ ଜରିଆରେ ବୈଧ କରିବାରର ପ୍ରୟାସ ସହିତ ଦେଶର ପ୍ରମୁଖ ମହାନଗରୀଗୁଡ଼ିକରେ ଘର କିମ୍ବା ଜମିର ମାଲିକାନା ସ୍ୱତ୍ତ୍ୱ ଜରିଆରେ ସାମାଜିକ ପ୍ରତିଷ୍ଠା, ସମ୍ମାନ ଓ ସମ୍ଭ୍ରାନ୍ତର ପରିଚୟ ହାସଲ କରିବାର ମାନସିକତା ଲୁଚି ରହିଛି। ବିଶେଷକରି ସାମାଜିକ ପ୍ରତିଷ୍ଠା ହାସଲର ଏହି ମାନସିକତା ଏକପ୍ରକାର ପ୍ରତିଯୋଗିତାର ରୂପ ନେଇଛି ଏବଂ ଏହି ପ୍ରତିଯୋଗିତା ହିଁ ଅପରାଧପ୍ରବଣତାକୁ ଆହୁରି ବୃଦ୍ଧି କରିଚାଲିଛି। ଆହୁରି ଉଦ୍‌ବେଗଜନକ ବିଷୟ ହେଉଛି ଏହି ଅସାଧୁ ପ୍ରବଣତାର ପ୍ରତିଯୋଗିତାରେ ଯୁବପିଢ଼ି ମଧ୍ୟ ସାମିଲ୍ ହୋଇସାରିଛନ୍ତି। ସାମାଜିକ କର୍ତ୍ତବ୍ୟବୋଧ ପ୍ରତି ବିମୁଖତା, ବ୍ୟକ୍ତିକୈନ୍ଦ୍ରିକ ଜୀବନଶୈଳୀକୁ ପ୍ରାଥମିକତା, ଅଧିକ ଅର୍ଥ ଉପାର୍ଜନର ଲାଳସା ହିଁ ଏବେ ଯୁବପିଢ଼ିଙ୍କ ଜୀବନର ଲକ୍ଷ୍ୟ ହେଉଥିବାରୁ ଦୁର୍ନୀତି ଅପରାଧ ପ୍ରବଣତା ବୃଦ୍ଧି ପାଉଛି। ଏଠାରେ ଲକ୍ଷ୍ୟ କରିବାର କଥା ଯେ କେନ୍ଦ୍ର ଓ ରାଜ୍ୟ ସରକାର 'ଦୁର୍ନୀତି ନିରୋଧୀ' ଆଭିମୁଖ୍ୟକୁ ପ୍ରାଥମିକତା ଦେଇଆସୁଛନ୍ତି। ଭାରତ ସରକାରଙ୍କ ଅଧୀନରେ କେନ୍ଦ୍ରୀୟ ଦୁର୍ନୀତି ନିବାରଣ ଆୟୋଗ(ସିଭିସି), କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ଲୋକପାଳ ଭଳି ସଂସ୍ଥା ଏ ଦିଗରେ କାର୍ଯ୍ୟ କରୁଥିବାବେଳେ ରାଜ୍ୟରେ ଦୁର୍ନୀତି ନିବାରଣ ବିଭାଗ ଓ ଲୋକାୟୁକ୍ତ ଦୁର୍ନୀତି ମାନସିକତାକୁ ନିରୁତ୍ସାହିତ କରିବା ପାଇଁ ସଦା ଚେଷ୍ଟିତ। ଏସବୁ ସତ୍ତ୍ୱେ ଦୁର୍ନୀତି ନିବାରଣରେ ସେପରି ସକାରାତ୍ମକ ପ୍ରଭାବ ଜନସାଧାରଣ ଅନୁଭବ କରିପାରୁନାହାନ୍ତି। ଅଧିକନ୍ତୁ ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ତହସିଲ ଅଫିସଠାରୁ ଆରମ୍ଭ କରି ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିଜର ମାମୁଲି ନ୍ୟାର୍ଯ୍ୟ କାର୍ଯ୍ୟ ପାଇଁ ଉତ୍କୋଚ ମାଗିବା ଓ ଦେବା ଏକପ୍ରକାର ଦେହସୁଆ ହୋଇସାରିଛି। ତଳସ୍ତରର କର୍ମଚାରୀଟିଏ ପରିବାରର ଆବଶ୍ୟକତା ଦୃଷ୍ଟିରୁ ଅନେକ ସମୟରେ କିଛି ପାରିଶ୍ରମିକ ପାଇଁ ଏଭଳି ଅନୁଚିତ ଅନୁଗ୍ରହର ଯାଚନା କରିବା କ୍ଷମଣୀୟ। କିନ୍ତୁ ମୋଟା ଅଙ୍କର ସରକାରୀ ବେତନ ପ୍ରାପ୍ତ ଉଚ୍ଚ ଅଧିକାରୀମାନଙ୍କର ଏତାଦୃଶ କାର୍ଯ୍ୟକଳାପ ହିଁ ଦୁର୍ନୀତିର ଚେରକୁ ଆହୁରି ଅଧିକ ମଜଭୁତ କରି ଚାଲିଛି। ସରକାରୀ ବାବୁମାନେ ନିଜ କ୍ଷମତାର ଅପବ୍ୟବହାର କରି ଅର୍ଥ ଉପାର୍ଜନକୁ ନିଜର ପଦମର୍ଯ୍ୟାଦା ସହିତ ଜଡ଼ିତ ଏକ ଅଧିକାର ଭାବେ ବିବେଚନା କରୁଥିବାରୁ ଦୁର୍ନୀତି ଏକ ସାମାଜିକ ଓ ମାନସିକ ବ୍ୟାଧିରେ ପରିଣତ ହୋଇଛି। ବିଡ଼ମ୍ବନା ହେଉଛି, ପ୍ରତିବର୍ଷ ସରକାରୀ ଓ ବେସରକାରୀ ସ୍ତରରେ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଦୁର୍ନୀତି ମୂଳୋତ୍ପାଟନ ପାଇଁ ଶପଥ ପାଠ ହେଉଛି। କିନ୍ତୁ ଏହି ସଚେତନତା ଓ ସଂକଳ୍ପର ଫଳ ବାସ୍ତବ କ୍ଷେତ୍ରରେ ପ୍ରତିଫଳିତ ହେଉ ନାହିଁ। ଏକ ପରିସଂଖ୍ୟାନ ଅନୁଯାୟୀ ୨୦୨୨ରେ ମୋଟ ଦୁର୍ନୀତି ମାମଲାର ୭୪.୫୯% ଅଭିଯୁକ୍ତ ସିବିଆଇ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ୨୦୨୩ରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ୫୦% ମାମଲାରେ ଦୁର୍ନୀତିଖୋରମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଦୁର୍ନୀତି ନିବାରଣ ପାଇଁ ଉଦ୍ଦିଷ୍ଟ ସଂସ୍ଥା/ବିଭାଗମାନଙ୍କର ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଏହି ତାଲିକାରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ବାବୁମାନଙ୍କ ନାମ ଅଧିକ ଦୃଷ୍ଟିଗୋଚର ହୁଏ। ଅଥଚ ଦୁର୍ନୀତିଖୋର ଉଚ୍ଚପଦସ୍ଥ ଓ ସର୍ବଭାରତୀୟ ସେବା ଅଧିକାରୀମାନଙ୍କ ନାମ କ୍ୱଚିତ ସାମ୍ନାକୁ ଆସେ। ବିଚାର ବ୍ୟବସ୍ଥାର ଶିଥିଳତା ମଧ୍ୟ ଦୁର୍ନୀତି ପ୍ରବଣତାକୁ ଉତ୍ସାହିତ କରେ। ଦୁର୍ନୀତି ବିଭାଗର ଚଢ଼ଉ ଓ ଦଣ୍ଡବିଧାନର ସମୟ ବ୍ୟବଧାନ ଏତେ ଦୀର୍ଘ ଥାଏ ଯେ ଲୋକେ ତାହାକୁ ଭୁଲି ଯାଆନ୍ତି ଏବଂ ଦୁର୍ନୀତିର ତଥ୍ୟପ୍ରମାଣ ମଧ୍ୟ ଉଭେଇ ଯାଉଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳେ।

# ବମ୍ବେ ହାଇକୋର୍ଟଙ୍କ ସରସା ପ୍ରଶ୍ନ



## ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ଆପଣ ଗୋଟିଏ କଥାକୁ ବେଶ ଭଲ ଭାବେ ଅନୁଭବୀ ଦୃଷ୍ଟିକୋଣରୁ ଚିନ୍ତା କରନ୍ତୁ। ଆପଣ ନିଶ୍ଚିନ୍ତ ଦେଖିଥିବେ ଓ ଅନୁଭବ ବି କରିଥିବେ ବଡ଼ ବଡ଼ିଆ ନେତା, ଭିଭିଆଇପିଙ୍କ ଆତଯାତ ବା ଗସ୍ତ କାର୍ଯ୍ୟକ୍ରମ ଥିଲେ ଏଥିରେ ଅନ୍ତର୍ଭୁକ୍ତ ହେଉଥିବା ଅଞ୍ଚଳଟି ରାତାରାତି ପୁରାପୁରି ଚକାଚକ ହୋଇ ଏକ ପ୍ରକାର ନବକଳେବର ହୋଇଥାଏ। ନେତା ମାନଙ୍କୁ ଦେଖେଇବା ପାଇଁ ତଳିଆ ଅଧଃସ୍ତନ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ପରିଷ୍କାର ପରିଚ୍ଛନ୍ନ ସହ ଅନେକ ବିକଶିତ କାର୍ଯ୍ୟକ୍ରମ କରିଥାନ୍ତି। କେତେକ କ୍ଷେତ୍ରରେ ଏହା ଏପରି ତାଳିପକା ହୋଇଥାଏ ଯେ ଯାହାର ପରମାୟୁ ନିଶ୍ଚିନ୍ତ ଭାବେ ଅଳ୍ପ ଦିନର। ଏସବୁ ଭିତରେ ଗଣମାଧ୍ୟମର ଏକ ଚର୍ଚ୍ଚିତ ଓ ରୋଚକ ଖବର ଏହି ଲେଖକର ଦୃଷ୍ଟିକୁ ଆସିଥିଲା। ଅନେକ ଦିନ ପରେ ସାଧାରଣ ଲୋକଟିଏ ଯାହା କହିବାକୁ ଚାହେଁ, ଯାହା ଅନୁଭବ କରେ ଏବଂ ତା' ଭିତରେ ଯେଉଁସବୁ ଅସନ୍ତୋଷ ଥାଏ ଯାହାକୁ ସେ ବ୍ୟକ୍ତ କରିପାରେନା ତାକୁ ବମ୍ବେ ହାଇକୋର୍ଟ ମଧ୍ୟ ଅନୁଭବ କରିଛନ୍ତି, ଆଉ ପ୍ରଶ୍ନ କରିଛନ୍ତି ରାଜ୍ୟ ସରକାରଙ୍କୁ। ହାଇକୋର୍ଟଙ୍କ ପ୍ରଶ୍ନ ହେଉଛି ଯଦି ଗୋଟିଏ ଦିନ ପାଇଁ ପ୍ରଧାନମନ୍ତ୍ରୀ କିମ୍ବା ଅନ୍ୟ ଭିଭିଆଇପିଙ୍କ ପାଇଁ ରାସ୍ତା ଓ ଫୁଟପାଥ ସଫା ହୋଇପାରୁଛି ତେବେ ଅନ୍ୟ ସମସ୍ତଙ୍କ ପାଇଁ ଏହା ଦୈନିକ କାହିଁକି ସଫା କରାଯାଇପାରିବ ନାହିଁ? ଫୁଟପାଥ ଏବଂ ଚାଲିବା ପାଇଁ ଏକ ସୁରକ୍ଷିତ ସ୍ଥାନ ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କ ମୌଳିକ ଅଧିକାର। ରାଜ୍ୟ ସରକାର ଏହା ପ୍ରଦାନ କରିବାକୁ ବାଧ୍ୟ ବୋଲି ଜଷ୍ଟିସ ଏମଏସ ସୋନକ ଓ ଜଷ୍ଟିସ ସମଲ ଖଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠ ଏକଥା ମଧ୍ୟ କହିଛନ୍ତି - ନାଗରିକମାନେ ହେଲେ କରଦାତା। ସେମାନଙ୍କ ଚାଲିବା ପାଇଁ ଏକ ଫୁଟପାଥ ରହିବା ଆବଶ୍ୟକ। ଆମେ ଆମ ପିଲାମାନଙ୍କୁ ଫୁଟପାଥରେ ଚାଲିବାକୁ କହିଥାଉ। କିନ୍ତୁ ଯଦି ଫୁଟପାଥ ହିଁ ନଥିବ ତେବେ ଆମେ ପିଲାଙ୍କୁ କ'ଣ କହିବୁ?

ଗୋଟିଏ ଦିନ ପାଇଁ ହେଉ କି କେଇ ଘଣ୍ଟା ପାଇଁ ହେଉ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କୌଣସି ପାୱାରଫୁଲ ମନ୍ତ୍ରୀ କିମ୍ବା କୌଣସି ଭିଭିଆଇପି ଆସିବାର ଥିଲେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି, ଜବରଦଖଲ ଉଚ୍ଛେଦ, ରୋଡ୍ ଡିଭାଇଡରରେ ରଙ୍ଗ କାମ ଏବଂ ଅଳିଆ ଆବର୍ଜନା ଉଠାଇ ବ୍ଲିଚିଂ ପାଉଡର ଛିଞ୍ଚାଯାଏ। ଫୁଲକୁଣ୍ଡ ସଜେଇ ଦିଆଯାଏ ରାସ୍ତାକଡ଼ରେ। ଷ୍ଟ୍ରିଟ ଲାଇଟି ଜଳୁନଥିଲେ ରାତାରାତି ମରାମତି କରିଦିଆଯାଏ। ନିକଟ ମଫସଲ ଗାଁକୁ ବି ପକ୍କା ରାସ୍ତା ସହ ବିଦ୍ୟୁତ ସଂଯୋଗ ଦିଆଯାଇପାରେ ଅଳ୍ପ କେଇ ଘଣ୍ଟା ଭିତରେ। କିଛିଦିନ ତଳେ ମହାରାଷ୍ଟ୍ରରେ ଜଣେ ବଡ଼ନେତାଙ୍କର ଥାଟପାଟର ବିରାଟ ଗାଡ଼ି ମାଳା ଯାଉଥିବାବେଳେ ଜଣେ ସାଧାରଣ ଚାଷୀଟିକୁ ଜଣେ ସୁରକ୍ଷା କର୍ମୀ କିପରି ବିଲ ଭିତରକୁ ଏକ ପ୍ରକାର ଠେଲି ଫୋପାଡି ଦେଉଛନ୍ତି ତାହା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏଇଠି ଗୋଟିଏ ପୁରାଣର ଗପ ମନେ ପଡ଼େ। ପୁରା ଗପଟି କହିବା ଦରକାର ହେବନି ବୋଧେ, ଆପଣମାନେ ଜାଣିଥିବେ। ଗଣେଶ ଖୁବ ବୁଦ୍ଧିଆ, ତେଣୁ ସିଏ ମୂଷିକ ବାହନରେ ବସି ଶିବ ପାର୍ବତୀଙ୍କ ଚାରିପଟେ ଗୋଟେ ଘେରା ମାରି ବସି ପଡ଼ିଲେ ସେମାନଙ୍କ ପାଦ ତଳେ। କାର୍ତ୍ତିକ ବିଚରା ମୟୂର ପିଠିରେ ବସି ବିଶ୍ୱ ବ୍ରହ୍ମାଣ୍ଡ ପ୍ରଦକ୍ଷଣ ସାରି ଆସି ଦେଖିଲା ବେଳକୁ ଗଣେଶ ଆସି ସାରିଥାନ୍ତି। ଶେଷରେ ଗଣେଶ ହିଁ ଜିତିଲେ ଏ ଦୌଡ଼ରେ - ତାଙ୍କର ଯୁକ୍ତି ଥିଲା - ସାରା ବିଶ୍ୱକୁ ପରିକ୍ରମା କରିବା ଯାହା ସାରା ବିଶ୍ୱର ନିୟନ୍ତାଙ୍କ ଚାରିପାଖେ ବୁଲିବା ମଧ୍ୟ ଠିକ ସେଇଆ। ଏ ଗଳ୍ପ ସହିତ ଆମ ଗଣତନ୍ତ୍ର ଶାସନରେ ପ୍ରଧାନମନ୍ତ୍ରୀ ଏବଂ ଭିଭିଆଇପିଙ୍କୁ ସନ୍ତୁଷ୍ଟ କରିବାର ପ୍ରଚେଷ୍ଟା ଅନେକଟା ଗଣେଶଙ୍କ ବୁଦ୍ଧି ଭଳି। ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ କ୍ଷମତାଶାଳୀ ମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବା ଯାହା ସାଧାରଣ ଲୋକଙ୍କୁ ସନ୍ତୁଷ୍ଟ କରିବା ମଧ୍ୟ ଠିକ ସେଇଆ। କାରଣ ସେମାନେ ହେଲେ ସାଧାରଣ ଲୋକଙ୍କ ପ୍ରତିନିଧି। ସେମାନେ ଅୟସ ଆରାମରେ ରହିବା ଯାହା ସାଧାରଣ ଗରିବ ଖଟିଖିଆଟିଏ ଆରାମରେ ରହିବା ମଧ୍ୟ ଠିକ ସେଇଆ। ଆମକୁ ଯେଉଁମାନେ ପ୍ରତିନିଧିତ୍ୱ କରୁଛନ୍ତି ସେମାନେ ଭଲରେ ଅଛନ୍ତି ମାନେ ଧରିନେବାକୁ ହେବ ଆମେ ମଧ୍ୟ ଭଲରେ ଅଛୁ। ସେମାନଙ୍କ କିଣିବା କ୍ଷମତା ଅଛି ମାନେ ଆମ ପରିବା ବ୍ୟାଗ ଫୁଲ ହୋଇଛି ବୋଲି ଆମେ ଧରିନେବା ଉଚିତ।

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ବର୍ଷ ବର୍ଷ ଧରି ଆମ ଲୋକପ୍ରତିନିଧି ଯେଉଁମାନେ କି ଆମ ଅଭାବ, ଅସୁବିଧା, ସମସ୍ୟା ବିଧାନସଭା ବା ସଂସଦରେ ଆଲୋଚନା କରି ଆମ ସମସ୍ୟା ଦୂରୀକରଣ ପାଇଁ କାର୍ଯ୍ୟ କରୁଛନ୍ତି ଅନେକ ହୁଏତ ଜାଣି ନଥିବେ ଏଯାବତ ଆମ ନୂଆ ଦିଲ୍ଲୀର ପାର୍ଲାମେଣ୍ଟ କ୍ୟାଣ୍ଟିନରେ ବର୍ଷ ବର୍ଷ ଧରି ଅତି ରିହାତି ମୂଲ୍ୟରେ ଖାଦ୍ୟ ପରିବେଷଣ ହେଉଥିଲା। ଏ ନେଇ ସରକାରଙ୍କ ରାଜକୋଷରୁ କୋଟି କୋଟି ଟଙ୍କା ଅପବ୍ୟୟ ମଧ୍ୟ ହେଉଥିଲା। ବଡ଼ ପ୍ରଶ୍ନ ହେଉଛି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ତଥାକଥିତ ଲୋକ ପ୍ରତିନିଧି ମାନଙ୍କୁ କ'ଣ ପାଇଁ ଏତେ ସବୁ ସୁବିଧା ଖଞ୍ଜା ଯାଉଛି। ତେବେ ଏସବୁ ଭିତରେ କେହି ଜଣେ ଲୋକପ୍ରତିନିଧି କିମ୍ବା କୌଣସି ଦଳ ଏତେ ଶସ୍ତାରେ ଓ ସବସିଡ ଯୁକ୍ତ ଖାଦ୍ୟ ଗ୍ରହଣ ଉପରେ କେହି ମଧ୍ୟ ପ୍ରଶ୍ନ ଉଠାଇ ନାହାଁନ୍ତି। ଲୋକ ପ୍ରତିନିଧି ମାନଙ୍କ ପାଇଁ ସରକାରୀ ବ୍ୟବସ୍ଥାରେ ଅନେକ ସୁବିଧା ସୁଯୋଗ ରହିଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନାଗରିକମାନେ ନିଜର ମୌଳିକ ସର୍ବନିମ୍ନ ସୁବିଧାଟିକକ ପାଇବା ପାଇଁ ସେମାନଙ୍କୁ ଆନ୍ଦୋଳନ, ଅନଶନ ଏପରିକି ଅଭାବନୀୟ ହିଂସାକାଣ୍ଡ ପର୍ଯ୍ୟନ୍ତ ମଧ୍ୟ କଥା ଯାଉଛି। କିନ୍ତୁ ଆମ ଲୋକ ପ୍ରତିନିଧିମାନେ ଆମରି ଟ୍ୟାକ୍ସ ପଇସାରେ ଶସ୍ତାରେ ଖାଇବାକୁ କୁଣ୍ଠିତ ହୁଅନ୍ତି ନାହିଁ। ସେମାନଙ୍କର ମୂଲ୍ୟବାନ କାର ଠାରୁ ଆଉ ସମସ୍ତ ଘରୋଇ ଆସବାବ ପତ୍ର ମଧ୍ୟ ଜନସାଧାରଣଙ୍କ ଟିକସ ପଇସାରୁ ଭରଣା ହୋଇଥାଏ। ସ୍ୱାଧୀନତାର ଢ଼େର ବର୍ଷ ପରେ ଭାରତ ବିଶ୍ୱଗୁରୁ ଓ ଅଭିବୃଦ୍ଧି ସମ୍ପନ୍ନ ମର୍ଯ୍ୟାଦା ପାଇବା ସତ୍ତ୍ୱେ ଏବେ ବି ଭାରତର ଅନେକ ଅଞ୍ଚଳରେ ବିଜୁଳି ଟିକକ ନାହିଁ। କେଉଁଠି ରାସ୍ତା ନାହିଁତ, କେଉଁଠି ରୋଗଶଯ୍ୟାରେ ପଡ଼ି ଗରିବ ଲୋକଟି ମୃତ୍ୟୁର ଦ୍ୱାର ପାଖରେ ଛିଡ଼ା ହେଉଛି। ଦୁର୍ନୀତୀ ଭ୍ରଷ୍ଟାଚାର, ଦରଦାମ ଓ ବେରୋଜଗାରି କଥା ତ ଛାଡ଼ନ୍ତି! ଏବେ କିଛି ଦିନ ତଳେ ପ୍ରଧାନମନ୍ତ୍ରୀଙ୍କ ସମ୍ଭବତଃ ନିର୍ଦ୍ଦେଶ ପରେ ପାର୍ଲାମେଣ୍ଟ କ୍ୟାଣ୍ଟିନରୁ ଲୋକପ୍ରତିନିଧିଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉଠିଯାଇଛି। ଯେଉଁଠି ଦରଦାମକୁ ଦେଖି ଲୋକ ପ୍ରତିନିଧିମାନେ ନିଜର ଦରମା, ଭତ୍ତା ଓ ଆନୁସଙ୍ଗିକ ସୁବିଧା ସୁଯୋଗ ପାଇଁ ଦାବି କରି ପାରନ୍ତି କିନ୍ତୁ ଜନସାଧାରଣଙ୍କ ପ୍ରତିନିଧି ହୋଇ ସେମାନଙ୍କ ଟିକସ ଅର୍ଥରେ ଜୀବନ ନିର୍ବାହ କରି ବିଧାନସଭା ଓ ସଂସଦକୁ ଯାଉଥିବା ଆମ ଲୋକ ପ୍ରତିନିଧିମାନେ ଯେତିକି ସମୟ ନଷ୍ଟ କରି ବାଦାନୁବାଦ, ତର୍କ ବିତର୍କ ଓ ହଟଗୋଳ କରନ୍ତି ସେ ଦିନ ଯେଉଁ ମୂଲ୍ୟବାନ ଦିନଟି ନଷ୍ଟ ହୋଇଯାଏ ଯାହା ପାଇଁ ଅନେକ ଆଲୋଚନା ଓ ପ୍ରସ୍ତାବନା ମଧ୍ୟ ଠପ ହୋଇଯାଏ। ସେମାନଙ୍କର ସେହି ଦିନର ଦରମା, ଭତ୍ତା ଓ ପାଉଥିବା ବ୍ୟାପକ ସୁବିଧା ସୁଯୋଗ ଛାଡ଼ି ଦିଅନ୍ତି କି? ଆମ ଜାଣନ୍ତରେ ବିଧାନସଭା ବା ସଂସଦ ଚାଲୁଥିବାବେଳେ ଲୋକପ୍ରତିନିଧି ମାନଙ୍କୁ ଯାତାୟାତ ଠାରୁ ଖାଇବା ପିଇବା ଅନେକ ସୁବିଧା ସୁଯୋଗ ସହ ଭତ୍ତା ମଧ୍ୟ ମିଳିଥାଏ। ଯଦି ଆମ୍ଭ ମାନଙ୍କର ସମସ୍ୟା ଆଲୋଚନା ନ କରି କୌଣସି ପ୍ରସଙ୍ଗ ହେଉ ବା ଦଳୀୟ ଭାବଧାରା ଏହାକୁ ନେଇ ହଟଗୋଳ କରି ଆମ୍ଭ ମାନଙ୍କର ବିକାଶକୁ ବାଧା ପହଞ୍ଚାଉଥିବା ସେହି ଲୋକପ୍ରତିନିଧିମାନେ ନିଜ ବିବେକକୁ ଟିକେ ପଚାରିବା ଉଚିତ। ଭାରତ ବର୍ଷର ଅର୍ଥନୀତିର ବଡ଼ ଦୁର୍ଭାଗ୍ୟ ହେଉଛି ଏଠାରେ ଆମ ଲୋକପ୍ରତିନିଧି ମାନଙ୍କ ସୁବିଧା ସୁଯୋଗ ପାଇଁ ବ୍ୟାପକ ବ୍ୟବସ୍ଥା ଓ ଅର୍ଥର ଖର୍ଚ୍ଚ ରହିଛି। ତେଣୁ ଗଣ ଆମ ଦେଶରେ କେତେ ଶକ୍ତିଶାଳୀ ତାହା ବେଶ ଅନୁମାନ କରିହୁଏ। ତଥାପି ବମ୍ବେ ହାଇକୋର୍ଟଙ୍କ ପ୍ରଶ୍ନ ବେଶ ମନଛୁଆଁ। ଲୋକଙ୍କ କଥା କହିଛନ୍ତି ହାଇକୋର୍ଟ।

+ବିଭବ, ଆଚାର୍ଯ୍ୟ କଲୋନୀ,
ବାଲିଗୁଡ଼ା, କନ୍ଧମାଳ
ମୋ : ୯୪୩୭୨୪୨୩୧୭

# ପଥରସେନୀରେ ଦିନେ....



## ପ୍ରମୋଦ କୁମାର ମହାପାତ୍ର

ବର୍ଷଣ-ମୁଖର ଶ୍ରାବଣର ଏକ ଆଦ୍ର ଅପରାହ୍ନ। କାର୍ ରେ ଆମେ ବାହାରିଲୁ 'ପଥରସେନୀ' ଭାଇ, ଭାଉଜଙ୍କ ସହିତ। ବରଗଡ଼ ଜିଲ୍ଲା, ଅମ୍ବାଭୋନା ବ୍ଲକ ଅଧିନସ୍ଥ ବାରପାହାଡ ଓ ମହାନଦୀର ସଙ୍ଗମ କ୍ଷେତ୍ରରେ ଅବସ୍ଥିତ ଏହି ମନଲୋଭା ପର୍ଯ୍ୟଟନ ସ୍ଥଳୀ ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର।ସଡ଼କ ପଥରେ ବରଗଡ଼ ଠାରୁ ପ୍ରାୟ ୫୦ କିଲୋମିଟର ଦୂର। ବରଗଡ଼ରୁ ଭୁକ୍ତା -ରୁଚିଦା ରାସ୍ତାରେ ଭଟଲି ଡେଇଁ ସୁକୁଡ଼ା ରେଳ ଲେଭେଲ୍ କ୍ରସିଂ ପାର ହେଲା ପରେ ପରେ ବାରପାହାଡ ତଳି ଅଂଚଳର ଜଙ୍ଗଲ ଆରମ୍ଭ ହୋଇଯାଏ।ଏହିଠାରୁ ସମର୍ଧରା ଦେଇ କେଦାରନାଥ ମନ୍ଦିର ପହଞ୍ଚିବା ପର୍ଯ୍ୟନ୍ତ ସର୍ପିଳ ରାସ୍ତାର ଉଭୟ କଡ଼ରେ ଘଞ୍ଚ ସବୁଜିମା ଭରା ନାନା ଜାତିର ଜଂଗଲୀ ବୃକ୍ଷଲତା ଆତ୍ମା ଓ ଶରୀରକୁ ପୁଲକିତ କରି ଶୀତଳତା ପ୍ରଦାନ କରେ।ଗୁଡାଏ ବୁଲାଣି ଘାଟି ଓ ପାହାଡ ଧାରେ ଧାରେ ଗଙ୍ଗେଇ ନାଳର ଅନୁପମ ସୌନ୍ଦର୍ଯ୍ୟ ମନକୁ ମୋହାବିଷ୍ଟ କରି ରଖେ। ମୌସୁମୀ ସ୍ୱର୍ଶରେ ଆଜି ତାହା ବହୁଗୁଣିତ ହେଇ ସତେ ଅବା କେଉଁ ଐନ୍ଦ୍ରଜାଲିକ ମାୟାରେ ଆମକୁ ନିର୍ବାକ କରିଦେଉଥିଲା । ବର୍ଷାଭିଜା ମାଟିର ଗନ୍ଧ ପରିବେଶରେ ରୋମାଞ୍ଚ ଭରୁଥିଲା।

ଅଷ୍ଟଶମ୍ଭୁ ମଧ୍ୟରେ ଖ୍ୟାତ ବାବା 'କେଦାରନାଥ'ଙ୍କ ଦର୍ଶନ କରି

ଅମ୍ବାଭୋନା ଗ୍ରାମ ଶେଷ ପ୍ରାନ୍ତରେ ଡାହାଣକୁ ମୋଡ଼ି ଉତ୍ତର ଦିଗକୁ ୧୫ କିଲୋମିଟର ପାହାଡ଼ କଡ଼େ କଡ଼େ ଗଲା ବେଳେ କେଉଁଠି ଲହରୀ ମାରୁଥିବା ସବୁଜ ଧାନ କ୍ଷେତ ତ ଆଉ କେଉଁଠି ନାନା ଜାତି ପନିପରିବା ଚାଷରେ ହସି ଉଠୁଥିବା ବାଡ଼ି ବଗିଚାର ଦୃଶ୍ୟ ମନକୁ ଅତୀବ ଆନନ୍ଦିତ କରୁଥାଏ। ରାସ୍ତା ସାରା ଅନେକ ଜାଗାରେ ଗୋଠ ଫେରନ୍ତା ଗାଈଗୋରୁ ଓ ଛେଳି, ମେଣ୍ଢାଙ୍କ ପାଇଁ ଆମେ ଖୁବ୍ ସତର୍କତା ସହିତ କାର୍ ଚଲେଇ ଆଗକୁ ବଢୁ ଥାଉଁ। ବାଞ୍ଜିପାଲି ଗାଁ ଡେଇଁଲା ପରେ ଏକ ମାଟି ରାସ୍ତା ଦେଇ ପହଞ୍ଚିଲୁ ପଥରସେନୀ।

ଜନ ବସତି, ଗହଳି, ଆବର୍ଜନା ଠାରୁ ଦୂରରେ ଶାନ୍ତ, ସବୁଜିମା ଭରା ସୁବିସ୍ତୃତ ଖୋଲା ସ୍ଥାନ। ମାଟି, ଆକାଶ, ପାଣି, ବାୟୁ ଓ ଆଲୋକ ସବୁ ତ ଏଇଠି ଅଜାଡ଼ି ହୋଇ ପଡୁଛନ୍ତି ତା'ର ପ୍ରାକୃତିକ ରୂପରେ ।ମହାନଦୀ କାହିଁ ପଶ୍ଚିମରୁ ଧାଇଁ ଆସିଛି ବାରପାହାଡ଼ର ସାନିଧ ଲାଭ ପାଇଁ। ଆତ୍ମ ତୃପ୍ତିରେ ସ୍ଥିତ ହୋଇ ପୁଣି ବଢ଼ି ଯାଇଛି ଆଗକୁ ସ୍ୱଧର୍ମ ରକ୍ଷା ପାଇଁ, କୋଟି ଓଡିଆଙ୍କ ଜୀବନରେ ପ୍ରାଣ ସଂଚାର ପାଇଁ, ପରିଶେଷରେ ମହୋଦଧିରେ ଲୀନ ହେବାପାଇଁ!

ଆଃ ..ଅସରନ୍ତି ଏ ପ୍ରକୃତିର ଭଣ୍ଡାର, ଯାହା ପାରୁଛୁ ସାଉଁଟି ନେ! କିନ୍ତୁ,କେତେ ଅସହାୟ ଏ ମଣିଷ, କାଣିଚାଏ ବି ଧରି ରଖିବାକୁ ଅସମର୍ଥ! ମୁଁ ଉର୍ଦ୍ଧ୍ୱକୁ ହାତ ପ୍ରସାରି ଅପଲକ ନୟନରେ ନୀରବରେ ଛିଡ଼ା ହେଲି କିଛି ସମୟ ପାଇଁ...

ଏକ ଭବ୍ୟ ଛୋଟ ମନ୍ଦିରରେ ଏଠିକାର ଆରାଧ୍ୟ ଦେବୀ ମାଁ' 'ପଥରସେନୀ'ଙ୍କୁ ଦର୍ଶନ କରି ଧନ୍ୟ ମନେ କଲି।ପାର୍ଶ୍ୱରେ ଆଉ ଦୁଇଟି ମନ୍ଦିର। ପୂଜକଙ୍କ ଠାରୁ ଜାଣିଲି ଏଠିକାର ମୁଖ୍ୟ ପର୍ବ ମକର ମେଳା, ସେ ସମୟରେ ଖୁବ୍ ଭିଡ଼ ହୁଏ। ତା'ଛଡ଼ା ବଣ ଭୋଜି ଋତୁ ଆରମ୍ଭ ହେଲେ ଦୂର ଦୁରାନ୍ତରୁ ଲୋକେ ଦୌଡ଼ି ଆସନ୍ତି ଏଠିକି। ଦେଖିଲି, ପର୍ଯ୍ୟଟକଙ୍କ ସୁବିଧା ପାଇଁ ଅନେକ ଉନ୍ନତି ମୂଳକ କାମ ଆଗେଇ ଚାଲିଛି। ବେଶୀ ଭିଡ଼ ହେଲେ ଏହି ସୁନ୍ଦର ପରିବେଶକୁ ପ୍ଲାଷ୍ଟିକ ତଥା ଅନ୍ୟାନ୍ୟ ପ୍ରଦୂଷଣରୁ ମୁକ୍ତ ରଖିବା ମୁଖ୍ୟ ସମସ୍ୟା ଓ ଚିନ୍ତାର ବିଷୟ। ଏଥିପାଇଁ ଅବଶ୍ୟ ସ୍ଥାନୀୟ ଲୋକଙ୍କ ପରିବେଶ ସଚେତନତା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରୁଥିଲି।

ପୂର୍ଣ୍ଣଗର୍ଭା ମହାନଦୀ, ଦିଗନ୍ତ ବିସ୍ତାରି କେବଳ ପାଣି ଆଉ ପାଣି। ଚମତ୍କାର ସେ ଦୃଶ୍ୟ!ପଥର ବନ୍ଧ ଉପରୁ ପାହାଚ ଦେଇ ଓହ୍ଲେଇ ନଦୀ ପାଣି ଭିତରକୁ ପଶିଲି। ବର୍ଷା ଦିନ ହେଲେବି କି ସୁନ୍ଦର ସ୍ୱଚ୍ଛ,କାଚକେନ୍ଦୁ ପାଣି! ମୁଁ ଅଭିଭୂତ ହୋଇ ପଡୁଥିଲି। ତର ସହୁ ନଥିଲା,ଆଉ ଡେରି ନ କରି ପାଣିରେ ଝାସ ଦେଲି, ପହଁରି ପହଁରି କିଛି ଭିତରକୁ ଚାଲିଗଲି। ଏଣେ ପାଦେ ପାଣିରେ ଗୋଡ଼ ଏପଟ ସେପଟ କରି ଖେଳୁଥିବା ସହଧର୍ମିଣୀ ଚିତ୍କାର କଲେ - ' ଆରେ ଫେରି ଆସ ଚଞ୍ଚଳ,ଭିତରକୁ କାହିଁ ଯାଉଛ, ସ୍ରୋତରେ ଭାସିଯିବ ଟି'।

-'ଚିନ୍ତା କରନା,ଛୁଆ ଦିନୁ ପହଁରା ଜାଣିଛି। ସ୍ରୋତର ପ୍ରତିକୂଳରେ ଖେଳିବା ସଉକ, ଅନୁକୂଳରେ ବି ଭାରସାମ୍ୟ ରକ୍ଷା କରି ପାରିବି, ଖାଲି ସତର୍କ ହେବା କଥା ଭଉଁରିକୁ। ନଦୀ ସେ ମୁଣ୍ଡକୁ ବି ଯାଇ ଫେରି ଆସି ପାରିବି'; ଗୋଡ଼ରେ ପାଣି ଛାଟି, ହାତରେ ଆହୁଲା ମାରି କିଛି ଦୂର ଯାଇ ପୁଣି ବୁଡ଼ ମାରି ଆହୁରି ଭିତରକୁ ଯାଉ ଯାଉ ମୁଁ ଦମ୍ଭ ସହକାରେ କହିଲି।

- 'ଥାଉ ଥାଉ ତୁମର ସେ ବହପ, ବୟସକୁ ଟିକେ ତ ଖିଆଲ୍ କର'।

ସହଧର୍ମିଣୀଙ୍କ ବିଦ୍ରୂପାତ୍ମକ ବାକ୍ୟ ବାଣରେ ଚେତା ପଶିଲା।ସତେ ତ, କୃତ୍ରିମତା ଭରା ସହରୀ ଜୀବନର ପାଣି ଟେପ୍, ବାଲ୍ଟି, ମଗ୍ ଧରି ଗାଧୁଆରେ ଅଭ୍ୟସ୍ତ ଏ ମଣିଷ ଗାଉଁଲି ପରିବେଶର ଏହି ପ୍ରାକୃତିକ ଜୀବନ ଶୈଳୀକୁ କେବେଠୁ ପରିତ୍ୟାଗ କରି ସାରିଲାଣି।

ପରିଣାମ ସ୍ୱରୂପ କେତେ କେତେ ଯେ ମୂଲ୍ୟବାନ ଜୀବନ ପାଣିରେ ବୁଡି ଅଯଥା ଚାଲି ଯାଉଛି !ଛାତ୍ର ସମୟରୁ ସ୍କୁଲ୍ ଗୁଡିକରେ ସନ୍ତରଣ ଶିକ୍ଷାକୁ ବାଧ୍ୟତାମୂଳକ କଲେ କେତେ ଉପକାର ନ ହୁଅନ୍ତା! ଶାରୀରିକ ଶ୍ରମ ଜଡ଼ିତ ଏକ ସହଜାତ ପ୍ରକୃତି ଅକାଳରେ ଅବକ୍ଷୟ ହେବା ଆଗରୁ ରକ୍ଷା ପାଇଯାନ୍ତା !କେତେ କଅଁଳ ପ୍ରାଣ ଅସମୟ ମରଣରୁ ରକ୍ଷା ପାଇ ଯାଆନ୍ତେ!!

ଯୁବ ବୈଜ୍ଞାନିକ ହିସାବରେ ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନରେ ନୂଆଁ କରି ଯୋଗଦେଇଥିବା ଏ ଅଞ୍ଚଳର ବରପୁତ୍ର ତଥା ଜଣେ ମେଧାବୀ ଛାତ୍ର ଛୁଟିରେ ଆସି ନିଜ ଗାଁ' ପୋଖରୀରେ ପାଣିରେ ବୁଡ଼ି ପ୍ରାଣ ହରାଇବା ଥିଲା ଯେତିକି ଦୁଃଖ ଦାୟକ; ନିକଟ ଅତୀତରେ ଏହି ସ୍ଥାନରେ ଘଟି ଯାଇଥିବା ଡଙ୍ଗା ବୁଡ଼ି ଘଟଣା, ଯେଉଁଥିରେ ଅପର ପାର୍ଶ୍ୱରୁ ମା' ଙ୍କୁ ଦର୍ଶନ ପାଇଁ ମନ ଖୁସିରେ ଆସୁଥିବା ବେଳେ ହଠାତ୍ ସୁରକ୍ଷା ବିହୀନ ଦଦରା ଡଙ୍ଗାଟି ଓଲଟି ପଡ଼ିବାରୁ ଅନେକ ଶିଶୁ, ସ୍ତ୍ରୀ ଏବଂ ପୁରୁଷ ଲୋକ ଜଳ ସମାଧି ପ୍ରାପ୍ତ ହୋଇଥିଲେ, ଥିଲା ସେତିକି ମର୍ମନ୍ତୁଦ। ଆହା, ଯଦି ସେ ସମସ୍ତେ ସନ୍ତରଣ ପଟୁ ହୋଇଥାନ୍ତେ, ଯଦି ନଈ ପାଣିରେ ସୁରକ୍ଷା ଓ ସତର୍କତା ପ୍ରତି କେହି ନଜର ରଖିଥାନ୍ତା, ତେବେ....

ଭାବୁଥିଲି, କାହାର ଅବହେଳା କେମିତି କାହାର ଦୁର୍ଭାଗ୍ୟରେ ବଦଳି ଯାଏ!

କୁହାଯାଏ -'ତୁମେ ଗୋଟାଏ ନଦୀରେ ଦୁଇ ଥର ଗାଧୋଇ ପାରିବ ନାହିଁ'। କୈଶୋର ଅବସ୍ଥାରେ କେତେ ଥର ନଦୀ ଆର କୁଳ ମାଁ'ଙ୍କ ମାମୁଁ ଘର ଗାଁ' ଯାଇଥିଲା ବେଳେ ଏଠି ମନଭରି ପହଁରିବା ଏବଂ ପେଟଭରି ଥାଳିଆ ପରସା ଏ ନଦୀର ସୁଆଦିଆ ମାଛ ତରକାରୀ ଖାଇବାର ମଜା ନେଇଛି।ସେ ଦିନରୁ ଆଜିଯାଏ ମହାନଦୀରେ ଅନେକ ପାଣି ବହି ଗଲାଣି।

ଏହି ନଦୀ ନିତ୍ୟ ନୂତନ, ପ୍ରତି କ୍ଷଣ ନବ ସୃଜନର ଛନ୍ଦ,ଲୟ,ତାଳରେ ଅହର୍ନିଶୀ ପ୍ରବାହ ମାନ; ପ୍ରକୃତି ଓ ମାନବ ସଭ୍ୟତାର ବିବର୍ତ୍ତନ ପାଇଁ ଏକ ଐଶ୍ୱରୀୟ ବରଦାନ!

ସଂଧ୍ୟା ଉପଗତ। ଅସ୍ତାଚଳ ଗାମୀ ସୂର୍ଯ୍ୟଙ୍କ କଅଁଳ କିରଣ ମହାନଦୀରେ ପ୍ରତିଫଳିତ ହୋଇ ଅପୁର୍ବ ବର୍ଣ୍ଣ-ଛିଟା ପ୍ରସ୍ତୁତ କରୁଥିଲା। କଳାମେଘ ଭର୍ତ୍ତି ଆକାଶରେ ନୀଡ଼ ବାହୁଡ଼ା ପକ୍ଷୀ ମାନେ ଡେଣା ମେଲେଇ ଦଳ ଦଳ ହୋଇ ଉଡ଼ି ଯିବାର ଦୃଶ୍ୟ ମନକୁ ଆହ୍ଲାଦିତ କରୁଥିଲା। ଘରମୁହାଁ ଏକ ମାଛ ଧରା ହୁଲି ଡଙ୍ଗାରେ ବସି କିଛି ସମୟ ମହାନଦୀରେ ସାନ୍ଧ୍ୟ ବିହାର କରିବାର ମଜା ଏକ ନିଆରା ଅନୁଭୂତି ଆଣୁଥିଲା।

ମନକୁ ଉତୁରି ଆସୁଥିଲା ଓଡ଼ିଆ ସଙ୍ଗୀତ ଯାଦୁକର ଅକ୍ଷୟ ମହାନ୍ତିଙ୍କ ସେହି ଅଭୁଲା ଗୀତ...

ଯା' ଯା' ରେ ଭାସି ଭାସି ଯା'...
ନଉକା ମୋର ଭାସି ଯା'....
ମହାନଦୀର ନୀଳ ଢ଼େଉରେ
ନାଚି ନାଚି ତୁ ଭାସି ଯା'.....

କଳାପାଣି, ଜି: ବରଗଡ଼
ମୋ - ୯୪୩୭୫୬୭୮୩୧୧




## ସହର ସହର ବାସୁଛି
### ହରେରାମ ପଣ୍ଡା

ଏବେକୁ ଦେଖିଲେ ଗାଆଁଟା ଆମର
ଅଲଗା ଅଲଗା ଲାଗୁଛି,
ଚାଳଘର ସବୁ କୋଠା ବନିଲାଣି
ଗାଆଁ ବାଟ ପକ୍କା ହୋଇଛି ।
ବିଜୁଳି ଆଲୁଅ ଝଲସେ ଗାଆଁରେ
ଦିନ ପରି ରାତି ଲାଗୁଛି,
ଭାଗବତ ଟୁଙ୍ଗୀ ଭୁଷୁଡି ଗଲାଣି
କ୍ଲବ୍ ଘର ସେଠି ହୋଇଛି ।
ଘରେ ଘରେ ଏବେ ମିଳେ ନଳପାଣି
ପାଇଖାନା ସବୁ ବାଡିରେ,
କାର୍ ବାଇକ୍ ଜମାରୁ ନଥିଲା
ଗଣ୍ଡା ଗଣ୍ଡା ଏବେ ଗାଆଁରେ ।
ମାଗଣାରେ ମିଳେ ଚାଉଳ ଗହମ
ବାବୁ ପରି ଲୋକେ ଚଳନ୍ତି,
ଚଳଣି ଦେଖିଲେ ଲାଗୁଛି ଯେମିତି
ଗାଆଁରେ ଗରିବ ନାହାଁନ୍ତି ।
ବାଡି ବଗିଚା ତ ପଡ଼ିଆ ପଡିଛି
ପରିବା ଦୋକାନ ଖୋଲିଛି,
ଗାଆଁ ପୋଖରୀରେ ଫୁଟୁନି ପଦୁଅଁ
ମାଛଚାଷ ଏବେ ହେଉଛି ।
ରଜ, ହୋଲି ଆଉ କୁଆଁର ପୁନେଇଁ
ଆଗପରି ଜମା ଲାଗୁନି,
ଏବେକୁ ଜମୁଛି ସରସ୍ୱତୀ ପୂଜା
ଟୋକାଙ୍କୁ ତ ନିଦ ଆସୁନି ।
ଗାଆଁରେ ହେଇଛି କଲ୍ୟାଣ ମଣ୍ଡପ
ବାହାବ୍ରତ ସେଠି ଚାଲିଛି,
ମଙ୍ଗନ ଆଗରୁ ହେଉନି ଲଗନ
ରିଙ୍ଗ୍ ସେରିମୋନି ହେଉଛି ।
ପୁଅ ଝିଅମାନେ ଗପସପ ଭୁଲି
ମୋବାଇଲ ଧରି ଘଷନ୍ତି,
ଦେଶୀ, ବିଦେଶୀ ବି ମିଳୁଛି
ଗାଆଁରେ
ପିଲା ଠାରୁ ବୁଢ଼ା ଟେକନ୍ତି ।
କାହାଘରେ କିଛି ହେଲେ ଭଲମନ୍ଦ
ପଡିଶା ମାଡୁନି ଦୁଆର,
ଝିଅ ବୋହୂମାନେ ଆଗୁଆ ହେଲେଣି
ଡର ଭୟ ନାହିଁ କାହାର ।
ବଦଳି ଯାଇଛି ଷ୍ଟାଇଲ୍ ଫେସନ
ନୀତି ନୈତିକତା ହଜିଛି,
ଆଗପରି ଆଉ ନାହିଁ ଆମ ଗାଆଁ
ସହର ସହର ବାସୁଛି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର ।
ମୋ:୯୪୩୮୦୬୫୧୯୫

## ବର୍ଷା ବିହାର
### ଡ. ଦୀପକ କୁମାର ମିଶ୍ର

ନିଷିଦ୍ଧ ଫଳଟା ଭୋଗ ପରେ ପରେ
ଦେହର ଦୈନିକଚର୍ଯ୍ୟାରେ
ଲୁଗା ତ ଶତ ପ୍ରତିଶତ ସହଭାଗୀ
ସୁତରାଂ ଆବୃତରୁ ଅନାବୃତ ଯାଏଁ
ଭିନ୍ନ ଭିନ୍ନ ତୀକ୍ଷ୍ଣ ଅନୁଭୂତିର
ଏକ ଅନ୍ଧ ସହଯାତ୍ରୀ ।
ତନ୍ତୁରେ ଭିଣାହେଇ ଲୁଗାଟିଏ ହେବା
କ'ଣ କମ ଆଣ୍ଟକାମ କି
କପାରୁ ତୁଳା, ତୁଳାରୁ ସୂତା
ପୁଣି ରଙ୍ଗେଇହୋଇ, ବୁଣାହେଇ
କନା ହେବା
କାହା ତନୁରେ ଯୋଡ଼ିଯାଡ଼ି ହୋଇ
ଲଜ୍ଜା, ନଗ୍ନତା ଓ ସୌନ୍ଦର୍ଯ୍ୟତା
ମଧ୍ୟରେ
ଆପେକ୍ଷିକ ସଂଜ୍ଞାର
ସଂଯୋଗୀକରଣ କରିବା,
ସତରେ ଲୁଗା ପାଇଁ ପାଦେ ପାଦେ
ଖଞ୍ଜା
ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମର
ଏକ ସ୍ୱତନ୍ତ୍ର ପ୍ରକ୍ରିୟା ।
ଦେହ ଭାର୍ଯ୍ୟାର ହେଉକି ବାରଙ୍ଗନାର
ସବୁଦିନେ ସକାଳେ ସଜେଇହୋଇ
ରାତିରେ ବିବସ୍ତ୍ର ହୁଏ ଲୁଗା
ଖାଲି ଶୋକର ଶେଜଟିଏ ସଜାଏ
ଯେବେ ଦ୍ରୌପଦୀମାନଙ୍କର
ବସ୍ତ୍ରହରଣ ହୁଏ
ଜଙ୍ଘ ଥାପୁଡ଼ା ହେଉଥିବା
ଅନ୍ଧ ବିଦ୍ୱାନମାନଙ୍କର
ସଭାସମିତିରେ ।
ପ୍ରତିହିଂସାରେ ପ୍ରହାର ହୁଏ ଶରୀରକୁ
ଅଥଚ ରକ୍ତରେ ଜୁଡୁବୁଡୁ ହୁଏ ଲୁଗା
କି ନିଆଁଲଗା ଭାଗ୍ୟ ତା'ର
ଲୋଲୁପତାର ପ୍ରଥମ ପାହାଚରେ ମଧ୍ୟ
ଟାଣି ଫିଙ୍ଗାହୁଏ ଲୁଗା ।
ସଧବା ହେଉ କି ବିଧବା
ପାଟରାଣୀ ହେଉ କି ପୋଇଲି
ହିଜାବ୍ ହେଉ କି ତେଜାବ୍
କେଉଁ ଆବହମାନରୁ ଆଜିପର୍ଯ୍ୟନ୍ତ
ଅନ୍ୟକୁ ଘୋଡ଼େଇ
ତାଡ଼ନା ଓ ତଡ଼ିପାରର
ପ୍ରଥମ ଗ୍ରାହକଟିଏ ହିଁ ସାଜିଥାଏ
ଲୁଗା।

ଭୁବନେଶ୍ୱର
ମୋ:୮୨୮୦୨୧୧୦୦୦

## ସୁନାର ରାଇଜେ ସୁନା ଖଣି
### ଡିସମ୍ବର ମେହେର



ରାଇଜ ଭିତରେ ରାଇଜଟିଏ ସେ
ସୁନାର ଓଡିଶା ମୋର
ଦେଖିଲେ ଲେଖିଲେ
ସରେ ନାହିଁ ଜମା
ରୂପ ଲାବଣ୍ୟ ଯେ ତାର
ଦେଖ ଏ ଓଡିଶା ମୋର
ଇତିହାସ ଗାଏ ତା କିରତି କେତେ
ବିଶ୍ୱରେ ତାହା ତ ସାର ।

ସବୁଜ ଶ୍ୟାମଳ ଚିର ନିରିମଳ
ମଧୁମୟ ତା ଜଗତ
ଶାନ୍ତ ସ୍ୱଭାବ ଛବିଳ ତନୁରେ
ପ୍ରକୃତି ହୋଇଛି ଜାତ
ସବୁରି ପାଇଁ ସେ ହିତ
ଗିରି ବନ ରାଜି ହୋଇ ସଜାସଜି
ହଲାଉ ଥାଆନ୍ତି ହାତ ।

ନୀଳ ଗଗନରେ ବଉଦ ଭାସଇ
ଦେଖାଇ ରୂପେଲି ଛବି
କେବେ ଘନ ହୋଇ ବରଷା କରଇ
ଲୁଚାଇ ଆକାଶେ ରବି
ଚାହିଁ ରହେ ତାକୁ କବି
ବରଷା ଟୋପାରେ ଇନ୍ଦ୍ରଧନୁ ଦେଖି
କବିତା ଲେଖେ ସେ ଭାବି ।

ଗାତ୍ରରେ ତାହାର ଭରି ହୋଇଅଛି
ଅମାପ ଅମାପ ଧନ
ଖଣିଜ ରୂପରେ ସମ୍ପଦ ସାଜି ସେ
ପାଳୁଛି ନିଜ ସନ୍ତାନ
ଦେଖନ୍ତି ସରବ ଜନ
କୋଇଲା, ବକ୍ସାଇଟ, ଲୁହାପଥର
ଏମିତି ଖଣିଜ ମାନ ।

ସୁନା ଓଡ଼ିଶାରେ ଆବିଷ୍କାର ଆଜି
ସୁନା ଖଣି ଟିଏ ଦେଖ
ବିକଶିତ ହେବ ଆଗକୁ ବଢିବ
ଏ କଥାଟି ମନେ ରଖ
ଆସିବେ ସଭିଏଁ ପାଖ
ହସିବ କଳ ଯେ କାରଖାନା ମାନ
ପାଇବା ସରଗ ସୁଖ ।

ଆଧୁନିକ ଯୁଗେ ଆଧୁନିକ ସାଜି
ସଜାଇ ହୋଇବ ସିଏ
ସଜ୍ଜିତ ଅଛନ୍ତି ସକଳ ଜନତା
ସଇନ ରୂପରେ ପ୍ରାୟେ
ଆଖି ଦେଖାଅନି କିଏ
ଓଡିଶା ମାତାର ବୀର ସନ୍ତାନ ଯେ
ଯୋଦ୍ଧା ରୂପେ ଉଭା ହାଏ ।

ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ



ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୩୧



## ଡ.ସିନ୍ଧୁ ସେନ୍

ମୁଁ କିଛି ଭାବିପାରୁ ନଥିଲି । ଲକ୍ଷ୍ୟକଲି କବାଟ କୋଣରେ ଠିଆ ହୋଇ ମନ୍ଦୋଦରୀ ସବୁ କଥା ଶୁଣୁଥିଲେ । ତାଙ୍କ ଆଡ଼େ ତୀର୍ଯ୍ୟକ୍ ଦୃଷ୍ଟିରେ ଅନାଇ ମୁଁ ବେଶ୍ ପଢ଼ି ପାରୁଥିଲି ତାଙ୍କ ସମ୍ମତିର ପରିଭାଷାକୁ । ମୁଁ ନିଜେ ବି ବୁଝିପାରୁ ନଥିଲି । ଏମିତି କ'ଣ ସବୁ ଘଟିଗଲା । ମନ୍ଦୋଦରୀ ସହ ଆସିଲାବେଳେ ମୁଁ କଣ ଜାଣିଥିଲି, ଆଶ୍ରମରେ ମୋ ସହ ଏମିତି କିଛି ଘଟିବ ବୋଲି । ମୁଁ ଲଙ୍କାର ରାଜା । ମୋ ବିବାହ କ'ଣ ଏମିତି ବିନା ସ୍ୱୟମ୍ବରରେ ହୋଇଯିବି । ତାଛଡ଼ା ମୁଁ କ'ଣ ଜାଣିଥିଲି, ଏତେ ସହଜରେ ମୋର ଇପ୍‌ସିତ ପ୍ରିୟତମାଙ୍କୁ ଏଇଠାରେ ହିଁ ପାଇଯିବି ବୋଲି ।

ମୟ ଦାନବଙ୍କ ସୁକନ୍ୟା ମନ୍ଦୋଦରୀ । ଏମିତି ସେମିତି ସାଧାରଣ ଯୁବତୀ କନ୍ୟା ନୁହଁ ସ୍ୱର୍ଗର ଅପ୍‌ସରୀ ହେମାଙ୍କ ଅଲିଅଳୀ କନ୍ୟା ସେ । ପରିସ୍ଥିତିରେ ପଡ଼ି ସେ ମାତୃସ୍ନେହରୁ ବଞ୍ଚିତା । ହେଲେ ପିତା ମୟଦାନବ ତ ତାକୁ କେବେ ଅବହେଳା କରିନାହାନ୍ତି । ଏକାଧାରରେ ବାପା ମାଆ ଉଭୟ ଦାୟିତ୍ୱ ନେଇ ତାକୁ ମଣିଷ କରିଛନ୍ତି । ବହୁତ ଯତ୍ନରେ ଲାଳନ ପାଳନ କରିଛନ୍ତି । ଜଣେ ଅପ୍‌ସରୀର କନ୍ୟା ରାଜରାଣୀ ହେବାରେ ବାଧା ରହିଲା କେଉଁଠି ? ଏତକ ବି ଜାଣେ ମୋ ନିଷ୍ପତ୍ତି ବିରୋଧରେ କେହି ବି ସ୍ୱର ଉତ୍ତୋଳନ କରିବେ ନାହିଁ । ବରଂ ସମସ୍ତେ ହିଁ ଆନନ୍ଦର ସହ ସ୍ୱାଗତ କରିବେ ଆମ ଦୁହିଁଙ୍କୁ ।

ମନ୍ଦୋଦରୀ ସହ ପ୍ରଥମ ସାକ୍ଷାତରେ ମୋ ଜୀବନରେ ପ୍ରେମର ଫଲ୍‌ଗୁ ବହି ଯାଇଥିଲା । ମନେମନେ ମୁଁ ତାଙ୍କ ବିଷୟରେ ଅନେକ କିଛି ଭାବି ନେଇଥିଲି । ପ୍ରେମ ତ ସଦାସର୍ବଦା ମଧୁକ୍ଷରା । ପ୍ରେମର ଫଲ୍‌ଗୁରେ ସମସ୍ତେ ହିଁ ଲୀନ ହୋଇଯାନ୍ତି । କେଉଁଠି ପ୍ରେମର ସତ୍ତା ନାହିଁ । ପ୍ରକୃତି ପୃଷ୍ଠରେ ତ ଅହରହ ଲାଗିରହିଛି ଏହି ପ୍ରେମଲୀଳା । ଯେଉଁଠି ଜହ୍ନ ସହ କଇଁର ଆଉ ସୂର୍ଯ୍ୟ ଆଉ ପଦ୍ମର ପ୍ରେମଲୀଳା ସମଗ୍ର ଜଗତକୁ ମହାନ୍ କରିପାରିଛି । ସେଠାରେ ମର୍ତ୍ତ୍ୟର ମାନବ ସମାଜ ପାଇଁ ଅସମ୍ଭବର କାରଣ କ'ଣ ? ଭାବୁଥିଲି ମୁଁ ଯେମିତି ପ୍ରଥମ ଦେଖାରେ ମନ୍ଦୋଦରୀ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲି । ତାଙ୍କ ମନରେ ମଧ ମୋ ପାଇଁ ସେମିତି ପ୍ରେମ ଉଦ୍ରେକ ହୋଇଥିବ । ନହେଲେ ସେ କାହିଁକି ମୋତେ ଝରଣା କୂଳରୁ ତାଙ୍କ ଆଶ୍ରମକୁ ଡାକିଲେ । ମନ୍ଦୋଦରୀଙ୍କ ସେଥିରେ ନିଶ୍ଚୟ କିଛି ସ୍ୱାର୍ଥ ଥିଲା । କିଛି ଆକାଂକ୍ଷା ଥିଲା । ସେ ବି ଚାହୁଁଥିଲେ ସେ ତାଙ୍କ ପାଇଁ ପତି ଚୟନ କରି ବାପାଙ୍କ ମନରେ ଆଶ୍ୱାସନା ଭରିଦେବା ପାଇଁ ।

ମନ୍ଦୋଦରୀ ସାଧାରଣ କନ୍ୟା ନୁହେଁ । ସ୍ୱର୍ଗ ଅପ୍‌ସରୀ ହେମା ତାଙ୍କ ମାତା । ସେଭଳି କନ୍ୟାରତ୍ନକୁ ପତ୍ନୀ ରୂପେ ପାଇବା ଭାଗ୍ୟର କଥା । ମୁଁ ତେଣୁ ଆଗପଛ କିଛି ନ ଭାବି ମୟଦାନବଙ୍କୁ ଆମ ବିବାହ ନିମନ୍ତେ ପ୍ରସ୍ତୁତି କରିବାକୁ ଇଂଗିତ ଦେଲି । ସେ ମଧ ମୋ କଥାରେ ତଟସ୍ଥ ହୋଇଗଲେ । ଜଣେ ରାଜା ହୋଇ ବିନା ଆଡ଼ମ୍ବରରେ ଏଇ ଆଶ୍ରମ ମଧରେ ହିଁ ଲଙ୍କେଶ୍ୱର ଯେ କନ୍ୟାକୁ ପତ୍ନୀ ରୂପେ ବରଣ କରିନେବେ, ସେକଥା ଭାବି ନପାରି, ସେ କେବଳ ମୋ ଆଡ଼କୁ ଏକଲୟରେ ଅନାଇ ରହିଥିଲେ ।

ମୁଁ ରାବଣ ଲଙ୍କାର ରାଜା ଲଙ୍କେଶ୍ୱର । ବିଶ୍ରବା ନନ୍ଦନ ସୁମାଳୀ ଦୈତ୍ୟଙ୍କ ନାତି । ଯାହା କହେ, ତାକୁ କାମରେ କରି ଦେଖାଏ । ଏତିକି ମଧ ବିଶ୍ୱାସ ଥିଲା ମାତା ନିକଷା ମନ୍ଦୋଦରୀକୁ ନିଶ୍ଚୟ ତାଙ୍କର ପୁତ୍ରବଧୂ ରୂପେ ଗ୍ରହଣ କରିନେବେ । ଚାହିଁଥିଲେ ମୁଁ ରାଜମହଲକୁ ଯାଇ ପରିବାର ବର୍ଗଙ୍କ ସହ ଏ ବିବାହକୁ ଉପଭୋଗ କରି ପାରନ୍ତି । ମାତ୍ର ମୟଦାନବଙ୍କ ଆତୁରତା, ବ୍ୟସ୍ତତା ମୋ ମନର ବ୍ୟାକୁଳତାକୁ ଆହୁରି ବଢ଼ାଇ ଦେଇଥିଲା । ମୁଁ ତେଣୁ ଆଶ୍ରମ ପରିସର ମଧରେ ହିଁ ଅଗ୍ନିକୁ ସାକ୍ଷୀ ରଖି ମନ୍ଦୋଦରୀ ଦେବୀଙ୍କୁ ପତ୍ନୀରୂପେ ଗ୍ରହଣ କଲି ।

ଆମ ବିବାହ ବେଶ୍ ନିରାଡ଼ମ୍ବରରେ ହୋଇଗଲା । ମୟ ଦାନବଙ୍କ ନିର୍ଦ୍ଦେଶରେ ଅଗ୍ନି ପ୍ରଜ୍ୱଳିତ ହେବାପରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ମୟ ତାଙ୍କର କନ୍ୟାଦାନ ପର୍ବ ସମାପ୍ତ କଲେ । ମନ୍ଦୋଦରୀଙ୍କ ସହ ମୋର ହସ୍ତଗ୍ରନ୍ଥି ପଡ଼ିଲା ବେଳେ ଆଶ୍ରମ ଅନ୍ତେବାସୀ ମାନେ ଆମ ଦୁହିଁଙ୍କ ଉପରକୁ ପୁଷ୍ପବୃଷ୍ଟି କରୁଥିଲେ । ସେଦିନ ମୋର ଯେମିତି ମନେ ହେଉଥିଲା । ମନ୍ଦୋଦରୀ କେବଳ ମୋର ଅର୍ଦ୍ଧାଙ୍ଗିନୀ ନଥିଲେ । ମୋର ପ୍ରତିଟି ରକ୍ତ କଣିକାରେ ସେ ହିଁ ତ ଶିରା ପ୍ରଶିରା, ଆମ ଦୁହିଁଙ୍କ ଶରୀର ଭିନ୍ନ ହୋଇପାରେ । ହେଲେ ଆତ୍ମା ଥିଲା ଏକ ।

ମୁଁ ଦିନେ ଆର୍ଯ୍ୟ ସଂସ୍କୃତିର ବିରୋଧି ଥିଲି । ହେଲେ ପିତା ବିଶ୍ରବା ଋଷିଙ୍କ ଆଶ୍ରମରେ ମୋତେ ଆର୍ଯ୍ୟ ସଂସ୍କୃତିରେ ହିଁ ବଢ଼ିବାକୁ ପଡ଼ିଥିଲା । ଏବେ ପୁଣି ଆର୍ଯ୍ୟ ସଂସ୍କୃତି ଧର୍ମରେ ପ୍ରତିପାଳିତ ଶଶୁର ମୟଦାନବଙ୍କ କନ୍ୟା ମନ୍ଦୋଦରୀଙ୍କୁ ପାଇଲି ଧର୍ମପତ୍ନୀ ରୂପେ । ଆମର ବିବାହ ମଧ ହେଲା ଆର୍ଯ୍ୟସଂସ୍କୃତିରେ । ପିତାଙ୍କ ଆଶ୍ରମରେ ମୋତେ ଏସବୁ ମନ୍ତ୍ରଶିକ୍ଷା ଦିଆଯାଉଥିଲା । ମନ୍ତ୍ରଗୁଡ଼ିକ ଭାବାର୍ଥ ମଧ ମୁଁ ବେଶ୍ ବୁଝି ପାରୁଥିଲି । ତେରୁ ଉପରେ ମୁଁ ଯେତେ ରାକ୍ଷସ ସଂସ୍କୃତିର ଡିଣ୍ଡିମ ପିଟୁଥିଲେ ବି ମୁଁ ନିଜେ ଜାଣିଥିଲି ଆର୍ଯ୍ୟସଂସ୍କୃତିର ଏହି ମନ୍ତ୍ରଗୁଡ଼ିକ ସହିତ ମୋର କେଉଁଠି ନା କେଉଁଠି ଭାବଗତ ସମ୍ପର୍କ ରହିଛି । ତେଣୁ ମୋ ନିଜସ୍ୱ ନିଷ୍ପତ୍ତିରେ ମନ୍ଦୋଦରୀ ଦେବୀଙ୍କୁ ଆର୍ଯ୍ୟ ସଂସ୍କୃତି ରୀତିରେ ବିବାହ କରିଥିଲି ।

ମୋ ଜୀବନର ଅନ୍ତିମ ଲଗ୍ନରେ ମଧ ମୁଁ ମନ୍ଦୋଦରୀଙ୍କ ପ୍ରତି ଅଶେଷ ଶ୍ରଦ୍ଧା ଓ ସମ୍ମାନ ଜଣାଉଛି । ଏତକ ମଧ ସ୍ୱୀକାର କରିବି । ମୋ ଜୀବନରେ ଅନେକ ରାଣୀ ଆସିଛନ୍ତି । ଉତ୍ସବ, ପର୍ବପର୍ବାଣୀ ମାନଙ୍କରେ ମୋତେ ଅନେକ ନାରୀମାନଙ୍କ ସାନ୍ନିଧ୍ୟ ମିଳିଛି । ହେଲେ କେହି ଜଣେ ହେଲେ ବି ମନ୍ଦୋଦରୀଙ୍କ ସହ ସମକକ୍ଷ ହୋଇପାରି ନାହାନ୍ତି । ସେମାନେ କେବଳ ମୋର ରକ୍ଷିତା ବା ଦାସୀର ମର୍ଯ୍ୟାଦା ପାଇ ପାରିଥାନ୍ତି । ମାତ୍ର ମନ୍ଦୋଦରୀ ହିଁ ମୋର ଏକମାତ୍ର ପାଟରାଣୀର ଅଧିକାର ପାଇଛନ୍ତି । ମନ୍ଦୋଦରୀ କେବଳ ମୋର ପ୍ରିୟତମା ପତ୍ନୀ ନଥିଲେ ବରଂ ସେ ହିଁ ଥିଲେ ଜଣେ ବିମୁଗ୍ଧା ପତିବ୍ରତା ସହଧର୍ମିଣୀ । ଯିଏ ମୋତେ ସଦସର୍ବଦା ରାକ୍ଷସ ସଂସ୍କୃତିକୁ ଛାଡ଼ି ଆର୍ଯ୍ୟସଂସ୍କୃତିକୁ ବରିନେବାକୁ ଉପଦେଶ ଦେଇଛନ୍ତି । ମୋତେ ସତ୍ୟ, ଧର୍ମ ପଥରେ ଚାଲିବା ପାଇଁ ଉପଦେଶ ଦେଇଛନ୍ତି । ଏକାନ୍ତ ଅନ୍ତରଂଗ ଭାବେ ପ୍ରଭୁ ଶ୍ରୀରାମଙ୍କ ସହ ଯୁଦ୍ଧ ନୁହେଁ, ବରଂ ସନ୍ଧି କରିବା ପାଇଁ ଅନୁରୋଧ କରିଛନ୍ତି । ମୋର ସମସ୍ତ ପାପକର୍ମକୁ ଧୈର୍ଯ୍ୟର ସହ ମୁକାବିଲା କରି ମୋତେ ପ୍ରଭୁଙ୍କ ଶରଣ ନେବା ପାଇଁ ପ୍ରବର୍ତ୍ତାଇଛନ୍ତି । ମୁଁ କିନ୍ତୁ ଏପରି ଅଧମ ଯେ ତାଙ୍କ କଥାକୁ କର୍ଣ୍ଣପାତ କରିନାହିଁ । ଏମିତି ବି ହୋଇଛି ପ୍ରଭୁ ଶ୍ରୀରାମଙ୍କ ସହ ଯୁଦ୍ଧକୁ ଯିବା ପୂର୍ବରୁ ମନ୍ଦୋଦରୀ ହିଁ ନିଜ ହାତରେ ମୋ କପାଳରେ ବିଜୟଟୀକା ପିନ୍ଧାଇ ଦେଇ ମୋର ଶୁଭ ମନାସିଛନ୍ତି । ତେଣୁ ପତିବ୍ରତା ମନ୍ଦୋଦରୀ ଯେ, ମୋର ଏକାନ୍ତ ଶୁଭାକାଂକ୍ଷୀ ଥିଲେ ଏକଥା ମୁଁ ଅସ୍ୱୀକାର କରିପାରିବି ନାହିଁ । ମନ୍ଦୋଦରୀ ତ ମୋର ଅର୍ଦ୍ଧାଙ୍ଗିନୀ ନଥିଲେ ସେ ହିଁ ଥିଲେ ମୋର ଏକାନ୍ତ ଶୁଭଚିନ୍ତକ । ଏକାଧାରରେ ସେ କର୍ମସଂଗିନୀ, ଧର୍ମସଂଗିନୀ । ହେଲେ ଆଜି ମୋର ଏମିତି ଦୁର୍ଦ୍ଦିନରେ ତାକୁ ଥରୁଟିଏ ବି ଦେଖିବାକୁ ସୁଯୋଗ ପାଇଲିନି । ସାରା ଜୀବନ ତାକୁ ମୁଁ କଣ ବା ଦେଇପାରିଛି । ଦୁଃଖ, ଅଶାନ୍ତି, ଅସନ୍ତୋଷରେ ସେ କେବଳ ଜଳିଚି ଜଳିଜଳି ନିଃଶେଷ ହୋଇଯାଇଚି । ଆଉ ଏବେ ଯେତେବେଳେ ମୋର ମୃତ୍ୟୁ ସମ୍ବାଦ ତା ନିକଟରେ ପହଞ୍ଚିବ, ସେ ହୁଏତ ମୋରି ବକ୍ଷରେ ମୁଣ୍ଡକଚଡ଼ି ଲୁହ ଝରାଇବ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦମେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୫୭ ॥

ସ୍ୱୟଂଭୂବ ଓ ଶତ ରୂପାଙ୍କ ବଂଶଧରମାନେ ଛତିଶ ଗଡ, ଓଡ଼ିଶା, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଆଦି ଅଞ୍ଚଳରେ ଗଙ୍ଗା ଓ ମହାନଦୀର କୂଳ ଅଞ୍ଚଳରେ ବ୍ୟାପି ଯାଇଥିଲେ । ସେହି ସମୟରେ ଉତ୍କଳରେ ବୋଇତ, ନୌକା, ରଥ ଆଦି କାଠ ଶିଳ୍ପର ନିର୍ମାଣ, ଅଳଙ୍କରଣ ଅତି ଉନ୍ନତ ଧରଣର ହୋଇପାରିଥିଲା । ହୁଏତ ପାଷାଣ ଶିଳ୍ପ, ଗୃହ ନିର୍ମାଣ, ସୁନା , ରୂପା, ରତ୍ନ ଅଳଂକାର ନିର୍ମାଣ ଶୈଳୀ ମଧ ଉନ୍ନତ ହୋଇଥିଲା । ମାଟି ପାତ୍ର, କଳସ, କୁମ୍ଭ, ଆଦି ଗଢୁଥିବା କୁମ୍ଭାର, ତନ୍ତୁ ବାୟ ମଧ ନିଜ କାମରେ ଉନ୍ନତି କରିଥଲେ । ସେମାନେ ମଧ ସେହି ସମୟରେ ଜଣେ, ଜଣେ ବିଜ୍ଞାନୀ
ଭାବେ ସମ୍ମାନିତ ଥିଲେ । ରାଜସ୍ଥାନରେ କୁମ୍ଭାରମାନଙ୍କୁ ପ୍ରଜାପତି ବା ବୈଜ୍ଞାନିକ ମର୍ଯ୍ୟାଦା ମିଳୁଥିଲା । ଜାଭା, ସୁମାତ୍ରା, ବାଲି ଆଦି ଦ୍ୱୀପ ସହ ନୌବାଣିଜ୍ୟ ସହ ବୈବାହିକ ସମ୍ପର୍କ ମଧ ହେଉଥିଲା । ଧନୀ ବ୍ୟବସାୟୀ ମାନେ ବିଭିନ୍ନ ସ୍ଥାନରେ ଦ୍ରବ୍ୟ ବିନିମୟ କରୁଥିଲେ । ଏମାନଙ୍କୁ ସାଧବ କୁହାଯାଉଥିଲା ।

ପ୍ରିୟବ୍ରତ ତାଙ୍କ ରଥରେ ପୃଥିବୀର ଅଧିକାଂଶ ସ୍ଥାନ ଭ୍ରମଣ କରିଥିଲେ । ଏହି ସମୟରେ ରଥମାନେ ଆକାଶ ମାର୍ଗରେ ଗତି କରୁଥିବାର ଲେଖାଅଛି । ଏବେ ମଧ ଲୋକମାନଙ୍କ ମଧରେ ତନ୍ତ୍ର ବିଦ୍ୟା ବଳରେ ଗଛ ମାନେ ଆକାଶ ମାର୍ଗରେ ଗତି କରନ୍ତି ବୋଲି ବିଶ୍ୱାସ ଅଛି । ହୋଇପାରେ କୌଣସି ଇନ୍ଧନ ବଳରେ ସେମାନେ ଅଳ୍ପ ଉଚ୍ଚରେ ବିମାନ ଚଳାଉଥିଲେ । କିମ୍ବା ଅଶ୍ୱ ବାହିତ ଏହି ଯାନ ମାନେ ଉଚ୍ଚ ପର୍ବତ ଉପରେ ଦୌଡିଲା ବେଳେ ଆକାଶ ମାର୍ଗରେ ଗତି କଲା ପରି ଜଣା ଯାଉଥିଲା !!

ସ୍ୱୟଂ ଭୁବଙ୍କ କନ୍ୟା ଥିଲେ ଦେବହୂତି । ସେ ଜଣେ ସୁନ୍ଦରୀ ତରୁଣୀ ଥିଲେ । ପିତା, ମାତା ତାଙ୍କୁ ବିବାହ ଦେବାପାଇଁ ଏକ ରଥର ମଧ ସ୍ଥାନରେ ଅନ୍ୟ ମାନଙ୍କ ସହ ବସାଇ କର୍ଦ୍ଦମ ମୁନିଙ୍କ ନିକଟକୁ ନେଇଥିଲେ । ଏହି କର୍ଦ୍ଦମ୍ ମୁନିଙ୍କ କୁଟୀର ସାମାନ୍ୟ କୁଶ ଏବଂ ପୁଷ୍କର ( ପଦ୍ମ ନାଡର ମଞ୍ଜି ସହ ଅଗ୍ର ଭାଗ ପର୍ଯ୍ୟନ୍ତ)ରେ ନିର୍ମାଣ କରାଯାଇଥିଲା । ଏହିପରି ଗୃହ ଗୁଡ଼ିକ ଗ୍ରୀଷ୍ମରେ ଶୀତଳ ଏବଂ ଶୀତ ଦିନେ ଉଷ୍ମ ରହୁଥିଲା । ଏଥିରୁ ଜଣାଯାଏ ଯେ, କର୍ଦ୍ଦମ ମୁନି କୁଶ(ହୋଇ ପାରେ କାଶ ବା ବେଣା) ଏବଂ ପଦ୍ମ ପୁଷ୍ପ ଥିବା ସ୍ଥାନରେ ବାସ କରୁଥିଲେ । କୁହାଯାଏ ଯେ କୈଳାସ ଏବଂ ମାନ ସରୋବର ଛଅଟି ପର୍ବତର ବେଷ୍ଟନ ମଧରେ ଏକ ପଦ୍ମ ଫୁଲ ପରି ଦେଖା ଯାଉଥିବାରୁ ଏହା ପୁଷ୍କର ତୀର୍ଥ ଥିଲା । ରାଜସ୍ଥାନକୁ ମଧ ପୁଷ୍କରତୀର୍ଥ କୁହାଯାଏ । ହୁଏତ ଗଙ୍ଗା କୂଳରେ ଅବା ଯେଉଁଠାରେ ସେହି ମୁନି ବାସ କରନ୍ତୁ ନାଁ କାହିଁକି,ଏହା ନିଶ୍ଚୟ ସ୍ୱୟମ୍ଭୁବଙ୍କ ବାସସ୍ଥାନଠାରୁ ଦୂରବର୍ତ୍ତୀ ସ୍ଥାନ ଥିଲା । ଏତେ ଦୂରରେ ଏପରି ଜଣେ ଦରିଦ୍ର ମୁନିଙ୍କ ସହ ରାଜା ନିଜ ସୁନ୍ଦରୀ କନ୍ୟାଙ୍କୁ କାହିଁକି ବିବାହ ଦେଇଥିଲେ ? ?

କାହିଁକି ନାଁ ନିଜେ ଦେବହୂତି ଏହି କର୍ଦ୍ଦମ ମୁନିଙ୍କୁ ବର ରୂପେ ମନୋନୟନ କରିଥିଲେ । କିନ୍ତୁ ଦ୍ୱିତୀୟ କାରଣଟି ଏକ ସ୍ୱତନ୍ତ୍ର କାରଣ ଥିଲା ।

ସ୍ୱୟମ୍ଭୁବ ବୋଧହୁଏ ସାରା ଜମ୍ବୁ ଦ୍ୱୀପ ମଧରେ ସର୍ବୋଚ୍ଚ ପ୍ରଥମ ସଭ୍ୟ ଓ ଉନ୍ନତ ମାନବ ଥିଲେ । ତାଙ୍କର ବଂଶ ତାଙ୍କ ସଭ୍ୟ ସଂସ୍କାର ନେଇ ଗଢ଼ି ଉଠିଥିଲା । ତାଙ୍କ ପୂର୍ବରୁ ଯେଉଁ ମାନେ ଭାରତର ଅଧିବାସୀ ଥିଲେ, ସେମାନେ ନିଜର ବଂଶ ବା ଆଖପାଖ ଅଞ୍ଚଳରେ ବାରମ୍ବାର ଏକ କୁଟୁମ୍ବ ମଧରେ ବିବାହ କରୁଥିଲେ । ସେହି ସମୟ ପର୍ଯ୍ୟନ୍ତ ସମ୍ପର୍କୀୟା କନ୍ୟା, ମାଉସୀ, ପିଉସୀ, ଭଗିନୀ ଆଦିଙ୍କ ସହ ବିବାହ ନିଷିଦ୍ଧ କରାଯାଇ ନଥିଲା । ଏହା ଫଳରେ ବିଭିନ୍ନ ବଂଶଗତ ରୋଗ ଗୁଡ଼ିକ ସଂକ୍ରମିତ ହୋଇ ବ୍ୟାପିବାରେ ଲାଗିଥିଲା । ଏଭଳି ବିବାହ ଦ୍ୱାରା ଶରୀର ଗଠନରେ ମଧ ବିଷମ ଆକୃତି, ଅଧିକ ହସ୍ତ, ପାଦ, ମୁଣ୍ଡ ଆଦି ଅଙ୍ଗଥିବା ବିକୃତ ମାନବ ଓ ପ୍ରାଣୀମାନେ ଜନ୍ମ ହେଉଥିଲେ । ଜାଭା ଦ୍ୱୀପର ଏକ ଜନଜାତିର ମହିଳାଙ୍କ ସହ ବିବାହ ବଂଶଗତ ଭାବେ ନୀଳ ଚକ୍ଷୁର କାରଣ ହୋଇଥିଲା । ନାରୀ ବା ପୁରୁଷ ବହୁ ସମ୍ଭୋଗ ମଧ କରିପାରୁଥିଲା ।

ଏହି ବଂଶ ଗତ ରୋଗ ଗୁଡ଼ିକ ଶରୀର କୋଷିକାର ନାଭିକ୍ ରେ ଥିବା ପ୍ରୋଟିନରେ ବିଶୃଙ୍ଖଳା ହେତୁ ଗୁଣ ସୂତ୍ରରେ ବିଭ୍ରାଟ ହେତୁ ଉପୁଜିଥାଏ । ବୁଦ୍ଧିହୀନତା ମଧ ବଂଶଗତ କାରଣ ହୋଇଥାଏ । ଏହା ଆରୋଗ୍ୟ କରିବା ପାଇଁ ନଷ୍ଟ କୋଶିକାରେ ନୂତନ କୋଶିକା ସଂଯୋଗ ବା ନୂତନ କୋଶିକା ସୃଷ୍ଟି କରାଯାଏ । ଏହି ପିଢ଼ିର ପରି ବର୍ତ୍ତନ ପାଇଁ ତଥା କଳା ଡୋଳା ପାଇଁ ପ୍ରଜାପତି ବ୍ରହ୍ମା (ଜଣେ ଯୋଗୀ ବା ବୈଜ୍ଞାନିକ) ଜୀବକୋଷରୁ ସ୍ୱୟଂ ବୈଜ୍ଞାନିକ ପଦ୍ଧତିରେ ସ୍ୱୟଂଭୁ ଓ ଶତ ରୂପାଙ୍କୁ ସୃଷ୍ଟି କରିଥିଲେ । ଏହି ମାନଙ୍କପରେ ନାତୁଣୀ ଜୋଇଁ ମରିଚୀଙ୍କ ପର୍ଯ୍ୟନ୍ତ ମଧ ଏହି ପୂର୍ବ ପ୍ରଥା ପ୍ରଚଳିତ ଥିଲା, ମରିଚୀ ଆଦି ମୁନି ଯାହାର ତୀବ୍ର ପ୍ରତିବାଦ କରିଥିଲେ ।

ସେତେବେଳକୁ ଋଷି, ମୁନି, ସଂସ୍କାରକ, ପ୍ରାଜ୍ଞ ମାନଙ୍କସମୟ ପ୍ରାୟ ଆରମ୍ଭ ହୋଇଯାଇଥିଲା । ବେଦ ଶ୍ରୁତି ଆକାରରେ ଶ୍ରାବଣ କରାଯାଉଥିଲା । ପୃଥିବୀର ବିଭିନ୍ନ ସ୍ଥାନରୁ ସାଧୁ, ସନ୍ଥ , ଜ୍ଞାନୀ, ବୈଜ୍ଞାନିକ, ଗଣିତଜ୍ଞ, ଗବେଷକ, ଦାର୍ଶନିକ, ଆୟୁର୍ବେଦ ବୈଦ୍ୟ, ଋଷି, ମୁନିମାନେ ପୁଷ୍କର, ପ୍ରଭାସ, ସରସ୍ୱତୀ, ଗଙ୍ଗା ଆଦି ସ୍ଥାନମାନଙ୍କରେ ଏକତ୍ରିତ ହୋଇ ଯାଉଥିଲେ । ରଥ, ନୌକା, ବୋଇତ ଆଦି ଯାନ, ଅଶ୍ୱ, ଓଟ ଆଦି ବାହନଯୋଗେ ସେମାନେ ପଥ ଅତିକ୍ରମ କରୁଥିଲେ । ସେମାନେ ପରସ୍ପରଠାରୁ ଜ୍ଞାନ ଆହରଣ କରୁଥିଲେ । ବିଭିନ୍ନ ଭାଷାରେ କେତେକ ଶବ୍ଦଗୁଡିକ ବ୍ୟବହାରରେ ପରସ୍ପର ଭାଷାରେ ମିଶି ଯାଉଥିଲା । ଯୋଗ ସାଧନା ବଳରେ ଓ ନୀତିମୟ ଜୀବନ ଯାପନ କରୁଥିବାରୁ ସେମାନେ ସୁସ୍ଥ, ନୀରୋଗ, ସଂଯମୀ ଥିଲେ । ସେମାନେ ଶାନ୍ତି ଓ ଆନନ୍ଦମୟ ସରଳ ଜୀବନ ଯାପନ କରୁଥିଲେ । ସେମାନଙ୍କଠାରୁ ଜନ୍ମିତ ସନ୍ତାନ ମାନେ ମଧ ସଭ୍ୟ, ଚରିତ୍ର ବାନ, ସୁଖୀ, ସୁସ୍ଥ, ସୁନ୍ଦର, ତେଜୀୟାନ ଓ ଜ୍ଞାନୀ ହେଉଥିଲେ । ତେଣୁ ସ୍ୱୟଂ ଭୁବଙ୍କ କନ୍ୟା ତାଙ୍କୁ ପତି ରୂପେ ମନୋନୀତ କରିଥିଲେ । ତାଙ୍କର ପିତା ମଧ ମୁନିଙ୍କୁ ଅନେକ ଅନୁନୟ, ବିନୟ ଓ ଯୌତୁକ ସହିତ ବିବାହ ଦେଇଥିଲେ । ଏବେ ଦେବହୂତି ତାଙ୍କ ସହିତ ଗୃହ ସଂସାର କରିବା ପାଇଁ ମୁନିଙ୍କୁ ଅନୁରୋଧ କରିଥିଲେ ।

କର୍ଦ୍ଦମଙ୍କ ମନରେ ଏହି ପାର୍ଥିବ ସଂସାର ପାଇଁ କାମନା ନଥିଲା । ତେଣୁ ତାଙ୍କ ମନରେ କ୍ରୋଧ ଜାତ ହେଲା । ସେ ତାଙ୍କର ତପ ବା ଯୋଗ ଶକ୍ତି କେତେ ଦେଖାଇବା ପାଇଁ ଯୋଗ ବଳରେ ଏକ ଆଶ୍ଚର୍ଯ୍ୟ ରଥର ନିର୍ମାଣ କଲେ । ଏହି ରଥ ଅତି ଉନ୍ନତ ଧରଣର ଥିଲା ଓ ଏଥିରେ ସୁସଜ୍ଜିତ ଶୟନ କକ୍ଷ ପର୍ଯ୍ୟନ୍ତ ବ୍ୟବସ୍ଥା ଥିଲା । ଏହା ବିବିଧ ଅଳଙ୍କାର,ଚିତ୍ର, ମୂର୍ତ୍ତି ଓ ପୁଷ୍ପ ମାଳରେ ମନୋରମ ଥିଲା । ମୁନି ସ୍ୱୟଂ ଯୋଗ ବଳରେ ଏହା ମଧରେ ସରସ୍ୱତୀ ତୀର୍ଥକୁ ପ୍ରକାଶ କରିବା ସହ ପତ୍ନୀଙ୍କ ସହଚାର୍ଯ୍ୟ ଓ ସୁବେଶ କରିବା ପାଇଁ ଅନେକ ନାରୀମାନଙ୍କୁ ସୃଷ୍ଟି କରିଥିଲେ । ଏହିପରି ଯୋଗ ବଳରେ ଏକ ରଥ ବା ଆଶ୍ଚର୍ଯ୍ୟ ଜଗତ ଯେ ନିର୍ମାଣ କରାଯାଇପାରିବ ଏହି ବିଷୟରେ ମୁଁ ନିଶ୍ଚିତ ଅଛି । ଜଣେ ଉନ୍ନତ ଯୋଗୀ ଯୋଗ ପ୍ରଭାବରେ ଦୂରରେ ଥିବା ମଣିଷ ନିବାସରେ ମଧ ଏହିପରି ଆଶ୍ଚର୍ଯ୍ୟ ସୃଷ୍ଟି କରିପାରିବେ । ଯେପରି ଉଦ୍ଧବ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସି ବଦରିକା ପର୍ଯ୍ୟନ୍ତ ସମସ୍ତ ତୀର୍ଥର ଅନୁଭବ କରିଥିଲେ । ନଚେତ୍ କର୍ଦ୍ଦମ ବା କାଦୁଅ ବା ମାଟି ପ୍ରେମୀ ଜଣେ ଦରିଦ୍ରଙ୍କୁ ଏବଂ ଋଷିମାନଙ୍କୁ କାହିଁକି ବିଭବମୟୀ ରାଜ କନ୍ୟା ମାନେ ସେତେବେଳେ ମନୋନୟନ କରୁଥାନ୍ତେ ?

ଏବେ ଶ୍ରୀମଦ୍ ଭାଗବତର ଗୋଟିଏ ପଦ ପଢ଼ି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଯେଉଁଠାରେ ବ୍ୟାସଦେବ ଲେଖିଛନ୍ତି, ମିଥ୍ୟାରୁ ହିଁ ସତ୍ୟର ଉତ୍ପତ୍ତି ବା ସତ୍ୟର ସୃଷ୍ଟି ହୁଏ । 'ମିଛ ମଣିଷ' ନାମକ ଏକ ନାଟକରୁ ରୋବର୍ଟର ସୃଷ୍ଟି ହୋଇଥିଲା । ହୁଏତ ବ୍ୟାସ ଦେବ ସୂଚନା ଦେଇଛନ୍ତି ଯେ, ଏହିପରି ଯୋଗ ଦୃଶ୍ୟ ଏକ ରଥରୁ ବାସ୍ତବରେ ବି ଏହିଭଳି ରଥ ନିର୍ମାଣ କରାଯାଇଥିବ !

ଏହି କର୍ଦ୍ଦମ ମୁନି ଓ ଦେବହୂତୀଙ୍କ ଠାରୁ ଜନ୍ମ ହୋଇଥିବା କନ୍ୟାମାନଙ୍କ ମଧରେ ଜ୍ୟୋଷ୍ଠା କନ୍ୟା କଳା ଥିଲେ । ସେ ମରିଚି ଋଷିଙ୍କୁ ବିବାହ କରିଥିଲେ ।

ଏହି ପ୍ରଜାପତି ମରିଚୀ କିଏ ଥିଲେ ? ?

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଡର ଲାଗେ...

### ଜ୍ୟୋତିଶ୍ୱରୀ ଦେବୀ



ଆଜି ବେଶୀ ବେଶୀ ଖାଇବାକୁ ଡର ଲାଗେ
କାଳେ ଆଉ କାହାର କ୍ଷୁଧା ବଢ଼ିଯିବ,
ଆଜି ବେଶୀ ବେଶୀ ପିଇବାକୁ ଡର ଲାଗେ
କାଳେ ଆଉ କାହାର ତୃଷ୍ଣା ମେଂଟିଯିବ।

ଆଜି ବେଶୀ ବେଶୀ ହସିବାକୁ ଡର ଲାଗେ
କାଳେ ଅସରାଏ ଲୁହ ମୋ ଉପରେ ଝରିଯିବ,
ଆଜି ବେଶୀ ବେଶୀ କହିବାକୁ ଡର ଲାଗେ
କାଳେ ସବୁଦିନ ପାଇଁ
ଏ ସ୍ୱର ନିସ୍ତବ୍ଧ ହୋଇଯିବ।
ପାଶବିକ ନଜରରୁ ପାରେନା ମୁଁ ନିଜକୁ ବଞ୍ଚାଇ
ପୂର୍ଣ୍ଣ ବସ୍ତ୍ରରେ ବି ଏଠି ଇଜ୍ଜତ ହୁଏନି ଲୁଚାଇ।

ଏ ତ ଦ୍ରୌପଦୀର ଶାଢ଼ୀ ନୁହେଁ ଯେ,
ଯେତେ ଭିଡୁଥିବ ସରୁନଥିବ,
ଏ ତ କଳିଯୁଗର ସାଧା ଶାଢ଼ୀଟେ,
ଧାରୁଆ ନଖରେ ବି ଫଡ଼ଫଡ଼ ଚିରିଯିବ।

ଅସହ୍ୟ ଆଜି ଏ ନର ରାକ୍ଷସର ଦୃଷ୍ଟି
ତାହାରି ବିରୁଦ୍ଧେ ଲଢ଼ିବାକୁ ଯିବି ମୁଁ କେମିତି ?

+ସ୍ନାତକୋତ୍ତର, ୨ୟ ବର୍ଷ
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାରୀ, ଭୁବନେଶ୍ୱର

## ସେ ଆସୁଛନ୍ତି

### ଅବନ୍ତି ପଣ୍ଡା



ସେ ଆସୁଛନ୍ତି, ନିବୁଜ କାରାଗାର ରେ
ମୁକ୍ତି ର ମଶାଲ ଜଳାଇବା ପାଇଁ।
ସେ ଆସୁଛନ୍ତି, ଅନ୍ଧକାରରେ
ପ୍ରକାଶର ବାର୍ତ୍ତା ନେଇ।

ସେ ଆସନ୍ତି, ପ୍ରତିଟି ଯୁଗାବସାନର
ସନ୍ଧି କ୍ଷଣରେ,ଧରିତ୍ରୀ ମାତାର
ଭାରା ନିବାରଣ ପାଇଁ,
ଅଧର୍ମର ସ୍ପର୍ଦ୍ଧିତ ମସ୍ତକ ଧରାଶାୟୀ କରି
ଧର୍ମର ବିଜୟ ଧ୍ୱଜା ଉଡାଇବା ପାଇଁ।

ଶୁଣିକି ପାରୁନ ତୁମେ ତାଙ୍କ
ଆଗମନର ଆବହ ସଙ୍ଗୀତ,

ଶୁଣିକି ପାରୁନ ତାଙ୍କର ସ୍ୱାଗତ ପାଇଁ ପ୍ରକୃତିର
ଛନ୍ଦେ ଛନ୍ଦେ ଉଚ୍ଚାରିତ ମନ୍ତ୍ର !
ଶୁଣିକି ପାରୁନ ତୁମେ ତାଙ୍କ ଧୀର
ପଦପାତର ନୂପୁର ନିକ୍ୱଣ,
ମହମହ ବାସୁନି କି ତାଙ୍କ ଶ୍ରୀଅଙ୍ଗର
ଚତୁଃସମ ଅଗୁରୁ ଚନ୍ଦନ !
କିଏ ସେ ଆକାଂକ୍ଷିତ ଆଗନ୍ତୁକ ?
ଯାହାଙ୍କ ଆଗମନର ପ୍ରତୀକ୍ଷାରେ
ପୁଲକିତ ରୋମାଞ୍ଚିତ ଏ ସାରା ଜଗତ !

ସିଏ ପରା ଦୁଃଖିଧନ
ନୀଳମଣି ଦେବକୀ ମାଆର,
କଳାକାହ୍ନୁ କଳା ମାଣିକ
ସେ ମାଆ ଯଶୋଦାର।

ସେ ପରା ବଂଶୀବଦନ ମୋହନ ସୁନ୍ଦର
ପ୍ରେମମୟୀ ମାନିନୀ ରାଧାର,
ଆଦରର କାଇଁଚ ମାଳିଆ କଦମ୍ବମୂଳିଆ
କଳା କହ୍ନେଇ ସେ ଗୋପ ବାସୀଙ୍କର।

ପ୍ରେମମୟ ସମ୍ଭାବନା ମୟ
ସେ ଯେ ବିଶ୍ୱ କାରିଗର,
ତାଙ୍କ ଆଗମନେ ଆଜି
କୃଷ୍ଣମୟ ଏ ସାରା ସଂସାର ।

+ଜଗତସିଂହପୁର

## ବିଡମ୍ବନା

### ରତ୍ନକାନ୍ତି ମିଶ୍ର



କିଛି ତ ମାଗିନି ତୁମକୁ
ବରଂ ସମର୍ପି ଦେଇଛି
ମୋର ଇଛା ଅନିଚ୍ଛାକୁ
ତୁମ ଇଚ୍ଛାରେ
ପରିବର୍ତ୍ତନ ନିଜ ଠି ଆଣିଛି
ବିବେକର ଆହ୍ୱାନରେ
ସମ୍ପର୍କ କଟିଯିବା ଭୟରେ
ଆଶା ଆକାଂକ୍ଷାର ସ୍ୱରକୁ
ଚାପି ଦେଇଛି ନିର୍ଦ୍ୱନ୍ଦରେ
ଭଲପାଇବାର ଦ୍ୱାହିରେ
ଏବେ କିନ୍ତୁ ପ୍ରତ୍ୟୟ ହୋଇଛି
ମୋର ନୀରବତା
ମୋର ଅଭିମାନ
ତୁମ ପାଇଁ-ତୁଚ୍ଛ, ମୂଲ୍ୟହୀନ
ନିର୍ବିକାରେ ସାଉଁଟିଛି ଖାଲି
ତୁମର ପୁଞ୍ଜିଭୂତ ଘୃଣା
ମୋର କାଣିଚାଏ ସ୍ୱାଭିମାନ
ତୁମକୁ ପରଶି ଦେଇଛି
ଅନାହୂତ ଯନ୍ତ୍ରଣା
ଏସବୁ ବୁଝିଗଲା ପରେ
ମାଗିନେଉଛି ଏବେ
ଅନିଚ୍ଛାକୃତ ନିର୍ବାସନ
ତୁମ ଦୁନିଆର ପରିଧି ବାହାରକୁ
କାରଣ... ମୁଁ ଏବେ ବି
ତୁମରି ପ୍ରେମରେ ମୋହାଛନ୍ନ...!!!

+ଆଳି, କେନ୍ଦ୍ରାପଡା

## ସମୁଦ୍ରରେ ସଞ୍ଜ

### ଐଶ୍ୱର୍ଯ୍ୟା ପ୍ରଧାନ



ଉଇଁ ଆସୁଥିଲା ସମୁଦ୍ର ସେପାରିରୁ ଜହ୍ନ
ଆଉ ନୀଳ ଜଳରାଶି ଅଭିଷିକ୍ତ ହୋଇ ଉଠୁଥିଲା
ତା ଜ୍ୟୋତ୍ସ୍ନାରେ
ଝାଉଁ ବୁଦାରୁ ଉଡ଼ି ଆସୁଥିଲେ
ଚିକ୍ ମିକ୍ ଖଦ୍ୟୋତଙ୍କ ମେଳ
ଲାଗୁଥିଲା, ସତେକି !
ପୃଥିବୀରେ ଅଜାଡ଼ି ହୋଇ ପଡ଼ିଛି ଆକାଶର
ପୁଞ୍ଜ ପୁଞ୍ଜ ତାରା ।
ମେଘୁଆ ସଞ୍ଜରେ କି ସୁନ୍ଦର ସମୁଦ୍ରର ତଟ
ଆଉ ସେଠି ବସି ବାଲିଘର ତୋଳିବାର ମଜା
ଥିରି ଥିରି ପବନରେ ଉଡ଼ି
ମୁହଁରେ ଲାଗି ଯାଉଛି ମୋ ଅଳରା ବାଳ
ତୁମେ ସାଉଁଟିବାକୁ ଚେଷ୍ଟା ତ କରୁଛ
ହେଲେ ଭାରି ଚଗଲି ମ
ତୁମ ହାତରେ ଧରା ଦଉନି ଯେ
ତୁମ ଓଠରେ ସ୍ମିତ ହାସ୍ୟ କେତେ ମନଲୋଭା
ଦିଶେ ସେତେବେଳେ !
ସମୁଦ୍ରକୁ ଚାହିଁ ଚାହିଁ ସଜାଡୁ
ଆମେ ସୁନେଲି ଭବିଷ୍ୟତ
ସାକ୍ଷୀ ରହିବ ତା ଲହରୀ
କେତେ ସୁନ୍ଦର ହେବ ଆମ ସ୍ୱପ୍ନର ଘର
ପଚାରିବା କି ?
ଏ ମୁଠା ମୁଠା ବାଲିକୁ !
ଏମିତିରେ ସମୟ କଟିଯାଏ
ତୁମେ ଆଉ ମୁଁ ଫେରି ଯାଉ
ଯିଏ ଯାହାର ପଥରେ
ପଛରେ ଛାଡ଼ିଦେଇ ଆସୁ ଆମର ପଦଚିହ୍ନ
ସମୁଦ୍ର ବୁଝିପାରେ କି
ଆମ ମନକଥା କେଜାଣି ?
ମୁଁ ତ ପଚାରେ,
ଲାଗେ, ସେ ତା ଗର୍ଜନରେ ହିଁ ସମ୍ମତି ଜଣାଏ
ସତରେ କ'ଣ ଏମିତି ହୁଏ ?

+ପୋଷ୍ଟାଲ୍ କଲୋନୀ,
ଭବାନୀପାଟଣା,କଳାହାଣ୍ଡି

# ଶିଶୁ ଅଧିକାର ଓ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସ୍କୁଲସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ

ବଲାଙ୍ଗିର,୨୮/୦୮ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଶିଶୁ ଅଧିକାର, ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସ୍କୁଲ୍ ସ୍ତରୀୟ ସଚେତନତା ଶିବିର ଧୋବା ଉଚ୍ଚ ବିଦ୍ୟାଳୟ , ହର୍ଡାଟାଲ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବେ ଧୋବା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର ଉପସ୍ଥିତ ହୋଇ ଶିଶୁ ମାନଙ୍କର ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ସଭାରେ ପ୍ରକାଶ କରି ବିଦ୍ୟାଳୟର ଛାତ୍ର, ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତି କହିଲେ, ଅନାଥ ଶିଶୁ ମାନଙ୍କୁ ଶିକ୍ଷା , ସ୍ୱାସ୍ଥ୍ୟ ପୃଷ୍ଟିକାର ଖାଦ୍ୟ ଓ ସୁରକ୍ଷା ପାଇଁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ମାଧମରେ ଆର୍ଥିକ ଅନୁଦାନ, ସହାୟତା ପ୍ରଦାନ କରାଯାଉଛି ଏବଂ ଦଶମ ଶ୍ରେଣୀ ଉତୀର୍ଣ୍ଣ ହେଲାପରେ ବିଭିନ୍ନ ବୈଷୟିକ ପାଠ ପଢିବା ପାଇଁ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ବିକ୍ରମ ପଣ୍ଡା ଉପସ୍ଥିତ ରହି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଶିଶୁ ମାନଙ୍କର ସମସ୍ୟା ଚାଇଲ୍ଡ ହେଲ୍ପ ଲାଇନ ୧୦୯୮ ରେ ଫୋନ କରିବା ପାଇଁ ସମସ୍ତ ଉପସ୍ଥିତ ଥିବା ଛାତ୍ର, ଛାତ୍ରୀ ମନଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ରେ ଶୁଭମ୍ ଜେନା ଉପସ୍ଥିତ ରହି ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି ସଭା ଶେଷ କରିଥିଲେ।

# ବିନିକା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୬୯ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର,୨୮/୦୮ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ୟସ ପ୍ରତାପ ଶ୍ରୀମଲ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୬୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୬୦ ଗୋଟି ଗ୍ରହଣ କରାଯାଇଥିବା ବେଳେ ୯ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି କ୍ଷ ଗୋଟିଏ ଦରଖାସ୍ତ ର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ବିଡିଓ, ବିନିକା ପ୍ରମୋଦ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଦିପ୍ତୀରେଖା ନନ୍ଦ, ଉପାଧ୍ୟକ୍ଷ ନିର୍ମଳ ସାଣ୍ଡ, ସମେତ ଜିଲ୍ଲାସ୍ତରରୁ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ସୋନପୁର ଶ୍ରୀ ସୂରଜ କୁମାର ପଟ୍ଟନାୟକ , ଅଧିକ୍ଷଣ ଯନ୍ତ୍ରୀ ପି ଡବ୍ଲୁ ଡି ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ , ଜିଲ୍ଲା କ୍ରୀଡା ଅଧିକାରୀ ଚିତ ରଞ୍ଜନ ମିଶ୍ର , ଉପ ନିର୍ଦ୍ଦେଶକ ଶ୍ରମ ବିଭାଗ ଡିଲେଶ୍ୱର ଖାକା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ , ନିର୍ବାହୀ ଅଧିକାରୀ ପି ଏଚ ଡି ଏ କେ ମୂର୍ତୀ, ଏ ଡି ଏଚ ହୃଷିକେଶ ଦାସ, ଡେପୁଟି କଲେକ୍ଟର (ଅଭିଯୋଗ ) ଶୁଭଶ୍ରୀ ରଥ, ତହସିଲଦାର ବିନିକା ସୀତାରାମ ଭୋଇ , ନିର୍ବାହୀ ଅଧିକାରୀ ବିଜ୍ଞାପିତ ଅଂଚଳ ବିନିକା ସତ୍ୟ ନାରାୟଣ ପ୍ରଧାନ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ବାଇକ୍ ଚୋରି ଗ୍ୟାଙ୍ଗକୁ କାବୁ କଲା ବୋରିଗୁମ୍ମା ପୋଲିସ

ଜୟପୁର,୨୮/୦୮ (ନି.ପ୍ର): ଦୀର୍ଘଦିନ ଧରି ବୋରିଗୁମ୍ମା ଅଂଚଳ ରେ ବାଇକ ଚୋରି ଶାତୀତ ଭାବେ ବୃଦ୍ଧି ପାଇଥିଲା। ବୋରିଗୁମ୍ମା ଅଂଚଳରୁ ଅଟୋ, ବୁଲେଟ, ଟ୍ରାକ୍ଟର ଭଳି ଗାଡି ମଧ୍ୟ ଚୋରି ହୋଇଥିଲା। କିଛି ଗାଡି ଉଦ୍ଧାର ହେଇଥିବା ବେଳେ ଆଜି ଆଉ୧୩ଟି ଚୋରୀ ଗାଡି ଉଦ୍ଧାର କରିଛି, ବୋରିଗୁମ୍ମା ପୋଲିସ। ସାମ୍ବାଦିକ ସମ୍ମିଳନୀରେ ବୋରିଗୁମ୍ମା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କହିଥିଲେ ଯେ, ଗତ ୨୦.୦୫.୨୩ ରେ ସକାଳ ୧୧.୩୦ ସମୟ ରେ ବୋରିଗୁମ୍ମା ,ମହାନ୍ତି ସାହି ନିବାସୀ ଶ୍ରୀ ଘାସିରାମ ସାହୁ ଏକ ଲିଖିତ ଅଭିଯୋଗ କରିଥିଲେ ଯେ ,ତାଙ୍କ ଘରେ ଭଡା ରେ ରହୁଥିବା ଶିକ୍ଷୟତ୍ରୀ ଟି ରାଣୀ ଦୋରା, ଖରାଛୁଟିରେ ସେ ନିଜ ଗାଁ କୁ ଯାଇଥିବା ବେଳେ ଦୁର୍ବୃତ ମାନେ ୧୯.୦୫.୨୩ ରାତିରେ ଘରର କବାଟ ଓ ଗ୍ରୀଲ ଭାଙ୍ଗି ୧୫୦ ଗ୍ରାମ ର ରୁପା ଗହଣା ସହ ଏକ ସ୍କୁଟି (ଓଡ଼ି ୦୭ଡି୩୩୬୯) ଓ ଏକ ଟେବୁଲ ଫ୍ୟାନ ଚୋରୀ କରି ନେଇଯାଇଥିଲେ। ଏ ନେଇ ଶ୍ରୀ ସାହୁ ଥାନାରେ ଲିଖିତ ଅଭିଯୋଗ କଲା ପରେ ବୋରିଗୁମ୍ମା ଥାନାରେ ୨୦.୦୫.୨୪ ରେ ମାମଲା ନମ୍ବର ୧୨୦ , ଧାରା ୪୫୭/୩୮୦ ଆଇପିସି ରେ ରୁଜୁ ହେଇଥିଲା। ଏହା ପରେ ପୋଲିସ ଖୋଳତାଡ଼ ଆରମ୍ଭ କରିଥିଲା। ଏହି ମାମଲାରେ ବୋରିଗୁମ୍ମା ଥାନା ବଡ ଦୁବୁଲି ଗ୍ରାମର ଅନୀଲ ହରିଜନ, ଜୟପୁର ଥାନା ଅଂଚଳ ର ସୌରାଗୁଡା ର ଧନପତି ଓରଫ ବୁଡୁ ନାଗ, କୁନ୍ଦୁରା ଥାନା ଅନ୍ତର୍ଗତ ଲିମା ଗ୍ରାମର ସାଜନ ହରିଜନଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ମୋଟ ୧୩ ଟି ମୋଟର ସାଇକେଲ ଜବତ ହୋଇଛି। କାଗଜପତ୍ର ଯାଂଚ୍ ପରେ ଗାଡି ହସ୍ତାନ୍ତର କରାଯିବ ବୋଲି ବୋରିଗୁମ୍ମା ପୋଲିସ କହିଛି।

# ଲୁଟ୍ ମାମଲାରେ ଜଣେ ଅଭିଯୁକ୍ତ ଗିରଫ

ଜୟପୁର,୨୮/୦୮ (ନି.ପ୍ର): ଲୁଟ୍ ମାମଲାରେ ଜଣେ ଅଭିଯୁକ୍ତକୁ ଆଜି ଜୟପୁର ଟାଉନ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁନଗରର ଗଣେଷ ପୁଜାରୀ (୨୬) । ପୋଲିସ ସୂଚନା ଅନୁଯାଇ, ୨୬.୮.୨୪ ତାରିଖରେ ଉମରକୋଟର ଏଲ ଭାସ୍କର ପାତ୍ର (୬୨) ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କ ନାତୁଣି ପିନ୍ଧିଥିବା ୫ ଗ୍ରାମର ସୁନାର ଗଣେଷ ଲକେଟ ଲୁଟ ହୋଇଛି । ଜୟପୁର ରାୟବାବୁ ସାହିରେ ଏହି ଲୁଟ୍ ହୋଇଥିଲା । ଉମରକୋଟରୁ ଝିଅ ଓ ନାତୁଣି ମିଶି ଜୟପୁରରେ ରହୁଥିବା ସମ୍ପର୍କୀୟଙ୍କ ଘରୁ ଆସିଥିଲେ । କିଣାକିଣି କରିବା ପାଇଁ ରାୟବାବୁ ସାହିକୁ ଯାଇଥିଲେ । ଦୋକାନ ନିକଟରେ ଠିଆ ହୋଇଥିବା ବେଳେ କୌଶଳରେ ନାତୁଣି ପିନ୍ଧି ଥିବା ଲକେଟ ଲୁଟ୍ କରି ନେଇ ଚମ୍ପଟ ମାରିଥିଲେ । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ସିସି ଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତ ମାନଙ୍କୁ ଠାବ କରିଥିଲା । ପରେ ୨ଟି ଲକେଟ ଓ ବ୍ଲେଡ କୁ ଜବତ କରିଛି । ଗଣେଷ ପୁଜାରି ନାମରେ ଜୟପୁର ଟାଉନ ଥାନାରେ ଚୋରି, ଲୁଟ୍ ?, ଭଳି ୧୩ଟି ସଙ୍ଗିନ ମାମଲା ରହିଛି । ଅଭିଯୁକ୍ତ ଜଣକ ଛୁରି ଦେଖାଇ ଲୁଟ ମାମଲାରେ ଜେଲ ରୁ ବାହାରି ଏପିର ଘଟଣା ଘଟାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଟାଉନ ଥାନା ଦାୟିତ୍ୱରେ ଥିବା ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# କୋରାପୁଟ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦ ଉତ୍ସବ

ଜୟପୁର,୨୮/୦୮ (ନି.ପ୍ର): କୋରାପୁଟ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦ ଉତ୍ସବ ଆଜି କୋରାପୁଟ ରାଧାକୃଷ୍ଣ ମନ୍ଦିର ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ସମାଜ ପକ୍ଷରୁ ପ୍ରଥମେ ସଂକୀର୍ତନ ଶୋଭାଯାତ୍ରା ସହ ନଗର ପରିକ୍ରମା କରାଯାଇଥିଲା । ଏଥିରେ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ପରିକ୍ରମା ପରେ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଯୋଗ ଦେଇ ଗୌଡ ସମାଜ ପାଇଁ ଆମେ ଗର୍ବିତ ବୋଲି କହିଥିଲେ। ଏହି ସମାଜରେ ପ୍ରଭୁ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ତେଣୁ ଏହି ସମାଜ ମଧ ମହାନ୍ ବୋଲି କହିଥିଲେ । ଏହି ସମାଜ ପାଇଁ କୋରାପୁଟ, ବୈପାରିଗୁଡ଼ା ଏବଂ ଜୟପୁର ଠାରେ ଗୋଷ୍ଠୀ କେନ୍ଦ୍ର ସ୍ଥାପନ କରିବାକୁ ଚେଷ୍ଟା କରିବି ବୋଲି କହିଥିଲେ । ଜିଲ୍ଲା ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ପୌରୋହିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ ମୁଖ୍ୟ ଅତିଥିଙ୍କୁ ମଂଚକୁ ଆମନ୍ତ୍ରଣ କରିଥିବା ବେଳେ ଉପଦେଷ୍ଟା ଡାକ୍ତର ସୁଦର୍ଶନ ଗୌଡ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ବାଲା ରାୟ ଯୋଗ ଦେଇଥିବା ବେଳେ କୋରାପୁଟ ସମ୍ପାଦକ କୈଳାଶ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ । କୋରାପୁଟ ମୁଠା ସଭାପତି ସୁଦର୍ଶନ ଗୌଡ ସଂଗଠନ ଉପରେ କହିଥିବା ବେଳେ ଜୟପୁର ସଭାପତି ଭାସ୍କର ଚନ୍ଦ୍ର ଗୌଡ, ସମ୍ପାଦକ ରବି ନାରାୟଣ ଗୌଡ, ବୈପାରିଗୁଡ଼ା ସମ୍ପାଦକ ଉଦୟ ନାଥ ମହାଙ୍କୁଡ, ଉପଦେଷ୍ଟା ଅକ୍ଷୟ ଗୌଡ, ଡାକ୍ତର ଗୋପାଳ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବକୁ କବିତା ମହାଖୁଡ, କୈଳାଶ ଗୌଡ, ନାରାୟଣ ଗୌଡ, ସମର ମହାଙ୍କୁଡ, ଶରତ ଗୌଡ଼, ହରି ଗୌଡ଼, ଚନ୍ଦ୍ରମଣି ଗୌଡ଼, ବିଜୟ ଗୌଡ଼, ଶ୍ରୀନିବାସ ପାତ୍ର ପରିଚାଳନା କରିବା ପାଇଁ ସହଯୋଗ କରିଥିଲେ । ଏହି ଅବସରରେ ଅନେକ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

# ଡିଜିଏଏଫଏମଏସଙ୍କ ଭାରତୀୟ ନୌସେନା ଚିଲିକା ଏବଂ ଆଇଏନଏଚଏସ ନିବାରିଣୀ ପରିଦର୍ଶନ

ଖୋର୍ଦ୍ଧା,୨୮/୦୮ (ନି.ପ୍ର): ଖୋର୍ଦ୍ଧା, ଆର୍ମି ମେଡିକାଲ୍ କର୍ପସର ଲେଫ୍ଟ ଜେନେରାଲ୍ ଡାଲଜିତ୍ ସିଂ, ଏଭିଏମଏସ, ଭିଏସଏମ ପିଏଚଏସ , ଡିଜିଏଏଫଏମଏସ ଏବଂ ବରିଷ୍ଠ କର୍ଣ୍ଣଲ କମାଣ୍ଡେଣ୍ଟ ଅଗଷ୍ଟ ୨୪-୨୬ ତାରିଖ ପର୍ଯ୍ୟନ୍ତ ଭାରତୀୟ ନୌସେନା ଚିଲିକା ଏବଂ ଆଇଏନଏଚଏସ ନିବାରିଣୀ ପରିଦର୍ଶନ କରିଥିଲେ। ଭାରତୀୟ ନୌସେନାର ସମୁଦ୍ର ଯୋଦ୍ଧାଙ୍କ ୧୬ ସପ୍ତାହ ପ୍ରାରମ୍ଭିକ ଟ୍ରେନିଂ ଏବଂ ଅଗ୍ନିବୀରଙ୍କ ସର୍ବୋତ୍କୃଷ୍ଟ ଶାରୀରିକ ଅବସ୍ଥା ହାସଲ ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ଏକ ବିସ୍ତୃତ ଅନ୍ତର୍ନିହିତ ସମ୍ପର୍କରେ ଅବଗତ କରାଯାଇଥିଲା। ସେ କୋମଡର ବି ଦୀପକ ଆନିଲ, କମାଣ୍ଡିଂ ଅଫିସର, ଆଇଏନ୍ଏସ୍ ଚିଲିକା ଏବଂ ତାଲିମ ଅଧାପକଙ୍କ ସହ କଥା ହୋଇଥିଲେ। ନୌସେନାରେ ଅଗ୍ନିବୀରଙ୍କ ତାଲିମ ବିଷୟରେ ଜ୍ଞାନ ଆହରଣ କରିବାକୁ, ଡିଜିଏଏଫଏମଏସ ତାଲିମ ଭିତିଭୂମି ସମ୍ବନ୍ଧରେ ଏକ ସ୍ୱଳ୍ପ ଭ୍ରମଣ କରିଥିଲେ।

# ବିଜେଡି ତରଫରୁ ବ୍ଲକ ଅଫିସ ଘେରାଉ ଓ ଦାବିପତ୍ର ପ୍ରଦାନ

ଜୟପୁର,୨୮/୦୮ (ନି.ପ୍ର): ଜୟପୁର ବିଜେଡି ତରଫରୁ ଆଜି ବ୍ଲକ ଅଫିସକୁ ଘେରାଉ କରାଯାଇ ଦାବି ପତ୍ର ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କ ଜାରିଆରେ ଦାବି ପତ୍ର ବିଜେଡି ନେତା ରବି ନାରାୟଣ ନନ୍ଦ ପ୍ରଦାନ କରିଛନ୍ତି । ପ୍ରଥମେ ବ୍ଲକ କାଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାରେ ରାଜ୍ୟ ସରକାର ଉପରେ ବର୍ଷିଥିଲେ । ନିବାଚନ ସମୟରେ ଡବଲ ଇଞ୍ଜିନ ସରକାର ଆସିଲେ ଡବଲ ବିକାଶ ନାରା ଦେଇ ଭତାଧାରୀଙ୍କ ମାସିକ ଭତାକୁ ୩ ହଜାର ଓ ୩ ହଜାର ୫ ଶହ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ବିଜେପି ସରକାର ହେବା ପରେ ବଜେଟ ରେ କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମଙ୍କ ଭତ୍ତା ୩ ହଜାର ୫ଶହ ଟଙ୍କାକୁ ବୃଦ୍ଧି କରାଯାଇଥିଲେ ସୁଦ୍ଧା ଅନ୍ୟ ଭତାଧାରିଙ୍କ ମାସିକ ଭତା ବୃଦ୍ଧି କରାଯାଇ ନାହିଁ । ଏହାଦ୍ୱାରା ରାଜ୍ୟର ସମୁଦାୟ ୫୭ ଲକ୍ଷ ଭତାଧାରୀଙ୍କ ମଧ୍ୟରୁ ୫୨ ଲକ୍ଷ ଭତାଧାରୀ ବଂଚିତ ହୋଇଛନ୍ତି । ବିଜେପିର ପ୍ରତିଶ୍ରୁତି ପାଣିର ଗାର ହୋଇଛି । ଏହା ସହ ମନ୍ତ୍ରୀ ମାନଙ୍କ ମଧ୍ୟରେ ସମନ୍ୱୟ ରହୁ ନାହିଁ । କେତେବେଳେ କଲେଜ ଓ ବିଶ୍ୱ ବିଦ୍ୟାଳୟରେ ନିର୍ବାଚନ ହେବ କହୁଥିବା ବେଳେ କେତେ ବେଳେ ଆଲୋଚନା ଚାଲିଛି କହୁଛନ୍ତି । ନିର୍ବାଚନ ସମୟରେ ଶୁଭଦ୍ରା ଯୋଜନା ସମସ୍ତ ମହିଳାଙ୍କୁ ସାମିଲ କରୁଥିବା କଥା କହୁଥିବା ବଳେ ବର୍ତମାନ ନିର୍ଦ୍ଦିଷ୍ଟ ମହିଳା ମାନଙ୍କୁ ଯୋଜନାରେ ସାମିଲ କରାଯାଇଛି । ରାଜ୍ୟରେ ଆଳୁ ସମସ୍ୟା ଉଗ୍ରରୁପ ଧାରଣା କଲାଣି । ନିର୍ବାଚନ ସମୟରେ ୩ଶହ ୟୁନିଟ ମାଗଣା ବିଦ୍ୟୁତ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ତାହାକୁ ପ୍ରତାରଣା କରିଛି । ଏସବୁକୁ ନେଇ ଆଜି ବିକ୍ଷୋଭ ପ୍ରଦର୍ଶନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଉଲୁଣ୍ଡାରୁ ବାହାରିଲା ଡେଙ୍ଗୁ ସଚେ଼ତନତା ରଥ

ସୁବର୍ଣ୍ଣପୁର,୨୮/୦୮ (ନି.ପ୍ର): ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଡେଙ୍ଗୁ ରୋଗ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି । ଡ଼ାକ୍ତରଖାନା ଅଧୀକ୍ଷକ ଡ଼ାକ୍ତର ସମୀର ଭୋଇ ସବୁଜ ପତାକା ଦେଖାଇ ଏହି ସଚେ଼ନେତା ରଥର ଶୁଭାରମ୍ଭ କରିଥିଲେ। ଡେଙ୍ଗୁ ରୋଗ ନିୟନ୍ତ୍ରଣ ଓ ପ୍ରତିକାର ପାଇଁ ବ୍ୟାପକ ସଚେ଼ତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଗାମୀ ସେପଟ୍ମ୍ବର ୫ ତାରିଖ ଯାଏଁ ଉଲୁଣ୍ଡା ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ରଥ ବୁଲିବ । ଏଠାରେ ସୂଚ଼ନାଯୋଗ୍ୟ ଯେ, ୧ ଅଗଷ୍ଟରୁ ୩୦ ସେପଟ୍ମ୍ବର ୨୦୨୪ ଯାଏଁ ଡ଼େଙ୍ଗୁ ରୋଗର ପ୍ରତିକାର ଓ ନିୟନ୍ତ୍ରଣ ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ନିର୍ଦ୍ଧାରିତ ଦିବସରେ ଡ୍ରାଏ ଡ଼େ ପାଳନ ସହ ମଶା ଅଣ୍ଡାଦେବା ସ୍ଥାନ ନଷ୍ଟ କରିବା ଏବଂ ବ୍ୟକ୍ତିଗତ ଯୋଗାଯୋଗ ଦ୍ୱାରା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପ୍ରକ୍ରିୟା ଚାଲୁଅଛି । ଏହା ବ୍ୟତିତ ସିଏଚଓ ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ଦ୍ୱାରା ଫୋକସ ଗ୍ରୁପ ଆଲୋଚନାସବୁ ଆୟୋଜିତ ହେଉଛି । ଆଜିର କାର୍ଯ୍ୟକ୍ରମଟି ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ବିପିଏମ ସୁଧାଂଶୁ ଶେଖର ସେଠୀ, ସ୍ୱାସ୍ଥ୍ୟ ପରିଦର୍ଶକ ପଂଚାନନ ହୋତା, ପ୍ରଶାନ୍ତ କୁମାର ମେହେର, ସ୍ୱାସ୍ଥ୍ୟକର୍ମୀ ରାଜେଶ ମେଣ୍ଡେଲି, ବଟକୃଷ୍ଣ ପଣ୍ଡା, ବିଡ଼ିଏମ ରାଜେନ୍ଦ୍ର ଦେହୁରୀ, ଏମଆରଏ ମିଲୁ ମେହେର, ଡ଼ାକ୍ତରଖାନା କର୍ମଚାରୀ ଏବଂ ଅନ୍ୟ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା ସମିତି ବୈଠକ

## ଜନ ଜୀବନ ସୁରକ୍ଷା ଦୃଷ୍ଟିରୁ ବେଆଇନ ଗାଡି ଚାଳନା ଚେକିଂକୁ କଡ଼ାକଡ଼ି କରାଯିବ: ଜିଲ୍ଲାପାଳ

ସୁବର୍ଣ୍ଣପୁର,୨୮/୦୮ (ନି.ପ୍ର): ଜିଲ୍ଲାରେ ଜନ ଜୀବନର ସୁରକ୍ଷା ଦୃଷ୍ଟିରୁ ବେଆଇନ ଗାଡି ଚାଳନା କୁ କଡାକଡି କରାଯିବ। ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଅଧ୍ୟକ୍ଷତା କରି ଜିଲ୍ଲାରେ ସଡ଼କ ଦୁର୍ଘଟଣା କୁ ରୋକିବା ନିମନ୍ତେ ରାସ୍ତାରେ ବେଆଇନ ଗାଡିଚାଳନା କୁ ଉଭୟ ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ମିଳିତ ଭାବେ ଆବଶ୍ୟକ ଚେକିଂ କରିବାକୁ ଗୁରୁତ୍ୱାରୋପ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ଦାସ। ଜିଲ୍ଲାର ଦୁର୍ଘଟଣା ଜନିତ ମୃତ୍ୟୁ ହାରକୁ ହ୍ରାସ କରିବା ନିମନ୍ତେ ସମସ୍ତେ ସୁସମନ୍ୱୟ ପୂର୍ବକ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଜେନା ବୈଠକରେ ଗତ ବୈଠକ ନିଷ୍ପତିର ତଥ୍ୟ ଉପସ୍ଥାପନ କରିଥିଲେ। ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ, ବଲାଙ୍ଗୀରଙ୍କୁ ବୈଠକରେ ଏନ.ଏଚ ବିଭାଗ ଅଧୀନରେ ଥିବା ରାସ୍ତା ଉପରେ ଅବସ୍ଥିତ ଥିବା ବୃକ୍ଷ ମାନଙ୍କରେ ତୁରନ୍ତ ରେଡିଅମ୍ ରିଫ୍ଲେକ୍ଟର ଲଗାଇବା, ମୁଖ୍ୟ ଛକମାନଙ୍କରେ ରମ୍ବଲର ତଥା ଦୁର୍ଘଟଣା ପ୍ରବଣ ଚିନ୍ହିତ ସ୍ଥାନଗୁଡିକରେ ସାଂକେତିକ ଚ଼ିହ୍ନ ସହ ଗତି ପ୍ରତିରୋଧକ ବୋର୍ଡ ଲଗାଇବା ପୁନଶ୍ଚ ରାଜ୍ୟ ତଥା ଜାତୀୟ ରାଜପଥ ସଂଲଗ୍ନ ବିଦ୍ୟାଳୟ ମାନଙ୍କୁ ସଡ଼କ ସୁରକ୍ଷା ବାବଦ ରେ ଅବଗତ କରିବା ସହ ସୁରକ୍ଷା ସାଇନେଜ ବୋର୍ଡ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଆସନ୍ତା ସପ୍ତାହ ମଧ୍ୟରେ ସ୍କୁଲ ସୁରକ୍ଷା କମିଟି ଗଠନ କରି ଆରଟିଓ ଏବଂ ବିଦ୍ୟାଳୟ କର୍ତୃପକ୍ଷ ମିଳିତ ଭାବେ ସଡ଼କ ସୁରକ୍ଷା ଉପରେ ଛାତ୍ର ଛାତ୍ରୀ ତଥା ଅଭିଭାବକଙ୍କ ମଧ୍ୟରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସହର ର ବୁଢ଼ାରଜା ଛକ ଓ ବ୍ଲକ ଛକ ରେ ଟ୍ରାଫିକ ବ୍ୟବସ୍ଥା ସହ ଟ୍ରାଫିକ ଉନ୍ନତି କରଣ ର ବ୍ୟବସ୍ଥା ପାଇଁ ଆର୍ ଆଣ୍ଡ ବି ର ନିର୍ବାହୀ ଯନ୍ତ୍ରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ନୋ ହେଲମେଟ ନୋ ପେଟ୍ରୋଲ କାର୍ଯ୍ୟକ୍ରମକୁ କଡାକଡି ପାଳନ ଉପରେ ଗୁରୁତ୍ୱାରୋପ କରାଯାଇ ଏଥିନିମନ୍ତେ ସମସ୍ତ ପେଟ୍ରୋଲ ପମ୍ପ ମାଲିକ ତଥା ସଂଗଠନ ଙ୍କ ସହ ଯୋଗାଯୋଗ ପୂର୍ବକ ସମନ୍ୱୟ ପୂର୍ବକ ପଦକ୍ଷେପ ନେବାକୁ ଜିଲ୍ଲାପାଳ ବୈଠକରେ ପରିବହନ ଅଧିକାରୀ ଶ୍ରୀ ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ କାର୍ଯ୍ୟକ୍ରମ କୁ ଅଧିକ ଲୋକାଭିମୁଖୀ କରିବା ତଥା ଛାତ୍ର ଛାତ୍ରୀ ଙ୍କୁ ସଡ଼କ ସୁରକ୍ଷା ବିଷୟରେ ଅଧିକ ସଚେତନ କରିବା ପାଇଁ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ଗୁଡ଼ିକ ର ପ୍ରଧାନ ଶିକ୍ଷକ, ଅଧକ୍ଷ ଅଧକ୍ଷାଙ୍କୁ ନେଇ ସଚେତନତା ବୈଠକ କରିବାକୁ ବୈଠକରେ ପରିବହନ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରିଶେଷରେ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ଧନ ଜୀବନର ସୁରକ୍ଷା ନିମିତ ହେଲମେଟ ପରିଧାନ ନକରି ଗାଡି ଚଲେଇବା, ନିଶାସକ୍ତ ଗାଡିଚାଳନା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର, ନାବାଳକ ଗାଡି ଚାଳକ, ବିପଦପୂର୍ଣ୍ଣ ଗାଡିଚାଳନା ଇତ୍ୟାଦି ବେଆଇନ ଗାଡି ଚାଳନା କୁ ରୋକିବା ପାଇଁ ପରିବହନ ବିଭାଗ ଓ ପୋଲିସ ବିଭାଗର ଅଧିକାରୀଙ୍କୁ ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବା ସହ କଡ଼ା କଡ଼ି ଚେକିଙ୍ଗ କରିବା ଉପରେ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ନିର୍ବାହୀ ଯନ୍ତ୍ରୀ ଏନ ଏଚ, ବଲାଙ୍ଗୀର, ସାମ୍ବାଦିକ ସ୍ୱାଧୀନ ମେହେର, ସାମ୍ବାଦିକ ମୃତ୍ୟୁଞ୍ଜୟ ଶତପଥୀ, ବେସରକାରୀ ବସ ମାଲିକ ସଙ୍ଘ ସଭାପତି ପୁରୁଷୋତମ ପାଣିଗ୍ରାହୀ, ଟ୍ରକ ମାଲିକ ସଙ୍ଘ ପ୍ରତିନିଧି ରାଜୀବ ଲୋଚନ ପଟ୍ଟନାୟକ ଓ ସମାରୁ ସାହୁ, ଏମଭିଆଇ ବିଶ୍ୱରଂଜନ ସାହୁ,ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବିଭାଗୀୟ କର୍ମଚାରୀ, ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଗଣ୍ଡାବଜା ପତ୍ରିକାର ସପ୍ତମ ସ୍ୱନକ୍ଷତ୍ର ଦିବସ

ବଲାଙ୍ଗୀର,୨୮/୦୮ (ନି.ପ୍ର): ସାପ୍ତାହିକ ଖବରକାଗଜ ଗଣ୍ଡାବଜାର ସପ୍ତମ ସ୍ୱନକ୍ଷତ୍ର ଦିବସ ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ "ଆମ ସମ୍ବିଧାନ ଆମ ଧର୍ମଗ୍ରନ୍ଥ" ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବିଧାନ ବିଶାରଦ ନରସିଂହ ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, ସମ୍ମାନିତ ଅତିଥିଭାବେ ସୁପ୍ରିମଟାଜ୍ୱର ନିର୍ଦ୍ଦେଶକ ଅଜିତ ପାଲ, ସରକାରୀ ମହିଳା ମହାବିଦ୍ୟଳୟର ସହକାରୀ ପ୍ରଫେସର ଅକ୍ଷୟ କୁମାର ସେଠ, ଚାଷୀନେତା ସାନନ୍ଦ ମିଶ୍ର ଓ ଯୁବ ସାମାଜିକ କର୍ମୀ ଗଣେଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ପତ୍ରିକାର ସଂପାଦକ ତ୍ରିଲୋଚନ ନନ୍ଦ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ କୁନା ବାଗ ପରିଚାଳନା କରିଥିଲେ। ଆଲୋଚନାରେ ଅଂଶଗ୍ରହଣ କରି ଶ୍ରୀ ମିଶ୍ର କହିଥିଲେ ଯେ, ସମ୍ବିଧାନ ପ୍ରଣୟନ ସମୟରେ ବାବା ସାହେବ ଏକ ଆଶଂକା ପ୍ରକାଶ କରିଥିଲେ ତତ୍ ?କାଳିନ ସମୟରେ ଧନୀ ଓ ଗରିବଙ୍କ ଭିତରେ ତାରତମ୍ୟ ରହିଥିଲା। ତେବେ ଭବିଷ୍ୟତରେ ଏହି ତାରତମ୍ୟ ବଢିଲେ ଗଣତନ୍ତ୍ର ଧ୍ୱଂସ ହୋଇଯିବ ଓ ସମ୍ବିଧାନ ଅକାମି ହୋଇଯିବ। ସେ ଯେଉଁ ଆଶଂକା କରିଥିଲେ ଆଜି ତାହା ସତ୍ୟରେ ପ୍ରମାଣିତ ହେଉଛି। ବର୍ତମାନ ସମ୍ବିଧାନକୁ ବଦଳେଇ ଦେବାର ଉଦ୍ୟମ ଆରମ୍ଭ ହୋଇଛି। କିନ୍ତୁ ସୁପ୍ରିମକୋର୍ଟ କହିଛନ୍ତି ଯେ, ସମ୍ବିଧାନର ମୂଳତତ୍ତ୍ୱକୁ ସଂସଦ ମଧ ସଂଶୋଧନ କରିପାରିବନାହିଁ। ଦୁଃଖର କଥା ଯେଉଁ ସଂସ୍ଥା ଗୁଡିକ ସମ୍ବିଧାନକୁ ସୁରକ୍ଷା ଦେବା କଥା ସେହି ସଂସ୍ଥା ଗୁଡିକ ଆଜି ନିରପେକ୍ଷ ନୁହଁନ୍ତି। ହୁଏତ ମୂଳତତ୍ତ୍ୱକୁ ସରକାର ସଂଶୋଧନ କରିଦେଇପାରନ୍ତି। ଏହା ମୂଳତତ୍ତ୍ୱର ସଂଶୋଧନ ନୁହେଁ ବୋଲି ସୁପ୍ରିମକୋର୍ଟ ଚାପରେ କହିପାରନ୍ତି। ପ୍ରତ୍ୟେକ ଆଂଚଳିକ ଭାଷାରେ ସମ୍ବିଧାନ ଲେଖାଯାଏ ବ୍ୟାପକ ମାତ୍ରାରେ ବର୍ଣ୍ଟନ କରାଯିବା କଥା। ସରକାର ଏହାକୁ ପ୍ରୋତ୍ସାହିତ କରିବା ଉଚିତ। ଆମେ ସମସ୍ତେ ମଧ ଲୋକଙ୍କ ପାଖରେ ସମ୍ବିଧାନକୁ ପହୁଂଚାଇ ସଚେତନ କରାଇବା ଏକାନ୍ତ ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର କହିଥିଲେ। ଏହା ସହିତ ସମ୍ବିଧାନରେ ବଂଚିବାର ଅଧିକାର ରହିଛି। ସୁପ୍ରିମକୋର୍ଟ କହିଛନ୍ତି ମର୍ଯ୍ୟାଦା ସହ ବଂଚିବା ଅଧିକାର ପ୍ରତ୍ୟେକ ନାଗରିକ ପାଇବା ଉଚିତ। କିନ୍ତୁ ସରକାର ପରେ ସରକାର ବଦଳୁଛି ଲୋକେ ଏହି ଅଧିକାର ପାଇବାରୁ ବଂଚିତ ହେଉଛନ୍ତି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଶ୍ରୀ ନନ୍ଦ ସମ୍ବିଧାନ କେବେ ମଧ ଧର୍ମଗ୍ରନ୍ଥ ହୋଇନପାରେ। କାରଣ ଧର୍ମଗ୍ରନ୍ଥରେ ବିଭିନ୍ନ ପ୍ରକାର ଭେଦ ରହିଛି। ହେଲେ ସମ୍ବିଧାନରେ କୌଣସି ପ୍ରକାର ଭେଦ ନାହିଁ। ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରାଯାଇଛି। ସାଂପ୍ରତିକ ସମୟରେ ସମ୍ବିଧାନର ସୁରକ୍ଷା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ସେ କହିଥିଲେ। ଅନ୍ୟ ବକ୍ତାମାନେ ମଧ ସମ୍ବିଧାନ ସଚେତନତା ଓ ସୁରକ୍ଷାକୁ ନେଇ ମତ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସରୁ ଅଧ୍ୟୟନ ସମାପ୍ତି କରି ଫେରିଥିବା ନରସିଂହ ମିଶ୍ରଙ୍କ ପୌତ୍ର ଅମର ମିଶ୍ର, ରଜନିକାନ୍ତ ସାମରଲିଆ, ପରଦେଶୀ ବିଶ୍ୱାଳ, ଅମର ସୁନା, ଦେଓଗାଁ ବ୍ଲକ ଉପାଧକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ସରୋଜ ମେଶ୍ମା, ତ୍ରିଲୋକ ମେହେର ଓ ଜିଲ୍ଲା ଦଳିତ ବିକାଶ ମଂଚର କର୍ମକର୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ପ୍ରଶାସନର ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨୮/୦୮ (ନି.ପ୍ର): କେନ୍ଦ୍ରାପଡ଼ାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନ ନିମନ୍ତେ ଜିଲ୍ଲା ପ୍ରଶାସନର ସମୀକ୍ଷା ବୈଠକ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହାଇେଯାଇଛି । ଉକ୍ତ ବୈଠକରେ ସେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର, ସିଡିପିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଏହି ଯୋଜନା କେନ୍ଦ୍ରାପଡ଼ା ଜିଲ୍ଲାରେ ଯେପରି ସଫଳ ହେବ ସେଥିପାଇଁ ଗ୍ରାମ ପଂଚାୟତ, ବ୍ଲକ ସ୍ତରରେ ନୋଡାଲ ଅଫିସର ନିଯୁକ୍ତ କରି ସୁଭଦ୍ରା ଯୋଜନାର ଫର୍ମ ସଂଗ୍ରହ ଏବଂ ଜନସେବା କେନ୍ଦ୍ରମାନଙ୍କରେ ସେଗୁଡିକୁ ଅନଲାଇନ ମାଧ୍ୟମରେ ଅପଲୋଡ କରାଇବେ ଓ ଅଙ୍ଗନବାଡି ସୁପରଭାଇଜର, ରାଜସ୍ୱ ନିରିକ୍ଷକ, ସହକାରୀ ରାଜସ୍ୱ ନିରିକ୍ଷକ, ପି.ଇ.ଓ, ଜେ.ଇ. ଏବଂ ସହକାରୀ ଯନ୍ତ୍ରୀମାନଙ୍କୁ ନୋଡଲ ଅଫିସର ଭାବେ ନିଯୁକ୍ତ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି ଓ ଆସନ୍ତା କାଲି ଅପରାହ୍ନ ସୁଦ୍ଧା ପ୍ରତ୍ୟେକ ବ୍ଲକ ଓ ପୌରାଂଚଳ ରୁ ରିପୋର୍ଟ୍ ଦାଖଲ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ ଉଭୟ ଅଫଲାଇନ ତଥା ସୁଭଦ୍ରା ପୋର୍ଟାଲରେ ଅନଲାଇନରେ ହିତାଧିକାରୀ ମାନେ ଆବେଦନ କରାଯାଇ ପାରିବେ । ୨୧ ବର୍ଷରୁ ଅଧିକ ବା ୬୦ ବର୍ଷରୁ କମ ବୟସ୍କ ମହିଳା ମାନେ ଏହି ଯୋଜନାରେ ଯୋଗ୍ୟ ବିବେଚିତ ହେବେ ଓ ଆଧାରକାର୍ଡରେ ଥିବା ଜନ୍ମ ତାରିଖ ହିତାଧିକାରୀ ଙ୍କ ବୟସ ପାଇଁ ଚୂଡ଼ାନ୍ତ ହେବ ଓ ଅଙ୍ଗନବାଡି କେନ୍ଦ୍ର, ବ୍ଲକ, ମୋ ସେବା କେନ୍ଦ୍ର, ସାଧାରଣ ସେବା କେନ୍ଦ୍ର ଇତ୍ୟାଦିରେ ମୁଦ୍ରିତ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେବ ଓ ଫର୍ମକୁ ନିକଟସ୍ଥ ମୋ ସେବା କେନ୍ଦ୍ର/ ସାଧାରଣ ସେବା କେନ୍ଦ୍ରରେ ଦାଖଲ କରିବେ ଓ ହିତାଧିକାରୀଙ୍କ ନିଜସ୍ୱ ବ୍ୟାଙ୍କ ଏକାଉଣ୍ଟ ରେ ଆଧାରକାର୍ଡ, ମୋବାଇଲ ନମ୍ବର ସଂଯୋଗ ଥିବା ଆବଶ୍ୟକ ଓ ପଂଚାୟତ, ବ୍ଲକ ଓ ଜିଲ୍ଲା ସ୍ତରରେ ନୋଡ଼ାଲ ଅଫିସର ନିଯୁକ୍ତ ହେବେ ଏବଂ ଏହି ଯୋଜନାର କାର୍ଯ୍ୟକାରିତାକୁ ସେମାନେ ତଦାରଖ କରିବେ ଓ ନିଷ୍ପତି ଗ୍ରହଣ କରାଯାଇଛି ଯେ ୨/୩ଟି ଅଙ୍ଗନବାଡି ସେଂଟର୍‌କୁ ଗୋଟିଏ ଗୋଟିଏ ଜନ ସେବା କେନ୍ଦ୍ର ସହ ସଂଯୁକ୍ତ କରାଇ ସମସ୍ତ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ଓ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଯେପରି ଜଣେ ଯୋଗ୍ୟ ହିତାଧିକାରୀ ଏହି ଯୋଜନରୁ ବାଦ୍ ନପଡ଼ିବେ ଏବଂ ଜିଲ୍ଲାରେ ଏହି ଯୋଜନାର ସଫଳ ରୂପାୟନ ହେବ। ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଲିଡ୍ ବ୍ୟାଙ୍କ ଅଫିସର ମନୋଜ ପ୍ରଧାନୀ, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଦୟା ସିନ୍ଧୁ ପରିଡା, ଭାରପ୍ରାପ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଡେପୁଟି କଲେକ୍ଟର କୁଇନ ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ହୃଦ୍‌ଘାତରେ ଶିକ୍ଷାବିତଙ୍କ ପରଲୋକ

ବସ୍ତା, ୨୮/୮ (ନି.ପ୍ର): ବସ୍ତା ବ୍ଲକ ଅର୍ନ୍ତଗତ କଇନଗରୀ ଗ୍ରାମପଞ୍ଚାୟତସ୍ଥ କଇନଗରୀ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ନାରାୟଣ ସାମନ୍ତଙ୍କ ୮୧ ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଦୁଇ ପୁଅ ହରେକୃଷ୍ଣ ଓ ରାଧାକୃଷ୍ଣ, ପୁତ୍ରବଧୂ ସସ୍ମିତା ଓ ଯଜ୍ଞେଶ୍ୱରୀ, କନ୍ୟା ନମିତା, ସବିତା ଓ ଗୀତାଞ୍ଜଳି, ତିନି ଜ୍ୱାଇଁ ଅଜୟ ଗୋଚ୍ଛାୟତ, ରାମାନନ୍ଦ ମହାପାତ୍ର ଓ ରଞ୍ଜନ କୁମାର ମଣ୍ଡଳ ଉପସ୍ଥିତ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ଶିକ୍ଷାବିତ୍ ଦିବାକର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଜୀବନକୃଷ୍ଣ ସାମନ୍ତ, ସମାଜସେବୀ ଗୋପୀକୃଷ୍ଣ ମହାନ୍ତି, ରବୀନ୍ଦ୍ର ଜେନା, ଅଧ୍ୟାପକ ବଟକୃଷ୍ଣ ସାନ୍ତରା, ଜଗମୋହନ ମହାନ୍ତି, ଧର୍ମେନ୍ଦ୍ର ଭକ୍ତା, ବଳଭଦ୍ର ମହାନ୍ତି, ଗାଁ ମୁଖିଆ ଚକ୍ରଧର ମାନ୍ନା, ଭକ୍ତବତ୍ସଳ ସାମନ୍ତ, ସୁକୁମାର ପାଳ, ସୁଶାନ୍ତ ସାହୁ, ସଞ୍ଜୟ ସାମଲ, ନିତ୍ୟାନନ୍ଦ ଧଳ, ପ୍ରଶାନ୍ତ ସାହୁ, ବ୍ରଜମୋହନ ଗୋଚ୍ଛାୟତ, ପ୍ରହ୍ଲାଦ ଚରଣ ବେହେରା, ଅଦ୍ୱୈତ ମଣ୍ଡଳ, ପୁଷ୍ପଲତା ମହାନ୍ତି, ସୁଭଦ୍ରା ଜେନା, ବିନତୀ ସାମନ୍ତ, ଶକୁନ୍ତଳା ପ୍ରାମାଣିକ, କାଜଲ ସାହୁ, ଅଞ୍ଜଳି ମହାନ୍ତି, ରେଣୁକା ଶାସମଲ, ଦୀପ୍ତିମୟୀ ଗୋଚ୍ଛାୟତ, ଉର୍ମିଳା ଭକ୍ତା, ସ୍ୱର୍ଣ୍ଣପ୍ରଭା ମେକାପ ପ୍ରମୁଖ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ । ତାଙ୍କର ଶବାଧାରକୁ ଗାଁ ପରିକ୍ରମା କରାଯାଇ ମଶାଣିରେ ଦାହ କରାଯାଇଛି । ତାଙ୍କର ଜ୍ୟେଷ୍ଠ ପୁତ୍ର ହରେକୃଷ୍ଣ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତଃ ସାମନ୍ତ ୧୯୬୭ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ଇଡ଼ିବା ଗୋଲକ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ବିଜ୍ଞାନ ଶିକ୍ଷକ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ । ୧୯୬୯ ମସିହାରୁ ଗୋଡ୍ଡୁଡ଼ିହା ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗଦାନ ପୂର୍ବକ ଗତ ୨୦୦୬ ମସିହାରେ ପ୍ରଧାନ ଶିକ୍ଷକ ଭାବେ ଚାକିରୀରୁ ଅବସର ନେଇଥିଲେ । କଇନଗରୀ ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ତାଙ୍କର ଅଗ୍ରଣୀ ଭୂମିକା ଥିଲା । ଦୀର୍ଘ ୩୯ ବର୍ଷର ଶିକ୍ଷକତା ଜୀବନ ଭିତରେ ସେ ଜଣେ ଛାତ୍ର ବତ୍ସଳ, ଅନୁଷ୍ଠାନ ପ୍ରେମୀ, ମେଳାପି, ସଚ୍ଚୋଟ, ଧର୍ମ ପରାୟଣ ଓ ପରୋପକାରୀ ବ୍ୟକ୍ତି ଭାବେ ସୁପରିଚିତ । ତାଙ୍କର ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ବିଭିନ୍ନ ଉଚ୍ଚ ପଦପଦବୀରେ ସୁପ୍ରତିଷ୍ଠିତ । ତାଙ୍କ ମୃତ୍ୟୁରେ ଗୋଡ୍ଡୁଡ଼ିହା ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, କଇନଗରୀ ଭଗବାନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଥିଲା ।

# ପିଭିଟିଜିଙ୍କ ବିକାଶ ପାଇଁ ପିଏମ-ଜନମନ ମାଧ୍ୟମରେ କାର୍ଯ୍ୟ କରୁଛି ଜିଲ୍ଲା ପ୍ରଶାସନ

ବାରିପଦା , ୨୮/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ ପିଏମ-ଜନମନ ବା ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ ଯୋଜନାର କାର୍ଯ୍ୟକାରିତା ବିଶେଷ ଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି)ଙ୍କ ଜୀବନଶୈଳୀରେ ବ୍ୟାପକ ଉନ୍ନତି ଆଣିବା ପାଇଁ କାର୍ଯ୍ୟକାରୀ କରାଯାଉଥିବା ବେଳେ, ୫୮ ପ୍ରତିଶତରୁ ଉର୍ଦ୍ଧ୍ୱ ଆଦିବାସୀ ଜନସଂଖ୍ୟା ବିଶିଷ୍ଟ ମୟୂରଭଞ୍ଜ ଜିଲ୍ଲାରେ ଏହି ଯୋଜନାର କାର୍ଯ୍ୟକାରିତା ଜିଲ୍ଲା ପ୍ରଶାସନ ପକ୍ଷରୁ ଖୁବ ଜୋରସୋରରେ ଆରମ୍ଭ ହୋଇ ଜିଲ୍ଲାରେ ଥିବା ଖଡ଼ିଆ, ମାଙ୍କଡ଼ିଆ, ଲୋଧା ଆଦି ଅନୁନ୍ନତ ଗୋଷ୍ଠୀ ମାନଙ୍କୁ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସାମିଲ କରାଯାଉଛି. ଦୁର୍ବଳ ଜନଜାତି ସମୁଦାୟଙ୍କ ଜୀବନ ମାନ ଉନ୍ନତି ଆଣିବା ସକାଶେ ସମସ୍ତଙ୍କ ପାଇଁ ଶୌଚାଳୟ ସହ ପକ୍କାଘର ନିର୍ମାଣ, ପ୍ରତ୍ୟେକ ଘରକୁ ନଳ ଯୋଗେ ପାଣି ଯୋଗାଣ, ଗାଁ ଗାଁକୁ ରାସ୍ତା, ଘରକୁ ବିଜୁଳି, ଉତ୍ତମ ଶିକ୍ଷା, ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ସୁବିଧା, ଉନ୍ନତ ପୋଷଣ, ଉନ୍ନତ ଜୀବନ ଧାରା, ଉନ୍ନତ ଟେଲିକମ ଯୋଗାଯୋଗ, ପ୍ରଧାନ ମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆଧାରରେ ନିଃଶୁଳ୍କ ରାସନ, ପ୍ରଧାନ ମନ୍ତ୍ରୀ ଉଜ୍ଜଳା ଯୋଜନା ଆଧାରରେ ନିଃଶୁଳ୍କ ଗ୍ୟାସ ଯୋଗାଣ, ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଆଧାରରେ ଆୟୁଷ୍ମାନ ଭାରତ, ପ୍ରଧାନ ମନ୍ତ୍ରୀ ମାତୃ ବନ୍ଦନା ଯୋଜନା ଆଧାରରେ ଗର୍ଭବତୀ ମା'ମାନଙ୍କୁ ଆର୍ଥିକ ସହାୟତା, ପ୍ରଧାନ ମନ୍ତ୍ରୀ ପୋଷଣ ଯୋଜନା ଆଧାରରେ ଗର୍ଭବତୀ ଓ ପ୍ରସୂତୀ ମା'ମାନଙ୍କୁ ଆର୍ଥିକ ସହାୟତା, ପ୍ରଧାନ ମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଯୋଜନା ଆଧାରରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ, ସିକିଲ ସେଲ ଆନିମିଆ, ଶତ ପ୍ରତିଶତ ଟିକା କରଣ, ଯକ୍ଷ୍ମା ନିବାରଣ, ମଧ୍ୟାହ୍ନ ଭୋଜନ, ପ୍ରଧାନ ମନ୍ତ୍ରୀ ଜନଧନ ଯୋଜନା, ପିଏମ କିସାନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଇତ୍ୟାଦି ୨୨ଗୋଟି ଯୋଜନା ବିଷୟରେ ବିଶେଷ ଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀଙ୍କୁ ଜଣାଇ ଏଥିରେ ଲାଭାନ୍ୱିତ ହେବାପାଇଁ ସମସ୍ତ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନ ତ୍ୱରାନ୍ୱିତ କରୁଛି. ଜିଲ୍ଲାରେ କାର୍ଯ୍ୟ କରୁଥିବା ଅନୁସୂଚିତ ଜନଜାତି ଓ ସମନ୍ୱିତ ଆଦିବାସୀ ବିକାଶ ଏଜେନ୍ସି ଜିଲ୍ଲା ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟର କର୍ମକର୍ତା ମାନେ ବ୍ଲକ, ପଂଚାୟତ ଏବଂ ଗାଁ ମାନଙ୍କରେ ବୁଲି ଜଙ୍ଗଲ ଅଧିକାର ଆଇନ ପଟ୍ଟା ବଣ୍ଟନ, ରାସନ କାର୍ଡ ବଣ୍ଟନ, ସହିତ ଆଧାର କାର୍ଡରେ ଯେଉଁ ଅମୂଳକ ଭୁଲ ହୋଇଛି ସେ ସମସ୍ତ କାର୍ଯ୍ୟକୁ ତୁରନ୍ତ ସଠିକ କରିବା ପାଇଁ ପ୍ରଶାସନ କାର୍ଯ୍ୟ କରୁଛି. ଯଶିପୁର ଅଂଚଳର ପୋଡ଼ଗଡ଼, ଦୂରଦୁରା, ମୋରଡାର ଚିକିଟାମାଟି, ସୁଳିଆପଦା ଅଂଚଳର ଉଫାଲଗାଡ଼ିଆ, ଖୁଣ୍ଟାର ବାଙ୍ଗରା, ଉଦଳାର ପାଟଣାଣିପୁର, କାଶୀକୁଣ୍ଡଳ, କପ୍ତିପଦା ଅଂଚଳର ଜଡ଼ିଦା, ବାରିପଦାର ବିସିପୁର, ବଡ଼ସାହି ଅଂଚଳର ଯଦୁନାଥପୁର, ପାଉଁଶିଆ, ସାମାଖୁଣ୍ଟାର ପାଇକବସା ଆଦି ସ୍ଥାନ ମାନଙ୍କରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ତତ୍ତ୍ୱାବଧାନରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି. ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲାରେ ଏହି ଯୋଜନାରେ ସମୁଦାୟ ୧୪ଟି ବ୍ଲକର ୬୭ଟି ଗାଁ ଅନ୍ତର୍ଭୁକ୍ତ. ଏଣୁ ସମଗ୍ର ଜିଲ୍ଲାରେ ପିଏମ-ଜନମନ ଯୋଜନାକୁ କାର୍ଯ୍ୟକାରୀ କରି ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ମାଧ୍ୟମରେ ଏହି ସମସ୍ତ ଗାଁ ଗୁଡ଼ିକୁ ପରିତୃପ୍ତ କରିବାପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟ ରଖିଛି. ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯୋଜନାରେ ଆସନ୍ତା ୧୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ସମସ୍ତ ପିଭିଟିଜି ଗ୍ରାମ ମାନଙ୍କରେ ଚାଲିବ ଏବଂ ଜିଲ୍ଲାର ସମସ୍ତ ବିଶେଷ ଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀର ଜନସାଧାରଣଙ୍କୁ ଏହି ଯୋଜନାରେ ସାମିଲ କରାଯିବ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### କ୍ଷୁବ୍ଧ ହେଲେ ରାଷ୍ଟ୍ରପତି ...

ମହିଳାଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ବଦଳାଇବା ଉଚିତ । ନର୍ଭୟା ଘଟଣାର ଏହି ୧୨ ବର୍ଷ ମଧ୍ୟରେ ଅସଂଖ୍ୟ ଦୁଷ୍କର୍ମ ଘଟଣାକୁ ସମାଜ ଭୁଲି ଯାଇଛି । ଏହା ସାମୂହିକ ସ୍ମୃତିଲୋପ ଭାବକୁ ଦର୍ଶାଉଛି ।" ରାଷ୍ଟ୍ରପତି ମୁର୍ମୁ ପରୋକ୍ଷରେ ନିକଟରେ ଦେଶର ବିଭିନ୍ନ ସ୍ଥାନରେ ଘଟିଥିବା ମହିଳା ବିରୋଧୀ ଅପରାଧ ବିରୋଧରେ ମତ ରଖିଛନ୍ତି । ସେ କହିଛନ୍ତି, "କୋଲକାତାରେ ଶିକ୍ଷାର୍ଥୀ, ଡାକ୍ତର ଓ ସାଧାରଣ ନାଗରିକମାନେ ବିକ୍ଷୋଭ କରୁଛନ୍ତି । କିନ୍ତୁ ଅପରାଧୀମାନେ ଅଲଗା ସ୍ଥାନରେ ନିଜର ବର୍ବରତା ଜାରି ରଖିଛନ୍ତି । ଏବେ ବ୍ୟାପ ଢଙ୍ଗରେ ଏହି ସବୁ ଘଟଣାକୁ ମୂଳରୁ ଶେଷ କରିବାକୁ ମିଳିତ ଭାବେ କାମ ଆରମ୍ଭ ହେବ । ପ୍ରାୟ ସବୁ କ୍ଷେତ୍ରରେ ଗୋଟିଏ ନିନ୍ଦନୀୟ ମାନସିକତା ମହିଳାମାନଙ୍କୁ କମ ମଣିଷ, କମ ଶକ୍ତିଶାଳୀ, କମ ଦକ୍ଷତାପୂର୍ଣ୍ଣ ଓ କମ ବୁଦ୍ଧିମତା ଭାବେ ଦେଖି ଚାଲିଛି । ଇତିହାସର ସାମ୍ନା କରିବାକୁ ଭୟ କରୁଥିବା ସମାଜ ହିଁ ସାମୂହିକ ସ୍ମୃତିଲୋପର ସାହାରା ନେଇଥାଏ । ଭାରତର ଇତିହାସକୁ ସିଧାସଳଖ ସାମ୍ନା କରିବା ଦରକାର ।"

### ସିଏଚଏସଇ ପିଅନ ...

ଗଢ଼ିଉଠିଛି ବାବୁଙ୍କର ୪ମହଲା କୋଠା । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସଇ)ରେ ରେକର୍ଡ ସପ୍ଲାଏର ଥିବା ପୁରେନ୍ଦ୍ର କୁମାର ସେଠୀଙ୍କ ଘରେ ଆଜି ଭିଜିଲାନ୍ସ ଚଢ଼ଉ ପରେ ଏସବୁ ତଥ୍ୟ ପଦାକୁ ଆସିଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ସିଏଚଏସଇରେ ରେକର୍ଡ ସପ୍ଲାଏର ଥିବା ଶ୍ରୀ ସେଠୀଙ୍କର କାନନବିହାରଠାରେ ୧୦୮୮୦ ବର୍ଗଫୁଟ ଅଂଚଳ ଜମିରେ ୪ ମହଲା କୋଠା ରହିଛି । ସେହିପରି ବିଭିନ୍ନ ଲୋକଙ୍କ ନାଁରେ ଶ୍ରୀ ସେଠୀ ୬ଡିସିମିଲରୁ ୧୧ଡିସିମିଲ ପରିମିତର ମୋଟ ୧୬ଟି ମୂଲ୍ୟବାନ ଜମି କ୍ରୟ କରିଛନ୍ତି । ଯାହାକି ତାଙ୍କର ବେନାମୀ ସମ୍ପତ୍ତି ବୋଲି ଜଣାପଡ଼ିଛି । ତାଙ୍କଠୁ ୧ଲକ୍ଷ ୭୦ହଜାର ଟଙ୍କା ନଗଦ ଅର୍ଥ ସହ ୧୬ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା, ବୀମା ଓ ମ୍ୟୁଚୁଆଲ ଫଣ୍ଡରେ ବିନିଯୋଗ ସାମିଲ ଅଛି । ତାଙ୍କର ଟୟୋଟା ଅର୍ବାନ କ୍ରୁଜର ଓ ଟୟୋଟା ଇଟଅସ୍ ଲିଭା ଭଳି ଦୁଇଟି ଚାରିଚକିଆ ସହ ୫ଟି ଦୁଇଚକିଆ ଗାଡ଼ି ଥିବା ମଧ୍ୟ ଜଣାପଡ଼ିଛି । ଏବେବି ତାଙ୍କର ଅଧିକ ସମ୍ପତ୍ତି ଜାଣିବା ପାଇଁ ଭିଜିଲାନ୍ସ ଚଢ଼ଉ ଜାରି ରଖିଥିବା ସୂଚନା ଦେଇଛି । ଅନ୍ୟପକ୍ଷରେ ଭିଜିଲାନ୍ସ ସୂତ୍ର ଅନୁସାରେ , ନୂଆପଡ଼ା ଜିଲ୍ଲାରେ ଗୋଟିଏ ଯୁକ୍ତ ଦୁଇ ଆବାସିକ କଲେଜ ରହିଛି, ଯାହାକି ଶ୍ରୀସେଠୀଙ୍କର ବେନାମୀ ସମ୍ପତ୍ତି ବୋଲି ସନ୍ଦେହ କରାଯାଉଛି । ଏଦିଗରେ ଅଧିକ ଖୋଳତାଡ଼ ଜାରି ରହିଛି ବୋଲି ଜଣାପଡ଼ିଛି । ଭିଜିଲାନ୍ସ ବିଭାଗର ୩ ଜଣ ଡିଏସପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓ ୫ଜଣ ଏଏସଆଇ ଆଜି ସକାଳୁ ଶ୍ରୀ ସେଠୀଙ୍କ କାନନବିହାର ଘର, ଜଗତସିଂହପୁର ବାଲିକୁଦାର କେଉପଡ଼ାସ୍ଥିତ ପୈତୃକ ଘର ଓ ତାଙ୍କ ସାମନ୍ତରାପୁରସ୍ଥିତ ଅଫିସରେ ଚଢ଼ଉ କରିଛନ୍ତି । ତେବେ ପିଅନରୁ ଚାକିରି ଆରମ୍ଭ କରିଥିବା ଶ୍ରୀ ସେଠୀ କିଭଳି କୋଟିକୋଟି ଟଙ୍କାର ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିବାରେ ସକ୍ଷମ ହେଲେ ତାକୁ ନେଇ ଏବେ ଚର୍ଚ୍ଚା ଜାରି ରହିଛି ।

### ବିଧାନସଭାକୁ ମୋବାଇଲ୍ ...

ରହିବା ପାଇଁ ସେ ବିଧାୟକମାନଙ୍କୁ ତାଗିଦ୍ କରିଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ବିଧାନସଭା ଗୃହ ଭିତରେ ମୋବାଇଲ ଫୋନ୍ ଉପଯୋଗ କରିବାକୁ ନେଇ କଟକଣା ରହିଛି । କିନ୍ତୁ ବିଧାୟକମାନେ ସେଥିପ୍ରତି ଗୁରୁତ୍ୱ ଦେଉନଥିବାରୁ ବାଚସ୍ପତିଙ୍କୁ ଆଜି ପୁଣିଥରେ ଏଭଳି ନିର୍ଦ୍ଦେଶନାମା ଜାରି କରିବାକୁ ପଡ଼ିଛି ।

### ମାହାଙ୍ଗା ଡବଲ ମର୍ଡର...

ପରିସରଭୁକ୍ତ କରିବାକୁ ମାହାଙ୍ଗା ଥାନାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ପ୍ରତାପ ଜେନାଙ୍କୁ ୧୩ ନମ୍ବର ମୁଦାଲା ଭାବେ ଚାର୍ଜସିଟରେ ଉଲ୍ଲେଖ କରିଥିଲା ପୁଲିସ । ତେବେ ଚାର୍ଜସିଟରୁ ତାଙ୍କ ନାଁ ହଟାଇବାକୁ ପ୍ରତାପ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।ହାଇକୋର୍ଟ ମାମଲାର ଶୁଣାଣି ସାରି ରାୟ ସଂରକ୍ଷିତ ରଖିଛନ୍ତି ।ଏହି ଡବଲ ମର୍ଡର ଘଟଣାକୁ ନେଇ ସେତେବେଳେ ରାଜ୍ୟ ରାଜନୀତି ବେଶ ସରଗରମ ହୋଇଥିଲା ।

### ୭ ଦିନରେ ଦୁଷ୍କର୍ମୀକୁ ...

ଦାବି କରି ମମତା ବାନାର୍ଜୀ ଦୁଇ ଦିନ ଧାରଣାରେ ବସିବେ ବୋଲି ମଧ୍ୟ ଆଜି ଘୋଷଣା କରିଛନ୍ତି । ସେ କହିଛନ୍ତି, "ଫାଶୀ ଦଣ୍ଡ ଦାବିରେ ମୁଁ ସମସ୍ତ ବ୍ଲକକୁ ଅଗଷ୍ଟ ୩୧ରେ ବିକ୍ଷୋଭ କରିବାକୁ ଆହ୍ୱାନ ଦେଉଛି । ସେପ୍ଟେମ୍ବର ୧ରେ ସମସ୍ତ ମହିଳା ଫାଶୀ ଦଣ୍ଡ ଓ ଆଇନରେ ସଂଶୋଧନ କରିବା ପାଇଁ ବିକ୍ଷୋଭ କରନ୍ତୁ ବୋଲି ମୁଁ କହୁଛି ।" ମମତା ନିଜେ ମଧ୍ୟ ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ରେ କୋଲକାତା ହରର ଦୋଷୀକୁ ତୁରନ୍ତ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପାଇଁ ବିକ୍ଷୋଭ ପ୍ରଦର୍ଶନ କରିବେ । ମମତା ବାନାର୍ଜୀ ଆହୁରି କହିଛନ୍ତି, ରାଜ୍ୟ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବେ । ଆମେ ଦୁଷ୍କର୍ମ ବିରୋଧୀ ଆଇନ ପାସ କରାଇବୁ । ଏଥିରେ ଦୁଷ୍କର୍ମକାରୀକୁ ଅପରାଧର ୭ ଦିନ ମଧ୍ୟରେ ଫାଶୀ ଦଣ୍ଡରେ ଦଣ୍ଡିତ କରିବା ଭଳି ନିୟମ ରହିବ ।

### ଆଜି ବିଜେପିରେ ମିଶିବେ ...

ଚମ୍ପାଇ ସୋରେନ ବିଜେପିରେ ମିଶିବାକୁ ଯାଉଥିବାର ନିଶ୍ଚିତ କରିଥିଲେ । ସନ୍ଥାଲ ପ୍ରଗଣା ଅଞ୍ଚଳରେ ଆଦିବାସୀଙ୍କ ପରିଚୟର ସୁରକ୍ଷା ପାଇଁ ସେ ବିଜେପିରେ ମିଶୁଥିବା କହିଥିଲେ । ଏଠାରେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢୁଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ଦୁର୍ନୀତି ଅଭିଯୋଗରେ ହେମନ୍ତ ସୋରେନ ଜେଲ ଯିବା ପରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହୋଇଥିଲେ ଚମ୍ପାଇ ସୋରେନ । ତେବେ ଜେଲରୁ ଜାମିନରେ ଆସିବା ପରେ ଚମ୍ପାଇଙ୍କୁ ହଟାଇ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ ହେମନ୍ତ ସୋରେନ । ଏହାପରେ ଜେଏମ୍ଏମ୍‌ରେ ବିବାଦ ଦେଖାଦେଇଥିଲା ।

### ଆସାମ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ...

୧୮ଟି ବିରୋଧୀ ଦଳ ରହିଛି । ସମସ୍ତେ ମିଳିତ ଭାବେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ପୁଲିସ୍‌ରେ ଅଭିଯୋଗ ଦାଖଲ କରିଛନ୍ତି । ଲୋକସଭା ନିର୍ବାଚନ ରେଜଲ୍ଟ ପ୍ରକାଶ ପାଇବା ପର ଠାରୁ ଆସାମ ମୁଖ୍ୟମନ୍ତ୍ରୀ ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଏପରି କି ସେ ବିଧାନସଭା ଭିତରେ ମଧ୍ୟ ଅତ୍ୟନ୍ତ ସମ୍ବେଦଶୀଳ ବୟାନ ଦେଉଛନ୍ତି । ଆମେ ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ମଧ୍ୟ ଚିଠି ଲେଖିବୁ ।" ରାଜ୍ୟ ବିଧାନସଭାରେ ନାଗାଓଁରେ ଜଣେ ୧୪ ବର୍ଷୀୟ ଝିଅକୁ ଗଣଦୁଷ୍କର୍ମ ଓ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ସେହିପରି ଶିବସାଗର ଜିଲ୍ଲାରେ ବେଙ୍ଗଲି କହୁଥିବା ମୁସଲିମାନଙ୍କୁ କରାଯାଉଥିବା ଟାର୍ଗେଟ କଥା ବି ଉଠିଥିଲା । ବିରୋଧୀ ତାଙ୍କ ବିରୋଧରେ ପକ୍ଷପାତିତା ଅଭିଯୋଗ ଆଣିବାରୁ ହିମନ୍ତ ବିଶ୍ୱଶର୍ମା କହିଥିଲେ ଯେ "ମୁଁ ପକ୍ଷ ନେବି । ଆପଣମାନେ ମୋର କ'ଣ କରିବେ ?" ଯୁକ୍ତିତର୍କ ବଢୁଥିବା ବେଳେ ଏଆଇୟୁଡିଏଫ ବିଧାୟକ ରଫିକୁଲ ଇସଲାମ କହିଥିଲେ ଯେ "ଆସାମର ତଳ ଭାଗରେ ରହୁଥିବା ଲୋକମାନେ ଉପର ଆସାମ ଜିଲ୍ଲାକୁ ଯିବେ । ଏହା ସେମାନଙ୍କର ଅଧିକାର ।" କିଛି ସଂଗଠନ ବେଙ୍ଗଲି ଭାଷା କହୁଥିବା ମୁସଲିମଙ୍କୁ ଉପର ଆସାମ ଅଞ୍ଚଳ ଛାଡ଼ିବାକୁ କହିଥିବାରୁ ରଫିକୁଲ ଏପରି ବୟାନ ଦେଇଥିଲେ । ଏହାର ଜବାବରେ ବିଶ୍ୱଶର୍ମା କହିଥିଲେ, "କାହିଁକି ଲୋୟର ଆସାମର ଲୋକମାନେ ଅପର ଆସାମକୁ ଯିବେ ? ଏହା ଦ୍ୱାରା ମିଆଁ ମୁସଲିମ ଆସାମକୁ ଦଖଲ କରିବେ ? ଆମେ ଏପରି ହେବାକୁ ଦେବୁ ନାହିଁ ।" ବୁଧବାର ଏହାକୁ ନେଇ ବିବାଦ ଦେଖା ଦେବାକୁ ଶ୍ରୀ ଶର୍ମା ଆହୁରି କହିଛନ୍ତି ଯେ "ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀ ଲୋକପ୍ରିୟ ଗୋପିନାଥ ବୋରଡୋଲୋଇ ଯେଉଁ କଥା କହିଥିଲେ ମୁଁ ତା'କୁ ଦୋହରାଇଛି । ସେ ସମାନ କଥା ବିଧାନସଭାରେ କହିଥିଲେ । ପୂର୍ବତନ ମୁଖ୍ୟମନ୍ତ୍ରୀ ବିଷ୍ଣୁରାମ ମେଧହି ମଧ୍ୟ ଏକଥା କହିଥିଲେ । ମୁଁ କୌଣସି କଥାକୁ ଯୋଡ଼ି ନାହିଁ କିମ୍ବା ଏଥିରେ କିଛି ବି ଯୋଡ଼ି ନାହିଁ । ଯଦି ସେମାନଙ୍କୁ ଏଫଆଇଆର ଫାଇଲ କରିବାର ଅଛି, ତା'ହେଲେ ସେମାନେ ସମସ୍ତଙ୍କ ବିରୋଧରେ ଏଫଆଇଆର ଦିଅନ୍ତୁ ।"

# ହାଇଦ୍ରାବାଦର ଏକ ଘରୋଇ କମ୍ପାନୀର ଶ୍ରମିକଙ୍କ ମୃତ୍ୟୁ: ମୃତଦେହ ଓ ଆମ୍ବୁଲାନ୍ସ ଅଟକରଖି ରାସ୍ତାରୋକ



ନୀଳଗିରି, ୨୮/୮ (ନି.ପ୍ର): ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ ଜଣେ ଠିକା ଶ୍ରମିକର କାର୍ଯ୍ୟରତ ଅବସ୍ଥାରେ ଅସ୍ୱାଭାବିକ ମୃତ୍ୟୁ ଅଭିଯୋଗକୁ ନେଇ ନୀଳଗିରି ଝରଣଘାଟି ରାଜ୍ୟ ରାଜପଥ ୧୯ ର ଛତ୍ରପୁର ଛକରେ ରାସ୍ତା ରୋକ କରିଛନ୍ତି ଶତାଧିକ ଗ୍ରାମବାସୀ । ସୂଚନା ଅନୁଯାୟୀ ସୁଦୂର ହାଇଦ୍ରାବାଦ ରେ ଥିବା ଏକ ଘରୋଇ ମେଡ଼ିସିନ ପ୍ରସ୍ତୁତ କାରୀ କମ୍ପାନୀରେ ଛତ୍ରପୁର ଗ୍ରାମର କାର୍ଯ୍ୟରତ ଠିକା ଶ୍ରମିକର ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଦଲାଲ ହାଇଦ୍ରାବାଦରେ ଶ୍ରମିକ ମାନଙ୍କୁ ଚାଲାଣ କରି ବିକ୍ରି କରିଥିବାର ପରିବାର ପକ୍ଷରୁ ସ୍ଥାନୀୟ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନା ଅନୁଯାୟୀ ଆଜି ଛାତ୍ରପୁର ଗ୍ରାମର ପ୍ରଭାକର ମହାକୁଡ଼ଙ୍କ ପୁଅ ପ୍ରତାପ ମହାକୁଡ଼ ଓରଫ ବୁଲୁ (୩୫)ର ମୃତ ଦେହ ଛତ୍ରପୁର ଛକରେ ପହଞ୍ଚିବା ପରେ ନ୍ୟାୟ ପାଇଁ ରାସ୍ତା ରୋକ୍ କରିଛନ୍ତି ଶତାଧିକ ଗ୍ରାମବାସୀ । ଉକ୍ତ ଗ୍ରାମର ଠିକାଦାର ପରେଶ କୁମାର ଦାସ ଗତ ୯ ମାସ ତଳେ ହାଇଦ୍ରାବାଦର ଏକ ଘରୋଇ କମ୍ପାନୀରେ କାମ ଦେବାକୁ କହି ନୀଳଗିରିର ବିଭିନ୍ନ ପଂଚାୟତରୁ ୪୦ ରୁ ଉର୍ଦ୍ଧ୍ୱ ଠିକା ଶ୍ରମିକ ମାନଙ୍କୁ ନେଇ ଭର୍ତ୍ତି କରିଥିଲେ । ଯାହା ଠିକା ଶ୍ରମିକ ମାନଙ୍କ ପରିବାର ପକ୍ଷରୁ ଅଭିଯୋଗ ଉଠାଇଛନ୍ତି । ପରବର୍ତ୍ତୀ ସମୟରେ ପ୍ରତାପକୁ ଖାଇବା ପିଇବା ଏବଂ ମାସିକ ଦରମା ଦେବାରେ କମ୍ପାନୀ ପକ୍ଷରୁ ହଇରାଣ କରିବା ସହିତ ପ୍ରତାପକୁ କମ୍ପାନୀ ପକ୍ଷରୁ ନଜର ବନ୍ଦୀରେ ରଖାଯାଇଥିଲା । ଏନେଇ ପ୍ରତାପ ନିଜ ପରିବାର ଲୋକଙ୍କୁ ଫୋନ ଯୋଗେ କହିଥିଲେ । ପରବର୍ତ୍ତୀ ସମୟରେ ତମେ ଆସି ମୋତେ ଘରକୁ ନେଇଯାଅ ବୋଲି ମଧ୍ୟ କାନ୍ଦିକାନ୍ଦି କହିଥିଲେ । ଏପଟେ ପରେଶକୁ ଘଟଣା ବାବଦରେ କହିବାରୁ ପରେଶ ଆଉ ଧରାଛୁଆଁ ଦେଇନଥିଲା । ପରେ କମ୍ପାନୀ ରୁ ପ୍ରତାପର ମୃତ୍ୟୁ ହୋଇ ଯାଇଛି ବୋଲି ଖବର ଆସିବା ପରେ ପରେଶ ଫେରାର ହୋଇ ଯାଇଥିଲା । ତେବେ ରାସ୍ତାରୋକ୍ ଫଳରେ ଛତ୍ରପୁର ଛକର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିବା ବେଳେ ଧାରଣା କାରୀଙ୍କ ସହିତ ବରହମପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା ଜାରି ରଖିଥିବା ଦେଖିବାକୁ ମିଳିଛି । ଅନ୍ୟ ଦିଗରେ ଏସମ୍ପର୍କରେ ପୋଲିସ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛି ।ଯେଉଁ ଶ୍ରମିକମାନେ ଦାଦନ ଖଟିବାପାଇଁ ବାହାର ରାଜ୍ୟକୁ ଯାଇଥିଲେ ସେମାନେ କଣ କଟି ଛୁଆକି ବୋଲି ସଫେଇ ଦେବା ପରେଏଭଳି ମନ୍ତବ୍ୟକୁ ନେଇ ଦଲାଲ ଏବଂ ପୋଲିସ ମଧ୍ୟରେ ଭିତିରି ସମ୍ପର୍କ ଥାଇପାରେ ବୋଲି ଶୁଣିବାକୁ ମିଳୁଛି । ଖବରପାଇ ନୀଳଗିରି ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ରଣା, ଏସ.ଡି. ପି ଓ ସରୋଜ ଉପାଧ୍ୟାୟ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ରୋକ ପ୍ରତ୍ୟାହୃତ ହୋଇ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା ।

# କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟରେ ସ୍ୱଚ୍ଛତା ଦିବସ ପାଳିତ

ଲଙ୍ଗଳେଶ୍ୱର,୨୮/୮ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଶିବିରରେ ବୁଧବାର ସ୍ୱଚ୍ଛତା ଦିବସ ପାଳିତ ହୋଇ ଯାଇଛି । ଏହି ଅବସର ରେ ମହାବିଦ୍ୟାଳୟ ପରିସର ରୁ ଆରମ୍ଭ ହୋଇ ପଞ୍ଚୁପାଲି ହାଟ, ତାରିଣୀ ମନ୍ଦୀର ଚତୁର୍ପାଶ୍ୱ ଏବଂ ଏହା ପାଖରେ ଥିବା ପଡ଼ିଆ ପର୍ଯ୍ୟନ୍ତ ଜାତୀୟ ସେବାରେ ଯୋଗ ଦେଇ ଥିବା ସମସ୍ତ ଛାତ୍ରୀ ମନେ ସଫେଇ କାର୍ଯ୍ୟକ୍ରମ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ଜାତୀୟ ସେବା ଶିବିରର ସମସ୍ତ ଛାତ୍ରୀ ଙ୍କ ସହିତ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ବାରିକ, ଅଧ୍ୟାପକ ଡ. ଲକ୍ଷ୍ମୀ କାନ୍ତ ରଥ,ଅଧ୍ୟାପକ ସୁଧୀର କୁମାର ନନ୍ଦ, କୃଷ୍ଣା ନନ୍ଦ ପାତ୍ର, ବନମାଳୀ ପରିଡ଼ା, ଅଧ୍ୟାପିକା ସବିତା ସାହୁ,ଚନ୍ଦନ କୁମାର ନନ୍ଦ , ସରୋଜିନୀ ପରିଡ଼ା, ବନମାଳୀ ପରିଡ଼ା ପ୍ରମୁଖ ସଫେଇ କାର୍ଯକ୍ରମ ରେ ସାମିଲ ଥିଲେ ।

# ଶିମିଳିପାଳର ଅତୀତ ବର୍ତ୍ତମାନ ଭବିଷ୍ୟତ ପ୍ରସଙ୍ଗରେ ଆଲୋଚନା ଚକ୍ର ଅନୁଷ୍ଠିତ

ବେତନଟୀ , ୨୮/୮ (ନି.ପ୍ର): ଜନନାୟକ ପ୍ରସନ୍ନ ଦାଶଙ୍କ ଜୟନ୍ତୀରେ ଶିମିଳିପାଳ ଅତୀତ ବର୍ତମାନ ଓ ଭବିଷ୍ୟତ ଆଲୋଚନା ଚକ୍ର ଆପେକ୍ସ ଫୋରେଷ୍ଟ କମିଟି ଏବଂ ଇକୋ କ୍ଲବ ମିଳିତ ଆନୁକୂଲ୍ୟରେ ଧୂରୀଣ ରାଜନେତା ପୂର୍ବତନ ବାଚସ୍ପତି, କ୍ୟାବିନେଟ ମନ୍ତ୍ରୀ ତଥା ବିଶିଷ୍ଟ ପରିବେଷବିତ ପ୍ରସନ୍ନ କୁମାର ଦାଶ ଙ୍କ ଜୟନ୍ତୀ ପାଳନ ହୋଇ ଶ୍ରାଦ୍ଧ ସୁମନ ଅର୍ପିତ ହୋଇଛି । ଏହି ଅବସରରେ ଦିବଂଗତ ପ୍ରସନ୍ନ ଦାଶଙ୍କ ହୃତ ସ୍ପନ୍ଦନ ଶିମିଳିପାଳର ଅତୀତ ବର୍ତମାନ ଓ ଭବିଷ୍ୟତ ଶୀର୍ଷକ ବିଷୟ ଉପରେ ଆପେକ୍ସ ଫୋରେଷ୍ଟ କମିଟିର ଅଧକ୍ଷ ଡ. ଶ୍ୟାମ ସୁନ୍ଦର ଦାସଙ୍କ ସଭାପତିତ୍ୱରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଜୟନ୍ତୀ ଆଲୋଚନାରେ ମୁଖ୍ୟ ଅତିଥି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବରେ ଓଡିଶା ପରିବେଶ ସୋସାଇଟିର ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର,ବିଶେଷ ବକ୍ତା ଭାବରେ ଏ ଉମା ମହେଶ ଓ. ର. ଝ.ସମ୍ମାନନୀୟ ଅତିଥି ବନ୍ୟ ପ୍ରାଣୀ ବିଶେଷଜ୍ଞ ବୈଜ୍ଞାନିକ ଡ. ଲାଲା ଅଶ୍ୱନୀ କୁମାର ସିଂହ. ଓଡିଶା ପରିବେଶ ସମିତିର ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ.ପର୍ଯ୍ୟାବରଣ ସୁରକ୍ଷା ଗତି ିଧିର ବିଭାଗ ସଂଯୋଜକ ନଳିନୀକାନ୍ତ ମହାନ୍ତ, ଓଷ୍ଟା ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାଏକ, ସାମ୍ବାଦିକ ବିରଞ୍ଚି ସାହୁ,ରାତୀନ କୁମାର ବାନାର୍ଜୀ,ଭଂଜକିଶୋର. କ୍ଷୀରସାଗର. ଡମ୍ବରୁଦ୍ଧର ମହାନ୍ତ ଇତ୍ୟାଦି ପରିବେଷବିତ ଓ ପ୍ରାଣୀ ବିଶେଷଜ୍ଞ ମାନେ ଭାଗନେଇ ଶିମିଳିପାଳର ସୁରକ୍ଷା ଉପରେ ଉଦବେଗ ପ୍ରକାଶ କରି ଥିଲେ । ସମସ୍ତ ଅଂଶ ଗ୍ରହଣ କାରି ବିଶେଷଜ୍ଞଙ୍କ ପ୍ରସ୍ତାବ କ୍ରମେ ମୁଖ୍ୟ ଅତିଥି କୁଳପତି ସନ୍ତୋଷ କୁମାର ତ୍ରିପାଠୀ ବିଶ୍ୱବିଦ୍ୟାଳୟ ଶିମିଳିପାଳ ଷ୍ଟଡି ସେଣ୍ଟରକୁ ଗବେଷଣା ପାଇଁ ୧୦ଲକ୍ଷ ମଂଜୁର କରିଥିବା ପ୍ରକାଶ କରି ଆପେକ୍ସ କମିଟି ଆବେଦନ କଲେ ପ୍ରସନ୍ନ ଦାଶ ଚେୟାର ପ୍ରତିଷ୍ଠା ପାଇଁ ସରକାର ଙ୍କୁ ସୁପାରିଶ କରିବାକୁ ସ୍ୱୀକୃତି ଦେଇଥିଲେ । କାର୍ଯ୍ୟକ୍ରମର ଆବାହକ ଇକୋ କ୍ଲବର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ. ରମାକାନ୍ତ ମହାନ୍ତଙ୍କ ସଭା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଜଗନ୍ନାଥ ଶିଶୁ ବିଦ୍ୟାମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

ଉଦଳା , ୨୮/୮ (ନି.ପ୍ର): ଉଦଳା ସହରର ଜଗନ୍ନାଥ ଠାରେ ଗଢ଼ି ଉଠିଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏହି ଅବସରରେ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଭଗବାନ ଶ୍ରୀକୃଷ୍ଣଙ୍କ ବିଗ୍ରହକୁ ପୂଜାର୍ଚ୍ଚନା କରାଯିବା ସହିତ ଆଲୋଚନାଚକ୍ର ଓ ପିଲାଙ୍କ ମଧ୍ୟରେ ବେଶ ପ୍ରତିଯୋଗିତାର ପର୍ବ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଶିଶୁ ବିଦ୍ୟା ମନ୍ଦିରର ଏହିଭଳି ଏକ ଆଧାତ୍ମିକ କାର୍ଯ୍ୟକ୍ରମର ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ । ସେହିପରି ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ, ଦ୍ୱାପର ଯୁଗରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମି ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିଥିଲେ । ଦ୍ୱାପର ଯୁଗରୁ ପ୍ରତିବର୍ଷ ଏହିତିଥିଟିକୁ ଜନ୍ମାଷ୍ଟମି ଭାବରେ ସମଗ୍ର ଭାରତବର୍ଷରେ ପାଳିତ ହୋଇ ଆସୁଛି ବୋଲି କହିଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ମୁଖ ନିସୃତ ବାଣୀ 'ଭଗବତ ଗୀତା'ରେ ଉଲ୍ଲେଖ ରହିଛି । ଜୀବନ ବଂଚିବା ପାଇଁ ଏହି ବାଣୀର ଆବଶ୍ୟକତା କେତେ ଅଧିକ ତାହା ସମଗ୍ର ବିଶ୍ୱବାସୀ ଆଜି ବେଶ ଭଲଭାବରେ ଅନୁଭବ କଲେଣି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଅନୁଷ୍ଠିତ ବେଶ ପ୍ରତିଯୋଗିତାରେ ଛାତ୍ର ଛାତ୍ରୀ ମାନେ ଶ୍ରୀକୃଷ୍ଣ, ଶ୍ରୀରାଧା, ବଳରାମ, ଯଶୋଦା, ନନ୍ଦ ରାଜା, ଦେବକି, ବସୁଦେବ, ସୁଦାମ, କଂସ ବେଶରେ ସଜ୍ଜିତ ହୋଇଥିଲେ । ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଦୀପକ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ଆଚାର୍ଯ୍ୟ / ଆଚାର୍ଯ୍ୟା ସହଯୋଗ କରିଥିଲେ ।


# PUBLIC NOTICE

Notice is hereby given to all concerned that, LIC Housing Finance Ltd, office at: Faiz Complex, Uditnagar, Rourkela-12, Dist. Sundargarh has filed FIR at Uditnagar Police Station supported by an affidavit dt. 09.08.2024 to the effect that, the original **Regd. Lease-cum-Sale Deed No-875 dt. 09.08.2004 of Smt. Sabitri Nayak, W/o – Sadhu Charan Nayak is lost/ misplaced from company office.**

All concerned therefore having any claim over the documents are required to file their claim with the undersigned within **15 (fifteen) days** from the date of Publication of this Notice failing which is it will be presumed that, the Property having link with the said documents is/are free from Encumbrances and any claim in respect thereof against Smt. Sabitri Nayak as a Mortgagor & the company as the Mortgagee shall be void and ineffective **after the lapse of 15 (fifteen) days of Publication of this Notice.**

Rourkela
Dt.16.08.2024

**(R.K.Choudhury)**
Advocate, LIC Housing Finance Ltd.
House No. AL- 36, Basanti Colony,
PO: Rourkela-12, Dist.- Sundargarh,
Odisha.
Mob- 9337402878

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଫସଲ ବିବିଧିକରଣ ସଚେତନତା ରଥ ଉଦ୍‌ଘାଟିତ

ବାରିପଦା , ୨୮/୮ (ନି.ପ୍ର): ଜିଲ୍ଲାରେ କୃଷି ଓ କୃଷକ ମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ବୃହତ ଜଳସେଚନ ପ୍ରକଳ୍ପ ଅଂଚଳରେ ଫସଲ ବିବିଧିକରଣ ଯୋଜନା ମାଧ୍ୟମରେ ଚାଷୀ ମାନଙ୍କର ତାଲିମ, ଶିକ୍ଷା ଓ ଯୋଗାଯୋଗ ଦ୍ୱାରା ପ୍ରୋତ୍ସାହନ ଓ ଦକ୍ଷତା ବୃଦ୍ଧି ନିମନ୍ତେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଚାର ପ୍ରସାର ପାଇଁ ଫସଲ ବିବିଧିକରଣ ରଥ ଉଦଘାଟିତ ହୋଇଯାଇଛି । ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏହି ରଥ ବାହାରି ସମଗ୍ର ଜିଲ୍ଲାରେ ଚାଷୀ ମାନଙ୍କୁ ରାଜ୍ୟସରକାର ତଥା କେନ୍ଦ୍ର ସରକାରଙ୍କ ଜଳସେଚନ ପ୍ରକଳ୍ପ ଯୋଜନା ମାନ ବିଷୟରେ ତାଲିମ ଦେବା ସହିତ ସେମାନଙ୍କ ଦକ୍ଷତା ବିକାଶ କରିବା ପାଇଁ କାର୍ଯ୍ୟ କରିବ । ଏହି ପରିପ୍ରେକ୍ଷୀରେ ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ଫସଲ ବିବିଧିକରଣ ସଚେତନା ରଥକୁ ଜିଲ୍ଲାପାଳ ହେମକାନ୍ତ ସୟ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ । ଏହି ରଥ ବୃହତ ଉଠା ଜଳସେଚନ ଏବଂ ଅନ୍ୟ ଜଳସେଚିତ ଅଞ୍ଚଳରେ ଫସଲ ବିବିଧିକରଣ ଯୋଜନାରେ ମୟୂରଭଞ୍ଜ ଜିଲ୍ଲାର ୧୧ ଗୋଟି କ୍ଲଷ୍ଟର ଅନ୍ତର୍ଭୁକ୍ତ ୧୭ଟି ବ୍ଲକର ଚାଷୀମାନଙ୍କୁ ଉଚ୍ଚ ଏବଂ ମଧ୍ୟମ କିସମ ଜମିରେ ଧାନ ଚାଷ ନକରି ଅଣଧାନ ଚାଷ ଯଥା ମୁଗ, ବିରି , ଚିନାବାଦାମ, ମକା, ମାଣ୍ଡିଆ ଓ ପନିପରିବା ଚାଷ ବିଷୟରେ ବାର୍ତ୍ତା ପହଞ୍ଚାଇବ ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସିଦ୍ଧାର୍ଥ ବେଉରା ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ , ମତ୍ସ୍ୟ ବିଭାଗ, ଏବଂ ପ୍ରାଣୀ ଓ ପଶୁ ସଂପଦ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ଏହି ରଥ ୧୫ ଦିନ ଧରି ୧୭ ଗୋଟି ବ୍ଲକର ବିଭିନ୍ନ ଗ୍ରାମ ପରିଭ୍ରମଣ କରି ଚାଷୀ ମାନଙ୍କୁ ଅଣଧାନ ଚାଷ କରିବାକୁ ସଚେତନତା ସୃଷ୍ଟି କରିବ ବୋଲି ଯୋଜନା ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା କହିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଜେନା, ରମ୍ୟରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଛିନତାଇ ଗାଡି ଉଦ୍ଧାର : ବାଲିଆପାଳ ପୋଲିସକୁ ବଡ଼ ସଫଳତା



ଲଙ୍ଗଳେଶ୍ୱର , ୨୮/୮ (ନି.ପ୍ର): ବାଲିଆପାଳ ଥାନା ଅର୍ନ୍ତଗତ କୁଦମାନସିଂ ଠକର ପାତ୍ରଙ୍କ ପୁତ୍ର ସଞ୍ଜୟ କୁମାର ପାତ୍ର ଗତ ୨୬ ତାରିଖ ସନ୍ଧ୍ୟା ୭.୩୦ ରେ ଛୋଟ ଖାନପୁରରୁ କୌଣସି କାମ ପାଇଁ ବାଲିଆପାଳ ଆସୁଥିଲେ । ଆସୁ ଥିବା ସମୟରେ ଗୁନାପୁର ଗାଁ ଗଳାପୋଲ ନିକଟରେ କିଛି ଡକାୟତ ତାଙ୍କୁ ଛୁରୀ , ଲୁହା ରୋଡ଼ରେ ମାରଣାତଙ୍କ ଆକ୍ରମଣ କରି ବାଇକ୍ ଏବଂ ୭୦ ହଜାର ଟଙ୍କା ଛଡାଇ ନେଇଥିଲେ । ଏନେଇ ବାଲିଆପାଳ ଥାନାରେ ସଞ୍ଜୟ ଏକ ମାମଲା ରୁଜୁ କରି ଥିଲେ । ବାଲିଆପାଳ ଥାନା ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ଏକ ଟିମ ଗଠନ କରି ଏହାର ତଦନ୍ତ କରି ସେହ ଗାଡ଼ି ଚୋରମାନଙ୍କୁ ଧରିବା ସହିତ ସେମାନଙ୍କ ଠାରୁ ୬ ଟି ଗାଡ଼ି ଧରିବାରେ ସଫଳ ହୋଇଛନ୍ତି ।ଏକ ପ୍ରେସ ନୋଟ ଜରିଆରେ ଥାନାଧିକାରୀ ଏହା ଜଣାଇ ଛନ୍ତି ।ଛିନ ତାଇ କରିଥିବା ଲୁଟେରା ମାନେ ହେଲେ ଭଗବାନ ଦାସ, ରାନୁ ବେହେରା ଓ ସେମାନଙ୍କର କେତେ ଜଣ ସହଯୋଗୀ ।

# ଦକ୍ଷ ଓଡ଼ିଶା ବିକଶିତ ଓଡ଼ିଶା ବାର୍ତ୍ତା ନେଇ ଜିଲ୍ଲାରେ ଗଡ଼ିଲା କୌଶଳ ରଥ




ଭଦ୍ରକ, ୨୮/୮ (ନି.ପ୍ର): ପୂର୍ବ ପ୍ରସ୍ତୁତି ଓ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭଦ୍ରକ ଜିଲ୍ଲାରେ କୌଶଳ ରଥ ପରିକ୍ରମାର ଶୁଭାରମ୍ଭ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ନଡ଼ିଆ ଭାଙ୍ଗି, ଫିତାକାଟି ପତାକା ପ୍ରଦର୍ଶନ ପୂର୍ବକ ରଥ ପରିକ୍ରମାର ଶୁଭ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏସ.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ସିଟି.ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ କାର୍ଯ୍ୟକ୍ରମର ସଂଯୋଜକ ଜିଲ୍ଲା ଦକ୍ଷତା ଓ ନିୟୋଜନ ଅଧିକାରୀ ଅନୀତା ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରଥ ଭିତରେ ବୁଲି ସ୍କୁଲ କଲେଜ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଦକ୍ଷତା ବିକାଶ ନେଇ ଆଗ୍ରହ ସୃଷ୍ଟି କରାଯିବା ଉଦ୍ଦେଶ୍ୟରେ ସ୍ଥାନିତ ସମସ୍ତ ବୈଷୟିକ ବ୍ୟବସ୍ଥାକୁ ପର୍ଯ୍ୟବେକ୍ଷଣ କରିଥିଲେ । ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଦକ୍ଷ ଓଡ଼ିଶା ବିକଶିତ ଓଡ଼ିଶା ବାର୍ତ୍ତାର ପ୍ରଚାର ସହିତ ସ୍କୁଲ, କଲେଜ, ଶିଶୁଯତ୍ନ ଅନୁଷ୍ଠାନ ଆଦିର ଛାତ୍ର ଛାତ୍ରୀମାନଙ୍କୁ ନୂତନ ଜ୍ଞାନ କୌଶଳ, ବୈଷୟିକ ଶିକ୍ଷା, ଦକ୍ଷତା ବିକାଶ ଆଦି ସମ୍ପର୍କରେ ଅବଗତ କରାଇବା ଆଭିମୁଖ୍ୟ ନେଇ ରାଜ୍ୟର ସମସ୍ତ ଜିଲ୍ଲା ପରିକ୍ରମା କରୁଥିବା ଏହି କୌଶଳ ରଥ ଅଗଷ୍ଟ ୨୮ ରୁ ୩୧ ପର୍ଯ୍ୟନ୍ତ ୪ ଦିନ ଧରି ଭଦ୍ରକ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ପରିକ୍ରମା କରିବା କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି । ପୂର୍ବରୁ ଚିହ୍ନଟ କରାଯାଇଥିବା ବିଭିନ୍ନ ସ୍କୁଲ, କଲେଜ, ଶିଶୁଯତ୍ନ ଅନୁଷ୍ଠାନ ଶିଳ୍ପ ତାଲିମ୍ କେନ୍ଦ୍ର, ସରକାରୀ ପଲିଟେକ୍‌ନିକ୍ କଲେଜ ଆଦି ଶିକ୍ଷାନୁଷ୍ଠାନକୁ ଏହି ରଥ ପରିକ୍ରମା କରିବା ନେଇ ସୂଚନା ପ୍ରଦାନ କରାଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଫେଲୋସିପ୍ ଶିଶୁଯତ୍ନ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ରଥକୁ ସ୍ୱାଗତ କରାଯାଇଥିଲା । ମୁକ୍ତାଶ୍ରୟ ଗୃହ ଆସିଆନାର ଛାତ୍ରୀମାନେ ରଙ୍ଗୋଲିରେ ସ୍ୱାଗତ ଜଣାଇଥିଲେ । ଗାନ୍ଧି ଓଡ଼ିଶା ବାଳାଶ୍ରମ, ଦରିଦ୍ର ନାରାୟଣ ସେବାଶ୍ରମ, ଲାଙ୍ଗୁଡ଼ିର ଛାତ୍ରଛାତ୍ରୀମାନେ ଦକ୍ଷତା ବିକାଶର ବାର୍ତ୍ତା ନେଇ ବିଭିନ୍ନ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲେ । ଗାନ୍ଧି ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ କୁମାର ଦାସ, ଆସିଆନାର ସଂଯୋଜକ ରିଆଜ୍ ଅହମ୍ମଦ, ଫେଲୋସିପ୍‌ର ଯୋଗମାୟା ଚନ୍ଦ ପ୍ରମୁଖ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ବାଲ୍ୟ ବିବାହ ନିଷେଦ୍ଧ ଜିଲ୍ଲା ସଂଯୋଜକ ପ୍ରଦ୍ୟୁମ୍ନ ରଞ୍ଜନ ରାଉତ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଭଦ୍ରକ ଟାଉନ୍ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଉପସ୍ଥିତ ରହି ରଥର ସୁରକ୍ଷା, ଟ୍ରାଫିକ୍ ଓ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ୍ ମୂତୟନ କରିଥିଲେ । ଜିଲ୍ଲା ନିୟୋଜନ କାର୍ଯ୍ୟାଳୟର କର୍ମଚାରୀ ଜୟକିଷାନ ମଲ୍ଲିକ୍, ଗାୟତ୍ରୀ ବେହେରା, ବିଭୂତି ପାଣିଗ୍ରାହୀ, ଶୁଭସ୍ମିତା ସୂତ୍ରଧର, ଦିଲୀପ ଶେଖର ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା ସହଯୋଗ କରିଥିଲେ ।

# ବାଉଁଶବଣିଆ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ମୃତ୍ୟୁରେ ଶୋକସଭା ଅନୁଷ୍ଠିତ



ନୀଳଗିରି , ୨୮/୮ (ନି.ପ୍ର): ବାଉଁଶବଣିଆ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱର୍ଗତ ମାୟାଧର ବହଳଙ୍କ ମରଣ ଉପରକ୍ଷନ୍ତ ସ୍ମୃତି ଚାରଣ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି, ଶ୍ରୀଯୁକ୍ତ ବହଳ ଜଣେ ଦକ୍ଷ ଅଫିସର ଥିବା ସହିତ ବ୍ଲକ ପିଇଓ ସଙ୍ଘର ସମ୍ପାଦକ ଏବଂ ରାଜ୍ୟ ପିଇଓ ସଙ୍ଘର ଉପସଭାପତି ପଦ ରେ ରହିଥିଲେ ।ସେ ଜଣେ ଦକ୍ଷ ଅଫିସର ସହିତ ମିଷ୍ଟ ଭାସି, ମେଳାପୀ, ସହୃଦୟ ବ୍ୟକ୍ତି ଥିଲେ ବୋଲି ସରପଞ୍ଚ ନିରଞ୍ଜନ ବାରିକ ମତ ପ୍ରକାଶ କରିବା ସହିତ, ତାଙ୍କର ଅମର ଆତ୍ମାର ସଦ୍ଗତି କାମନା କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ନାୟବ ସରପଞ୍ଚ ସୁପ୍ରଭା ପ୍ରଧାନ, ଏମ୍ପିକେ କବିତା ନାୟକ, ମିଶନ ଶକ୍ତି ସଭାପତି ରଶ୍ମିତା ରାଉତ, ସମ୍ପାଦିକା ଜୟଶ୍ରୀ ପରିଡା, ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନ୍ମଥ ମହାପାତ୍ର, ବର୍ତ୍ତମାନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦନ ପତ୍ରି, ଜି.ଆର.ଏସ ବିଜୟ ମହାପାତ୍ର, ପୂର୍ବତନ ଜି.ଆର.ଏସ ଭାଗବତ ଜେନା ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ସିଆରପି, ଇସି ମେମ୍ବର, ରାମ ଭାଇ, ଦୀପକ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ରହି ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୀଯୁକ୍ତ ବହଳଙ୍କ ଅମର ଆତ୍ମାର ସଦ୍ଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରିବା ସହିତ ତାଙ୍କ ଜୀବନୀ ବିଷୟରେ ସବିଶେଷ ଆଲୋକପାତ କରିଥିଲେ ।

# ଆପଣା କଲା କର୍ମମାନ ପୁସ୍ତକ ଉନ୍ମୋଚିତ



କଟକ, ୨୮/୮ (ନି.ପ୍ର): ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଲେଖକ ରାଧାଶ୍ୟାମ ରାଉଳଙ୍କ ଦ୍ୱାରା ରଚିତ ବ୍ୟଙ୍ଗଗଳ୍ପ ସଂକଳନ ପୁସ୍ତକ 'ଆପଣା କଲା କର୍ମମାନ'ର ଶୁଭ ଉନ୍ମୋଚନ ଉତ୍ସବ ଗତ ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି । ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରହିତ୍ୟରେ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ, ଜଗବନ୍ଧୁ ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ବ୍ୟଙ୍ଗ ସ୍ରଷ୍ଟା, ଜ୍ଞାନ ହୋତା ମୁଖ୍ୟ ବକ୍ତା,ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, କାଳୀପ୍ରସନ୍ନ ମହାପାତ୍ର ସମ୍ମାନିତ ଅତିଥି,ବିଶିଷ୍ଟ ସାରସ୍ୱତ ସାଧକ,ଡକ୍ଟର ବିଜୟ କୁମାର ଶତପଥୀ,ବରେଣ୍ୟ ଅତିଥି ତଥା ପୁସ୍ତକ ସମୀକ୍ଷକ ଭାବେ ଯୋଗ ଦେଇଥିଲେ । ସିଦ୍ଧେଶ୍ ପବ୍ଲିଶିଙ୍ଗ୍ ହାଉସ୍ ଦ୍ୱାରା ପ୍ରକାଶିତ 'ଆପଣା କଲା କର୍ମମାନ' ପୁସ୍ତକକୁ ଅତିଥିମାନେ ବିଭିନ୍ନ ଦୃଷ୍ଟିକୋଣରୁ ସମୀକ୍ଷା କରିବା ସହ ରମ୍ୟ ଓ ବ୍ୟଙ୍ଗ ସାହିତ୍ୟର ଶୈଳୀ, ଧାରା ଉପଧାରା ଓ ପରମ୍ପରା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ । ଲେଖିକା ଶକ୍ତିପ୍ରଦା ମହାପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ, ଲେଖିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମନୋଜ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପୁସ୍ତକ ପ୍ରକାଶିକା, ପ୍ରୀତିମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ । ଉତ୍ସବରେ ବିଶିଷ୍ଟ ରମ୍ୟରଚନା ଲେଖକ ଡକ୍ଟର ନାରାୟଣ ମହାନ୍ତି, ସୌରାଂଶୁ ପଟ୍ଟନାୟକ, ଡକ୍ଟର ଧର୍ମଛଡା, ଦେବାଶିଷ ସାମନ୍ତରାୟ, ପ୍ରସନ୍ନ କୁମାର ସ୍ୱାଇଁ, ଭରତ ବେହେରା, ସ୍ମୃତି ପଟ୍ଟନାୟକ, ରବିନାରାୟଣ ଦାସ, ଅରୁଣା ସାମନ୍ତରାୟ, ବବିତା ଦାସ ମହାପାତ୍ର, ରାଜୀବ ଷଡ଼ଙ୍ଗୀ, ଲକ୍ଷ୍ମୀଛଡା, ବିନ୍ଦୁସାଗର ଓଝା, ସୁବ୍ରତ କୁମାର ମୁଖାର୍ଜୀ, ସନ୍ତୋଷ କୁମାର ସାମନ୍ତରାୟ, ଦେବଜ୍ୟୋତି ଦାସ, ତ୍ରିଲୋଚନ ବେହେରା, ସୁଶାନ୍ତ କୁମାର ସାହୁ, ନିରଞ୍ଜନ ପାତ୍ର, ବିଜୟ କୁମାର ନାୟକ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ, ପ୍ରାଧାପକ ଆଦିତ୍ୟ ପ୍ରତାପ ଧଳ, କୋଷାଧକ୍ଷ ଶିବାଶିଷ କର, ପାଠାଗାର ସମ୍ପାଦକ, ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟନିର୍ବାହିଁକା ସମିତି ସଭ୍ୟ, ବ୍ରହ୍ମାନନ୍ଦ ମହାନ୍ତି, ଗାୟତ୍ରୀ ଦେବୀ, ସରୋଜିନୀ ମିଶ୍ର, ଶଶୀକାନ୍ତ ରାଉତ, ମୁରଲୀଧର ଶତପଥୀ, ତପନ କୁମାର ସ୍ୱାଇଁ, ଦିଲୀପ ଦାସ ଓ ଅନେକ ସାହିତ୍ୟିକ, ବୁଦ୍ଧିଜୀବୀ, ସଜ୍ଜନ ମଣ୍ଡଳୀ ଉପସ୍ଥିତ ଥିଲେ ।

# ସାମାଜିକ ସୁରକ୍ଷାରୁ ବଂଚିତ ନୋଧା ଜନଜାତିର ବିଧବା ମହିଳା 'ରଜନୀ'

ଉଦଳା , ୨୮/୮ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ନେଦାମ ଗ୍ରାମର ବାସିନ୍ଦା ନୋଧା ଜନଜାତିର ବିଧବା ମହିଳା ରଜନୀ ମଳିକ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ବଂଚିତ ଅଛନ୍ତି । ଖବର ନେବାରୁ ଜଣାଯାଇଛି ରଜନୀଙ୍କର ସ୍ୱାମୀ ସୁରେଶ ମଳିକଙ୍କର ଆଜକୁ ୨ ବର୍ଷ ପୁର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ଆଜକୁ ୨ ବର୍ଷ ଧରି ରଜନୀ ବିଧବା ଜୀବନ ବିତାଇବା ସହ ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଭତା ଟଙ୍କା ପାଇବା ପାଇଁ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ବାରମ୍ବାର ହୋଇ ମଧ୍ୟ କୌଣସି ସୁଫଳ ପାଇନଥିବାର କଥା ଜଣାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ସିଟୁ ପକ୍ଷରୁ ସମ୍ବାଦଦାତା ସମ୍ମିଳନୀ

ନୀଳଗିରି, ୨୮/୮ (ନି.ପ୍ର): ଆଜି ସିଆଇଟିୟୁ ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଛି ।ପାଚିକା ଓ ସହାୟକ ସଂଘ ପକ୍ଷରୁ ପନ୍ଦର ଦଫା ଦାବୀ ନେଇ, ଭୁବନେଶ୍ୱର ରେ ଆଗାମୀ ସେପ୍ଟେମ୍ବର ୩ତାରିଖ ବିଧାନସଭା ଘେରାଉ କରାଯିବ । ବାଲେଶ୍ୱରରୁ ଏକ ହଜାରରୁ ଅଧିକ ପାଚିକା ଏହି ଘେରାରେ ସାମିଲ ହେବେ ।ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆବାହକ ବିଜୟ ପାତ୍ର, ରାଜକିଶୋର ଲେଙ୍କା, ପାଚିକା ରାଜ୍ୟ ସାଧାରଣ ସଂପାଦକ ଇଶାନୀ ଷଡଙ୍ଗୀ, ମୃତ୍ୟୁଞ୍ଜୟ ରାଉତ ,ପୂର୍ଣ୍ଣିମା ବେହେରା, କନକ ଦାସ, ମଞ୍ଜୁଲତା ଦାସ, ମନ୍ମଥ ବେହେରା ଉପସ୍ଥିତ ଥିଲେ । ପାଚିକା ଓ ସହାୟିକାଙ୍କୁ ସରକାରୀ ମାନ୍ୟତା, ବେଆଇନ ଛଟେଇ ବନ୍ଦ, ମାସିକ ଦରମା ୨୬'୦୦୦/- ଟଙ୍କା କରାଯାଉ, ବର୍ଷକୁ ଦୁଇଟି ଶାଢ଼ି ପ୍ରଦାନ, ୨୪ ମାସର ବକେୟା ଦରମା ଦିଅ, ଅବସର ବୟସ ୬୨ ବର୍ଷ କରାଯାଉ ଆଦି ୧୫ଦଫା ଦାବୀ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯିବ ବୋଲି କୁହା ଯାଇଛି ।

# ବେତନଟୀ ବ୍ଲକ ଓଷ୍ଟାର ନୂତନ କମିଟି ଗଠନ



ବେତନଟୀ, ୨୮/୮ (ନି.ପ୍ର): ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ଛଚିନାପଦା ଠାରେ ବେତନଟୀ ବ୍ଲକ ଓଷ୍ଟା ର ସାମ୍ବିଧାନିକ ସମ୍ମୀଳନୀ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି ।ଜିଲ୍ଲା କାର୍ଯ୍ୟକାରି ସଭାପତି ଦୟାନିଧି ମହାନ୍ତ,ସଂପାଦକ କିଶୋର କୁମାର ଆଚାର୍ଯ୍ୟ,ଯୁଗ୍ମ ସଂପାଦକ ପ୍ରଭାସ କୁମାର ନାୟକ, ବିକାଶ କୁମାର ପଣ୍ଡା, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ବିଶ୍ୱାଳ, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଦେବରାଜ ନାୟକ, କେଦାରନାଥ ଧଳ ପ୍ରଭୃତି ଏହି ସମ୍ମିଳନୀରେ ଯୋଗଦାନ କରିଥିଲେ ।ସର୍ବସମ୍ମତି କ୍ରମେ ଆସନ୍ତା ତିନି ବର୍ଷ ପାଇଁ ବେତନଟୀ ବ୍ଲକ ଓଷ୍ଟା ର ନୂତନ କମିଟି ଗଠନ ହୋଇଥିଲା । ସଭାପତି ଭାବେ ଶିଶିର କୁମାର ନାୟକ,ଉପ ସଭାପତି ପ୍ରକାଶ କେଶରୀ ପ୍ରଧାନ,ବିନତୀ ନାୟକ, ସଂପାଦକ ସୂର୍ଯ୍ୟାନନ୍ଦ ନାୟକ,ଯୁଗ୍ମ ସଂପାଦକ ଧିରେନ୍ଦ୍ର କୁମାର ପ୍ରଧାନ, ନରହରି ମହାନ୍ତ,ଭାଗ୍ୟଶ୍ରୀ ହୋତା, କୋଷାଧକ୍ଷ ନିତ୍ୟାନନ୍ଦ ମହାନ୍ତ,ରାଜ୍ୟ ପରିଷଦ ସଭ୍ୟ ବିଜୟ କୁମାର ପଣ୍ଡିତ, ଜୟନ୍ତ କୁମାର ପଣ୍ଡା, ରଂଜନ କୁମାର ବାରିକ, ଜିଲ୍ଲା ପରିଷଦ ସଭ୍ୟ ଟିକାୟତ ମହାନ୍ତ, ପ୍ରଦ୍ୟୁମ୍ନ ଭୂୟାଁ, ଅନିଲ କୁମାର ମହାନ୍ତ, ଭବାନୀ ଶଂଙ୍କର ବାଗ,ଅଜୟ କୁମାର ବାରିକ, ଚକ୍ରଧର ମହାନ୍ତ, ବ୍ଲକ୍ ଶିକ୍ଷୟିତ୍ରୀ କମିଟି ର ସଭାପତି ନନ୍ଦିତା ମହାନ୍ତି ସର୍ବ ସମ୍ମତି କ୍ରମେ ନିର୍ବାଚିତ ହେଇଥିଲେ । ବ୍ଲକ୍ ଉପଦେଷ୍ଟା କମିଟି ରେ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଅଜିତ କୁମାର ଜେନା, ପ୍ରତାପ କୁମାର ପାତ୍ର,ବିମଳ କୁମାର ଜେନା, ଦେବେନ୍ଦ୍ର ମୁର୍ମୁ, ରବିନ୍ଦ୍ର କୁମାର ସାମନ୍ତରାୟ, ସୁନ୍ଦର ମୋହନ ବେହେରା,ହରିହର ପ୍ରଧାନ, ଜୟନ୍ତ କୁମାର ମହାନ୍ତ ,ତ୍ରୟଲୋକେଶ୍ୱର ମିଶ୍ର ପ୍ରଭୃତି ମନୋନୀତ ହୋଇଥିଲେ । ସର୍ବଶେଷରେ ରଘୁନାଥ ଉଚ୍ଚ ବିଦ୍ୟାଳୟ ରାଇକମା ର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ଷୀରୋଦା ମଣି ନୃତ୍ୟ ସଂଗୀତ ବିଦ୍ୟାଳୟର ଶୁଭ ଉଦ୍‌ଘାଟନ ଉତ୍ସବ



ବାଲିଆପାଳ / ଲଙ୍ଗଳେଶ୍ୱର , ୨୮/୮ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା ସ୍ଥିତ କ୍ଷିରୋଦା ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆଜି କ୍ଷୀରୋଦାମଣି ନୃତ୍ୟ ସଂଗୀତ ବିଦ୍ୟାଳୟର ଶୁଭ ଉଦଘାଟନ ହୋଇଯାଇଛି । ଶିଶୁ ବିଦ୍ୟା ମନ୍ଦିରର ପ୍ରାଣ ପ୍ରତିଷ୍ଠାତା ଅବସରପ୍ରାପ୍ତ ସେନାଧିକାରୀ ମାନସ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅଧାପକ ଡଃ ସୁକାନ୍ତ କୁମାର ଗିରି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅମର୍ଦ୍ଦା ସ୍ଥିତ ସିଦ୍ଧେଶ୍ୱର ସଂଗୀତ ନୃତ୍ୟ ବିଦ୍ୟାଳୟର ଡାଇରେକ୍ଟର ତାପସ କୁମାର ବେହେରା ,ସଂଗୀତ ଗୁରୁ ପ୍ରଫୁଲ୍ଲ କୁମାର ପାଢୀ, ତବଲିଷ୍ଟ ରଞ୍ଜିତ୍ କୁମାର ଜେନା, ନୃତ୍ୟଗୁରୁମା ଆର୍ଯ୍ୟସ୍ମୃତି ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ର,ଗୁରୁମା କୃଷ୍ଣା ସୁର,ଝୁନାରାଣୀ ଦାସ, ବିଷ୍ଣୁପ୍ରିୟା କୁହ୍ଲାରୀ,ଗୁରୁଜୀ ଜଳଧର ଦେ,ନିର୍ମଳ ଧଳ,ସୁକାନ୍ତ ପ୍ରଧାନ ,ରାଜେଶ ଦେ ପ୍ରମୁଖ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo